

# ଜଗନ୍ନାଥ ଏକ୍ସପ୍ରେସ୍

# JAGANNATH EXPRESS



RNI Regn No- ODIODI/2014/57766.

Vol.11 . No.83 Bhubaneswar, Friday, November 29, 2024 ବର୍ଷ- ୧୧ ସଂଖ୍ୟା-୮୩ ଭୁବନେଶ୍ୱର ଶୁକ୍ରବାର, ନଭେମ୍ବର ୨୯.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/-

# ଭୁବନେଶ୍ୱରକୁ ଖଲିସ୍ତାନୀ ଆତଙ୍କବାଦୀଙ୍କ ଧମକ

ଭୁବନେଶ୍ୱର,୨୮/୧୧: ଆସନ୍ତାକାଲି ଆରମ୍ଭ ହେବ ସର୍ବଭାରତୀୟ ଡିଜିପି ଓ ଆଇଜି ସମ୍ମିଳନୀ । ଏହି ୩ଦିନିଆ ସମ୍ମିଳନୀରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ସମସ୍ତ ରାଜ୍ୟର ୯୦ରୁ ୯୫ଜଣ ଡିଜିପି ଓ ଆଇଜି ପାହ୍ୟାର ଅଧିକାରୀଙ୍କ ସମେତ ଭିଭିଆଇପିମାନେ ଆସୁଛନ୍ତି । ଏଥିପାଇଁ ସମଗ୍ର ଭୁବନେଶ୍ୱରକୁ ପୁଲିସ ବଳୟରେ ରଖାଯିବା ସହ ହାଇଆଲର୍ଟରେ ଜାରି କରାଯାଇଛି । ଏହାରି ମଧ୍ୟରେ ଧମକ ଦେଇଛି ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂହ ପନ୍ନୁ । ଏକ ଭିଡିଓ ବାର୍ତ୍ତା ଜାରି କରି ପନ୍ନୁ ଏହି ଧମକ ଦେଇଛି । ପନ୍ନୁର ଏହି ଧମକପୂର୍ଣ୍ଣ ବାର୍ତ୍ତାକୁ ନେଇ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି । ଭିଡିଓ ବାର୍ତ୍ତାରେ ପନ୍ନୁ କହିଛି ଯେ, ହିନ୍ଦୁତ୍ୱ ଚିନ୍ତାଧାରା ଅଧୀନରେ ଏହି ଡିଜିପି ସମ୍ମିଳନୀ କରାଯାଉଛି । ଖଲିସ୍ତାନ ଶିଖଙ୍କ ସମର୍ଥନକାରୀ, କାଶ୍ମୀରୀ ଯୋଦ୍ଧା, ଆତଙ୍କବାଦୀ ଏବଂ ମାଓବାଦୀଙ୍କୁ ହତ୍ୟା କରିବାକୁ ଯୋଜନା କରାଯାଉଛି । ମୋଦୀ-ଶାହ-ଡୋଭାଲ ଭୁବନେଶ୍ୱରକୁ ବଡ଼ ବିପଦ ଆଣୁଛନ୍ତି ବୋଲି ସେ କହିଛି । ଛଦ୍ମବେଶରେ ଆସି ଭୁବନେଶ୍ୱରର ମନ୍ଦିର, ହୋଟେଲରେ ଲୁଚି ରହି ଏହି ସମ୍ମିଳନୀକୁ ଭଣ୍ଡୁର କରିବାକୁ ପନ୍ନୁନ ଖଲିସ୍ତାନୀମାନଙ୍କୁ ଆହ୍ୱାନ କରିଛି । ତେବେ ଏଭଳି ଧମକପୂର୍ଣ୍ଣ ବାର୍ତ୍ତାକୁ ନେଇ ଡିଜିପି ୱାଇ.ବି. ଖୁରାନିଆ କହିଛନ୍ତି ଯେ, ଯେକୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଖବର ଅନୁଯାୟୀ, ପ୍ରଥମ ଥର ଲାଗି



ଓଡିଶାରେ ଏହି ସମ୍ମିଳନୀ ହେଉଥିବାରୁ କମିସନରେଟ ପୁଲିସ ପକ୍ଷରୁ ସୁରକ୍ଷାକୁ କଡାକଡି କରାଯାଇଛି । ସହରରେ ପ୍ରାୟ ୬୫ରୁ ୭୦ ପ୍ଲାଟୁନ ପୁଲିସ ଫୋର୍ସ ଓ ୧୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଇଛି । ୫ ପ୍ଲାଟୁନ ଲେଖାଏଁ ସିଆରପିଏଫ୍ ଓ ବିଏସ୍ଏଫ୍ ଯବାନଙ୍କୁ ବିଭିନ୍ନ ସ୍ଥାନରେ ଅବସ୍ଥାପିତ କରାଯାଇଛି । ଏଥିସହ କ୍ୱିକ୍ ରିଆକ୍ସନ ଟିମ୍ ପାଟ୍ରୋଲିଂକୁ କଡାକଡି କରିବା ସହ ପୂରା ସହରକୁ ସିସିଟିଭି ସର୍ଭିଲାନ୍ସରେ ରଖାଯାଇଛି । ଏହା ସହିତ ଲୋକସେବାଭବନ ସମ୍ମେଳନ କକ୍ଷ ଭିତରେ ଏସ୍ ?ପିଜି ଯବାନମାନେ ସାଦାପୋଷାକରେ ମୁତୟନ ହେବେ । କକ୍ଷ ବାହାରେ ପୁଲିସ ସୁରକ୍ଷାବଳ ଓ କେନ୍ଦ୍ର ସଶସ୍ତ୍ର ବାହିନୀ ଜଗିରହିବେ । ଆସନ୍ତାକାଲି ସମସ୍ତ ରାଜ୍ୟର ଡିଜି ଓ ଆଇଜିଙ୍କ ସମେତ ଗୃହବିଭାଗ ଅଧୀନରେ ଥିବା ସମସ୍ତ ସଂସ୍ଥାର ମୁଖିଆମାନେ ଆସି ଭୁବନେଶ୍ୱରରେ ପହଞ୍ଚିବେ । ସେମାନେ ଭୁବନେଶ୍ୱର ବିମାନବନ୍ଦରରୁ ଆସି ଅତିଥିଭବନରେ ପହଞ୍ଚି ରାତ୍ରୀଯାପନ କରିବେ । ଏଥିନିମନ୍ତେ ଗତକାଲି କାରକେଡ ରିହରର୍ସାଲ କରାଯାଇଛି । ଯେଉଁ ସବୁ ଅଞ୍ଚଳରେ ପୁଲିସ ଅଧିକାରୀମାନେ ରହିବେ, ସେହି ଅଞ୍ଚଳ ସୁରକ୍ଷା ଦାୟିତ୍ୱ ଜଣେ ଲେଖାଏଁ ଆଇଜି ପାହ୍ୟର ପୁଲିସ ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଇଛି । ଅନ୍ୟପକ୍ଷରେ ରାଜଧାନୀରେ ଟ୍ରାଫିକ ଜାମ୍ ଏଡାଇବା ଲାଗି ୪ଜଣ ବରିଷ୍ଠ ଆଇପିଏସ୍ ?ଙ୍କୁ ଦାୟିତ୍ୱ ଦିଆଯାଇଛି । ଟ୍ରାଫିକ ପରିଚାଳନାରେ ଦୁଇ କମ୍ପାନୀ ସିଆରପିଏଫ୍ ଫୋର୍ସ ମୁତୟନ ହେବାକୁ ଥିବାବେଳେ ମୋଟ୍ ୬୦୦ଜଣଙ୍କୁ ଟ୍ରାଫିକ ପରିଚାଳନା ଦାୟିତ୍ୱ ଦିଆଯାଇଛି । ଏଥିସହ ୩ ଅତିରିକ୍ତ ଏସ୍ ?ପି ଓ ୧୬ଜଣ ଇନ୍ସପେକ୍ଟର ପାହ୍ୟାର ଅଧିକାରୀଙ୍କୁ ରୁଟ ଲାଇନିଂ ଓ ଟ୍ରାଫିକ ପରିଚାଳନା ତଦାରଖ କରିବେ । ଆଖପାଖ ଜିଲ୍ଲାରୁ ଅତିରିକ୍ତ ଏସ୍ପି ଓ ଡିଏସ୍ପିମାନଙ୍କୁ ରାଜଧାନୀର ସୁରକ୍ଷାରେ ନିୟୋଜିତ କରାଯାଇଛି । ଏହି ସମ୍ମିଳନୀ ପୁଲିସ କର୍ମଚାରୀ ଓ ଅତିଥିମାନେ ଯିବା ଆସିବା ସହ ପାଇଲଟିଂ ବ୍ୟବସ୍ଥା ଲାଗି ୪୦୦ରୁ ଅଧିକ ଗାଡିକୁ ପୁଲିସ ଭଡାରେ ଆଣିଛି । ଅନ୍ୟପକ୍ଷରେ ଅଗ୍ନିଶମ ବାହିନୀ ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି କରାଯାଇଛି । ୨୫ଜଣ ଅଧିକାରୀଙ୍କ ସମେତ ୧୪୦ଜଣ ଅଗ୍ନିଶମ କର୍ମଚାରୀଙ୍କ ସହ ବିଭିନ୍ନ ପ୍ରକାରର ୧୦ଟି ଦମକଳ ଗାଡି ନିୟୋଜନ ହେବ ବୋଲି ସୂନା ମିଳିଛି ।

## ଆଜି ଓଡ଼ିଶା ଆସୁଛନ୍ତି ମୋଦି ରାଜଧାନୀରେ ଚେକିଂ କଡ଼ାକଡ଼ି



ଭୁବନେଶ୍ୱର,୨୮/୧୧:ଆସନ୍ତାକାଲି ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନଭେନସନ ସେଣ୍ଟରରେ ଡିଜିପି ସମ୍ମିଳନୀ ଅନୁଷ୍ଠିତ ହେବ । ଏହା ଡିସେମ୍ବର ୧ ପର୍ଯ୍ୟନ୍ତ ଚାଲିବ । ଏହି ସମ୍ମିଳନୀରେ ଯୋଗ ଦେବାକୁ ଆସନ୍ତାକାଲିଠାରୁ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ବି ଓଡ଼ିଶା ଆସୁଛନ୍ତି । ତେଣୁ ଡିଜିପି ଓ ଆଇଜି ସମ୍ମିଳନୀ ପାଇଁ ସୁରକ୍ଷା ବଳୟରେ ରହିଛି ଭୁବନେଶ୍ୱର । ଆସନ୍ତାକାଲି ଅପରାହ୍ନ ୪ଟା ୨୦ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବେ । ତା'ପୂର୍ବରୁ ଭୁବନେଶ୍ୱରରେ ପହଞ୍ଚିବେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ । ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଗସ୍ତ ପାଇଁ ରାଜଧାନୀ ଭୁବନେଶ୍ୱରରେ ହୋଇଛି କଡ଼ା ସୁରକ୍ଷା ବ୍ୟବସ୍ଥା । ସହରର ସମସ୍ତ ଏଣ୍ଟ୍ରି ପଏଣ୍ଟକୁ ସିଲ୍ କରି କଡ଼ା ଯାଞ୍ଚ କରୁଛନ୍ତି ପୁଲିସ ଓ ବିଏସଏଫ । ଭୁବନେଶ୍ୱର ଭିତରକୁ ଆସୁଥିବା ଗାଡ଼ି ଓ ବାହାରକୁ ଯାଉଥିବା ସମସ୍ତ ଗାଡ଼ିର ତନଖି କରାଯାଉଛି । ପିଏମଙ୍କ ଗସ୍ତ ପାଇଁ ରାତିସାରା ଭୁବନେଶ୍ୱରର ବିଭିନ୍ନ ଏଣ୍ଟ୍ରି ପଏଣ୍ଟରେ କଡ଼ା ଚେକିଂ କରାଯାଇଛି । ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିବା ସ୍ଥାନରେ 'ନୋ ଫ୍ଲାଇଙ୍ଗ ଜୋନ୍' ଘୋଷଣା କରାଯାଇଛି । କାର୍ଯ୍ୟକ୍ରମ ସମୟରେ ଏହି ସବୁ ସ୍ଥାନରେ କୌଣସି ଡ୍ରୋନ୍ ଉଡ଼ି ପାରିବ ନାହିଁ । ରାଜଧାନୀରେ ସୁରକ୍ଷା କଡ଼ାକଡ଼ି କରାଯାଇଛି । ଚାରିଆଡ଼େ ପଇଁତରା ମାରୁଛନ୍ତି ବିଏସଏଫ୍ ଯବାନ । ରାଜ୍ୟ ଅତିଥି ଭବନରୁ ଆରମ୍ଭ କରି ଆଖପାଖ ଅଞ୍ଚଳରେ ସଶସ୍ତ୍ର ବିଏସଏଫ ଯବାନ ମୁତୟନ କରାଯାଇଛି । ସବୁ ବିଲଡିଂକୁ ତନ୍ନତନ୍ନ କରି ଯାଞ୍ଚ କରିବା ସହ କଡ଼ା ନଜର ରଖାଯାଇଛି । ଡିଜିପି ସମ୍ମିଳନୀ ପାଇଁ ସଜେଇ ହୋଇଛି ଭୁବନେଶ୍ୱର । ରାଜ୍ୟ ଅତିଥି ଭବନଠୁ ଆରମ୍ଭ କରି ରାସ୍ତାଘାଟ ସବୁଠି ସାଜସଜ୍ଜା ଚାଲିଛି । ରଙ୍ଗୀନ୍ ଆଲୋକମାଳାରେ ଝଲସୁଛି ରାଜଧାନୀ । ସବୁଠି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ପ୍ରସ୍ତୁତି । ସମ୍ମିଳନୀ ହେବାକୁ ଥିବା ଲୋକସେବା ଭବନ କନଭେନସନ୍ ସେଣ୍ଟର ଏବଂ ଷ୍ଟେଟ୍ ଗେଷ୍ଟ ହାଉସରେ ପ୍ରସ୍ତୁତି କିଭଳି ହୋଇଛି ଏବଂ କେଉଁ ପର୍ଯ୍ୟାୟରେ ପହଞ୍ଚିଛି ସେନେଇ ବୁଲି ଦେଖିଛନ୍ତି ମୁଖ୍ୟମନ୍ତ୍ରୀ ।

## 'ୖ୫ ଦିନରେ ସରିବ ସୁଭଦ୍ରା ଯାଞ୍ଚ ଯୋଗ୍ୟ ମହିଳା ପାଇବେ ଟଙ୍କା'



ଭୁବନେଶ୍ୱର,୨୮/୧୧: ୧୫ ଦିନ ଭିତରେ ସରିବ 'ସୁଭଦ୍ରା' ରିଜେକ୍ସନ ଯାଞ୍ଚ ପ୍ରକ୍ରିୟା । ଯେଉଁମାନେ ଯୋଗ୍ୟ ହିତାଧିକାରୀ ହୋଇଥିବେ, ସେମାନେ ଟଙ୍କା ପାଇବେ । ଆଜି ଏହି ନେଇ ସୂଚନା ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁ ଜାଗାରେ ଅଧିକ ରିଜେକ୍ସନ ଅଛି, ସେହି ସ୍ଥାନକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ମାଲକାନଗିରି, ଗଜପତି ଓ କୋରାପୁଟ ଜିଲ୍ଲାରେ ଅଧିକ ରିଜେକ୍ସନ ହୋଇଛି । ମାଲକାନଗିରିରୁ ୨ ବ୍ଲକରୁ ରିପୋର୍ଟ ଆସିଥିଲା । ସିଡିପିଓଙ୍କ ଦାୟିତ୍ୱରେ ସେଠି କାଲିଠୁ ଟିମ୍ ପହଞ୍ଚିଛନ୍ତି । ସେଠାରେ ଯାଞ୍ଚ ଚାଲିଛି । ୧୫ ଦିନ ଭିତରେ 'ସୁଭଦ୍ରା'ର ଯାଞ୍ଚ ପ୍ରକ୍ରିୟା ସରିଯିବ । ଯେଉଁମାନେ ଯୋଗ୍ୟ ହିତାଧିକାରୀ ଚତୁର୍ଥ ପର୍ଯ୍ୟାୟରେ ଆମେ ତାଙ୍କୁ ସାମିଲ କରିବୁ । ସୁଭଦ୍ରା ଆବେଦନ କରିବା ବେଳେ ପ୍ରଥମେ ସର୍ଭର ଡାଉନ ହୋଇଥିଲା । ସେତେବଳେ ଯେଉଁମାନେ ଆବେଦନ କରିଥିଲେ, ସେମାନେ ଆଉ ଦ୍ୱିତୀୟ ଥର ଆବେଦନ କରି ନାହାନ୍ତି । ସେମାନଙ୍କର ରିଜେକ୍ଟ ହୋଇଯାଇଛି । ୧କୋଟିଏ ୬ ଲକ୍ଷ ମହିଳା ସୁଭଦ୍ରା ଆବେଦନ କରିଛନ୍ତି । ସେଥିମଧ୍ୟରୁ ୨ଲକ୍ଷ ୬୪ ଜଣଙ୍କର ରିଜେକ୍ଟ ହୋଇଯାଇଛି । ରିଜେକ୍ଟ ହୋଇଥିବା ୨୫ପ୍ରତିଶତଙ୍କର ଯାଞ୍ଚ ସରିଛି । ବାକି ଆଉ ସବୁ ରହିଛି ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି । ୨୧ ବର୍ଷ ପୂରିଥିଲ 'ସୁଭଦ୍ରା' ଆବେଦନ କରିପାରିବେ । ଯେଉଁମାନଙ୍କର ଏହି ମାସରେ ୨୧ ବର୍ଷ ପୂରିଥିବ ସେ ବି ସୁଭଦ୍ରା ପାଇଁ ଆବେଦନ କରି ପାରିବେ । ଆବେଦନ କଲେ ସୁଭଦ୍ରା ଟଙ୍କା ପାଇପାରିବେ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ । ଗତ ସେପଟ୍ମ୍ବେର ୧୭ ତାରିଖରେ, ଅକ୍ଟୋବର ୯ ଓ ନଭେମ୍ବର ୨୪ ତାରିଖରେ ୩ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ପ୍ରଦାନ କରାଯାଇ ସାରିଛି । ଏହି ଯୋଜନାରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବାକୁ ଟାର୍ଗେଟ ରଖିଛନ୍ତି ରାଜ୍ୟ ସରକାର ।

## ରାଜଧାନୀରେ ଚାଲିଛି ସେକ୍ସ ରାକେଟ

ଭୁବନେଶ୍ୱର,୨୮/୧୧: ବାଂଲାଦେଶୀ ନାବାଳିକାଙ୍କୁ ନେଇ କଟକ-ଭୁବନେଶ୍ୱରରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଆଜି ଖଣ୍ଡଗିରିରେ ଠାବ ହୋଇଛି ସେକ୍ସ ରାକେଟ୍ । ଦୀର୍ଘ ଦିନ ଧରି ସେଠାରେ ସେକ୍ସ ରାକେଟ୍ ଚାଲିଥିବା ଅଭିଯୋଗ ହୋଇଛି । ନୟାଗଡ଼ର ରାଣୀ ମହୁମାଛି ଯୁବତୀମାନଙ୍କୁ ଦେହ ବେପାର କାର୍ଯ୍ୟରେ ନିୟୋଜିତ କରିଥିବା ଚର୍ଚ୍ଚା ହେଉଛି । କମିସନରେଟ୍ ପୁଲିସ୍ ୪ ଯୁବତୀଙ୍କୁ ଉଦ୍ଧାର କରିଥିବା ବେଳେ ରାଣୀ ମହୁମାଛି ଚମ୍ପଟ ମାରିଛି । ଖଣ୍ଡଗିରିରେ ଦୀର୍ଘ ଦିନ ଧରି ଚାଲିଥିଲା ସେକ୍ସ ରାକେଟ । ନୟାଗଡ଼ ଅଞ୍ଚଳର ଜଣେ ମହିଳା ଘର ଭଡ଼ା ନେଇ ୪ ଯୁବତୀଙ୍କୁ ରଖି ଦେହ ବେପାର କାମରେ ନିୟୋଜିତ କରୁଥିଲେ । ବହୁ ନାମୀଦାମୀ ଲୋକେ ଦେହର ଶୁଖ ନେବା ପାଇଁ ପ୍ରତି ସନ୍ଧ୍ୟାରେ ସେଠାରେ ଭିଡ଼ ଜମାଉଥିବା ଅଭିଯୋଗ ହୋଇଥିଲା । ବିଶେଷ ସୂତ୍ରରୁ ଖବର ପାଇଁ ଆଜି କମିସନରେଟ୍ ପୁଲିସ୍ ସେହି ଘରେ ଚଢ଼ଉ କରିଥିଲା । ଚଢ଼ଉ ସମୟରେ ଘର ଭିତରେ ୪ ଯୁବତୀ ଥିବା ଦେଖିବାକୁ ପାଇଥିଲା । ପୁଲିସ୍ ସେମାନଙ୍କୁ ଉଦ୍ଧାର କରିବା ସହିତ ବହୁ ଆପତ୍ତିଜନକ ସାମଗ୍ରୀ ଜବତ କରିଛି । ଉଦ୍ଧାର ହୋଇଥିବା ଯୁବତୀମାନେ ଓଡ଼ିଶାର । ତେବେ ରାଣୀ ମହୁମାଛି ଚମ୍ପଟ ମାରିଛି । ତାଙ୍କୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି । ପୁଲିସ୍ ଘର ମାଲିକଙ୍କୁ ଅଟକ ରଖି ପଚରାଉଚରା କରୁଛି । ତେବେ ଏଥିରେ ବାଂଲାଦେଶୀ ନାବାଳିକା ସେକ୍ସ ରାକେଟ୍ ସହିତ କୌଣସି ସମ୍ପର୍କ ନାହିଁ ବୋଲି ପୁଲିସ୍ କହୁଛି । ତେବେ ଏଠି ପ୍ରଶ୍ନ ଉଠୁଛି, କଟକରୁ ବାଂଲାଦେଶୀ ନାବାଳିକା ସେକ୍ସ ରାକେଟ୍ ଠାବ ହେଲା ପରଠାରୁ କମିସନ୍ରେଟ୍ ପୁଲିସ୍ ତତ୍ପର ହୋଇଛି । ସେକ୍ସ ରାକେଟ୍ରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ଦ୍ୱୈତ ନଗରୀରେ ଘନଘନ ଚଢ଼ଉ କରିଛି । ଏଥିସହ ଆଗକୁ ଭୁବନେଶ୍ୱରରେ ବହୁ ବଡ଼ବଡ଼ କାର୍ଯ୍ୟକ୍ରମ ଆୟୋଜନ ହେବାର ରହିଛି । ଯେଉଁଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରିଛି କମିସନରେଟ୍ ପୁଲିସ୍ । ଏହା ପରେ ମଧ୍ୟ ଖଣ୍ଡଗିରି ପରି ହାଇପ୍ରୋଫାଇଲ ଅଞ୍ଚଳରେ ସେକ୍ସ ରାକେଟ୍ ଚାଲିଥିଲା । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ।

## ନିର୍ମାଣ ହେବ ଜଳଭଣ୍ଡାର ଓ ବ୍ୟାରେଜ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮/୧୧: ମହାନଦୀ ଅବବାହିକାରେ ନିର୍ମାଣ ହେବ ଜଳଭଣ୍ଡାର । ଜଳଭଣ୍ଡାର ପ୍ରକଳ୍ପ ସହ ବ୍ୟାରେଜ ନିର୍ମାଣ ହେବ । ପ୍ରକଳ୍ପ ପାଇଁ ସର୍ବେକ୍ଷଣ ଓ ଅନୁସନ୍ଧାନ କାର୍ଯ୍ୟ ଚାଲିଛି । ଏ ନେଇ ବିଧାନ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି । ସେହିପରି ଆଜି ବିଧାନସଭା ଶୀତକାଳୀନ ଅଧିବେଶନର ତୃତୀୟ ଦିନ । ବିଧାନସଭାରେ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିଛି । ବାଚସ୍ପତି ସୁରମାପାଢୀଙ୍କ ଅଧ୍ୟକ୍ଷରେ ବିଧାନ ସଭାର ପ୍ରଶ୍ନକାଳ ଆରମ୍ଭ ହୋଇଛି । ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରୁଛନ୍ତି ବିଧାୟକ । ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖୁଛନ୍ତି ବିଭାଗୀୟ ମନ୍ତ୍ରୀ ।

## ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ଭୁବନେଶ୍ୱର,୨୮/୧୧: ରାଜ୍ୟରେ ଗତ ୨୦ ତାରିଖରୁ ଖୋଲିଛି ଧାନମଣ୍ଡି । ତେବେ ବର୍ଷ ବର୍ଷ ଧରି ଟୋକନ୍ ଟେନସନ୍, ମିଲର୍ସଙ୍କ ମନମାନି ଓ କଟନୀ ଛଟନୀରେ ଧନ୍ଦି ହେଉଥିବା ଚାଷୀଙ୍କୁ ମୁକ୍ତି ଦେବାକୁ ଏଥର ମୋହନ ସରକାର ପ୍ରସ୍ତୁତ କରିଛନ୍ତି ରୋଡମ୍ୟାପ୍ । ଏହି ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ନିମନ୍ତେ ସରକାର ଖୋଲିଛନ୍ତି ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ । କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ସବୁ ମଣ୍ଡି ଉପରେ ନଜର ରଖିବ ଯୋଗାଣ ବିଭାଗ । କଣ୍ଟ୍ରୋଲ ସେଣ୍ଟର ଦ୍ୱାରା ସବୁ ମଣ୍ଡିର ସିସିଟିଭି ଅନୁଧ୍ୟାନ ହେବ । ଯୋଗାଣ ବିଭାଗ ଏହା ଉପରେ ୨୪ ଘଣ୍ଟା କାଳ ନଜର ରଖିବ । ଏଥିସହ ଧାନମଣ୍ଡିରେ ହେଉଥିବା ଅବ୍ୟବସ୍ଥା ରୋକିବାକୁ ତୁରନ୍ତ କଠୋର ପଦକ୍ଷେପ ନିଆଯିବ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ୨୪ ଘଣ୍ଟିଆ



କଣ୍ଟ୍ରୋଲ ରୁମ୍କୁ ଉଦ୍‌ଘାଟନ କରିଛନ୍ତି । ମଣ୍ଡି ସଂପର୍କିତ ଅସୁବିଧା ନେଇ ଟୋଲ୍ ଫ୍ରି ନମ୍ବର ୧୯୬୭ରେ କଲ୍ କରିପାରିବେ ଚାଷୀ । ଅଭିଯୋଗ ଆସିଲେ ନୋଡାଲ ଅଧିକାରୀ ତୁରନ୍ତ ଘଟଣାସ୍ଥଳକୁ ଯିବେ । ସୁରୁଖୁରୁରେ ଧାନ ଉଠିବା ଏବଂ ମଣ୍ଡି ଜନିତ ସମସ୍ୟା ଦୂର କରିବାକୁ ଯୋଗାଣ ବିଭାଗ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏନେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, କୌଣସି କଟନିଛଟନି ବିନା କିପରି ମଧ୍ୟସ୍ଥିଙ୍କ ପ୍ରଭାବ ରହିବ ନାହିଁ ସେହି ଉଦ୍ଦେଶ୍ୟରେ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି । ଏହାଦ୍ୱାରା କୃଷକମାନଙ୍କ ସହ ତଥା ମଣ୍ଡି ଅଫିସରଙ୍କ ସହ ସିଧାସଳଖ ଆଲୋଚନା କରାଯାଇ ପାରିବ । ପ୍ରତ୍ୟେକ ମଣ୍ଡି ପାଇଁ ଜଣେ ଲେଖା ନୋଡ଼ାଲ ଅଫିସର ଅଛନ୍ତି । ସେମାନେ ମଧ୍ୟ ଉକ୍ତ କ୍ୟାମେରାରେ ଆସୁଛନ୍ତି । ଅତ୍ୟାଧୁନିକ ମଡେଲରେ କଣ୍ଟ୍ରୋଲ ରୁମ୍କୁ କରାଯାଇଛି । ରାଜ୍ୟରେ ଯେତେ ମଣ୍ଡି ଅଛି ସେଠାରେ କିପରି ଚାଷୀମାନେ ଧାନ ଦେବେ ଓ ସେମାନଙ୍କ ଆକାଉଣ୍ଟକୁ ଠିକ୍ ଭାବେ ଟଙ୍କା ଯିବ ତାହା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ଗତବର୍ଷ ପୂର୍ବ ସରକାର ୫୮ ଲକ୍ଷ କ୍ୱିଣ୍ଟାଲ ଧାନ କିଣିଥିଲେ, ହେଲେ ଏଥର ବୋନସ ଘୋଷଣା ପରେ ୮୦ ଲକ୍ଷ କ୍ୱିଣ୍ଟାଲ କିଣିବାକୁ ଟାର୍ଗେଟ୍ ରଖିଛନ୍ତି ମୋହନ ସରକାର । ତେବେ ଗତ ବର୍ଷ ମଣ୍ଡିରେ ଚାଷୀ ଭୋଗିଥିବା ଯନ୍ତ୍ରଣାର ଏଥର ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ଦିଆଯାଉଛି ସ୍ୱତନ୍ତ୍ର ଧ୍ୟାନ । ଏଥର ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ଲେଖାଏଁ ଚାଷୀଙ୍କୁ ଦେବାକୁ କ୍ୟାବିନେଟରେ ନିଷ୍ପତ୍ତି ହୋଇଥିବା ବେଳେ ଦଲାଲମାନେ ଯେପରି ମଣ୍ଡିକୁ ନ ଆସିବେ ସେଥିପାଇଁ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଉଛି ।

## ଆବାସ ଯୋଜନାର ନୂଆ ଗାଇଡ୍‌ଲାଇନ୍: ବାଇକ୍-ଫ୍ରିଜ୍ ଥିଲେ ବି ଘର ମିଳିବ

ଭୁବନେଶ୍ୱର,୨୮/୧୧: ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ନୂଆ ଗାଇଡ୍‌ଲାଇନ୍ ଆସିଛି । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ଦେବାକୁ ପଞ୍ଚାୟତିରାଜ ବିଭାଗ ପ୍ରସ୍ତୁତ କରିଥିବା ନୂଆ ଗାଇଡ୍‌ଲାଇନରେ କେତେକ ନୂଆ ବ୍ୟବସ୍ଥା ଯୋଡ଼ିଛନ୍ତି । ରାଜ୍ୟ ସରକାର ଆବାସ ଘର ପାଇଁ ଲୋକେ ନିଜେ ନିଜ ପାଇଁ ସର୍ଭେ କରିବେ । କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା କରାଯିବ ନାହିଁ । ଯୋଗ୍ୟ ହିତାଧିକାରୀଙ୍କୁ ଘର ଦିଆଯିବ । ହିତାଧିକାରୀ ନିଜେ ଯୋଗ୍ୟ କି ନୁହନ୍ତି ତାହାର ସର୍ଭେ ନିଜେ କରିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ସୂଚନା ପ୍ରଦାନ କରିଛନ୍ତି । ବ୍ଲକ୍ର କୌଣସି କର୍ମଚାରୀ,ପଞ୍ଚାୟତ ନିର୍ବାହୀ ଅଧିକାରୀ ଅବା ସରପଞ୍ଚଙ୍କ ଜରିଆରେ ଆଉ ଆବାସ ସର୍ଭେ କରାଯିବ ନାହିଁ । ଲୋକେ ଅନଲାଇନ୍‌ରେ ଆପ୍ସ ଖୋଲି ନିଜର ଆବଶ୍ୟକ ତଥ୍ୟ ପୂରଣ କରିବେ ନିଜେ ନିଜର ସର୍ଭେ କରିବେ ।ପୁରୁଣା ଘରର ଫଟୋ ଉଠାଇ ଅପଲୋଡ୍ କରିବେ ।ସମସ୍ତ ତଥ୍ୟ ସିଧାସଳଖ ଆବାସ ପ୍ଲସ୍ ପୋର୍ଟାଲକୁ ଚାଲିଯିବ । ଏନେଇ ଆସନ୍ତା ଡ଼ିସେମ୍ବର ମାସରେ ପ୍ରତି ଗାଁରେ ଏନେଇ କ୍ୟାମ୍ପ୍ କରାଯିବ । ଲୋକେ ଏହି କର୍ମଶାଳାରେ ଯୋଗ ଦେଇ ସଚେତନ ହେବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ସୂଚନା ପ୍ରଦାନ କରିଛନ୍ତି । ଲୋକେ କିଭଳି ନିଜେ ନିଜର ସର୍ଭେ କରିବେ, ତାହା ଶିଖାଇବାକୁ ପଞ୍ଚାୟତସ୍ତରରେ କର୍ମଶାଳା ହେବ । ୧୫ ବା ୧୫ରୁ କମ୍ ସଂଖ୍ୟକ ପଞ୍ଚାୟତ ଥିବା ବ୍ଲକ୍‌ରେ ଡିସେମ୍ବର ୨ ତାରିଖରେ କର୍ମଶାଳା ହେବ । ୧୬ରୁ ୨୫ଟି ପଞ୍ଚାୟତ ଥିବା ବ୍ଲକ୍‌ରେ ୨ ଓ ୩ ତାରିଖରେ କର୍ମଶାଳା ହେବ । ୨୫ରୁ ଅଧିକ ପଞ୍ଚାୟତ ଥିବା ବ୍ଲକ୍‌ରେ ୨, ୩ ଓ ୪ ତାରିଖରେ କର୍ମଶାଳା ହେବ । ସ୍ଥାନୀୟ ଲୋକେ ଯେଉଭଳି ଏହି ଆବାସ କର୍ମଶାଳା ହେଉଛି ବୋଲି ଜାଣିପାରିବେ ସେଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବାକୁ କୁହାଯାଇଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ସୂଚନା ପ୍ରଦାନ କରିଛନ୍ତି ।

## ନୂଆବର୍ଷରୁ ଆଉ ୫ ସହରକୁ ବିମାନ

ଭୁବନେଶ୍ୱର,୨୮/୧୧: ନୂଆବର୍ଷରୁ ଭୁବନେଶ୍ୱରରେ ଦେଶର ଆଉ ୫ ସହରକୁ ବିମାନ ସେବା ଯୋଗାଇଦିଆଯିବ । ଇନ୍ଦୋର, ଡେରାଡୁନ, ଲକ୍ଷ୍ ?ନୌ, ଜୟପୁର ଓ କୋଚିନକୁ ଉଡିବ ବିମାନ । ଜାନୁଆରୀ ୧ରୁ ଇନ୍ଦୋରକୁ ସପ୍ତାହକୁ ୪ ଦିନ ଉଡିବ ଇଣ୍ଡିଗୋ । ଡେରାଡୁନକୁ ସପ୍ତାହକୁ ୩ ଦିନ ଉଡିବ ଇଣ୍ଡିଗୋ ବିମାନ । ଜାନୁଆରୀ ୩ରୁ ଲକ୍ଷ୍ନୌ ଓ ଜୟପୁରକୁ ସପ୍ତାହକୁ ୩ ଦିନ ଉଡିବ । କୋଚିନକୁ ସପ୍ତାହର ୭ ଦିନ ବିମାନ ସେବା ଯୋଗାଇବ ଏୟାରଇଣ୍ଡିଆ । ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ।

# ସରକାର ଆଳୁ ଆଣି ଦେଲେ ବିକିବେ ବ୍ୟବସାୟୀ

ଭୁବନେଶ୍ୱର,୨୮/୧୧: ପଶ୍ଚିମବଙ୍ଗ ସରକାର ପୁଣିଥରେ ଓଡିଶାକୁ ଆଳୁ ଯୋଗାଣ ବନ୍ଦ କରିବା ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ରାଜ୍ୟ ବ୍ୟବସାୟୀ ସଂଘ । ଏବେ କୌଣସି ଶୀତଳ ଭଣ୍ଡାରରେ ଆଳୁ ନାହିଁ । ପଶ୍ଚିମବଙ୍ଗରୁ ଆଳୁ ନ ଆସିଲେ ଏହାର ବଡ଼ ପ୍ରଭାବ ପଡିବ । ଏବେ ରାଜ୍ୟର ବ୍ୟବସାୟୀ ମାନେ ଆଉ ଆଳୁ ନିଜ ଉଦ୍ୟମରୁ ଆଣି ଯୋଗାଇବା ଦାୟିତ୍ୱ ନେବେ ନାହିଁ କି ମିଛ ଅପବାଦ ମୁଣ୍ଡାଇବେ ନାହିଁ । ତେଣୁ ସରକାର ହିଁ ଏବେ ଆଳୁ ଯୋଗାଣ ପାଇଁ ପ୍ରୟାସ କରନ୍ତୁ । ଏବେ ଆଉ ବ୍ୟବସାୟୀ ସଂଘ ପ୍ରୟାସ କରିବ ନାହିଁ । ସରକାର ଏବେ ଆଳୁ ଯୋଗାନ୍ତୁ । ସରକାର ଆଳୁ ଆଣି ଦେଲେ ଯେଉଁ ଦର କହିବେ ବ୍ୟବସାୟୀ ମାନେ ବିକିବେ କିନ୍ତୁ ଏବେ ନିଜସ୍ୱ ଉଦ୍ୟମରେ ଆଳୁ ଯୋଗାଇବେ ନାହିଁ ବୋଲି ରୋକଠୋକ ଜଣାଇଦେଲା ସଂଘ । କେନ୍ଦ୍ର ଓ ରାଜ୍ୟ ସରକାରକୁ ଅନୁରୋଧ ଆଳୁ ଯେଭଳି ଆସିବା କଥା ସେଭଳି ଆଣିବାକୁ ବନ୍ଦୋବସ୍ତ କରନ୍ତୁ । ପୂର୍ବ ଆଳୁ ସଙ୍କଟ ସମୟରେ ବ୍ୟବସାୟୀ ସଂଘ ଜେନତେନ ପ୍ରକାର ଆଳୁ ଯୋଗାଇବା ପ୍ରୟାସ କରିଥିଲେ । କିନ୍ତୁ ସେତେବେଳେ ବ୍ୟବସାୟୀଙ୍କୁ ସରକାର କଳାବଜାରୀର ଆଖ୍ୟା ଦେଲେ । ତେଣୁ ଏବେ ରାଜ୍ୟରେ ଆଳୁ ଆଉ ଷ୍ଟକ ନାହିଁ । ସର୍ବାଧିକ ୪ ରୁ ୫ ହଜାରର ଟନ ଷ୍ଟକ ଅଛି । ଦୈନିକ ୪୫୦୦ ଟନ ଆଳୁ ଆବଶ୍ୟକ । ତେଣୁ ଯାହା ଆଳୁ ଅଛି ଗୋଟିଏ ଦିନ ହିଁ ଯିବ । ସରକାରଙ୍କୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି । ସରକାର ତାଙ୍କର ଯାହା କରିବେ ବୋଲି କହିଛି ସଂଘ । ଆଳୁର ପୂର୍ବ ସଙ୍କଟ ସମୟରେ ସରକାର ବ୍ୟବସାୟୀଙ୍କ



କଥାକୁ ଗୁରୁତ୍ୱ ଦେଲେ ନାହିଁ । ଦୋଷ ନ କରି ବ୍ୟବସାୟୀଙ୍କୁ ଅପବାଦ ଦେଲେ । ଏହା ବ୍ୟବସାୟୀଙ୍କ ଆତ୍ମାକୁ ବାଧିଛି । ତେଣୁ ସଂଘ ନିଷ୍ପତ୍ତି ନେଇଛି ଶ୍ରେୟ ନେବାର ନାହିଁ କି କିଛି କରିବୁ ନାହିଁ । ବସିବୁ ପଛେ କିଛି କରିବୁନି । ସରକାର ଯଦି ନ ପାରିଲେ ବ୍ୟବସାୟୀ ସଂଘ ପଦକ୍ଷେପ ନେବ । ଖାଉଟିଙ୍କର ସମସ୍ୟା ହେଲେ ଓ ସରକାର ନ ପାରିଲେ ବ୍ୟବସାୟୀ ମାନେ ପଦକ୍ଷେପ ନେବେ । ସରକାର ସେତେବେଳେ କହିଥିଲେ ଟ୍ରେନ ରାକରେ ଆଳୁ ଆଣିବୁ ବୋଲି । ପଞ୍ଜାବ ୟୁପିରୁ ଆଣିବାକୁ କହିଥିଲେ । ତେଣୁ ଏବେ ଯେଉଁଠୁ ଆଣିକି ଦେଲେ ଆମେ ବିକିବୁ । ସରକାର ଏବେ ବାସ୍ତବତାକୁ ଅନୁଭବ କରନ୍ତୁ ବୋଲି କହିଲେ ବ୍ୟବସାୟୀ ସଂଘ ମହାସଚିବ ସୁଧାକର ପଣ୍ଡା । ସରକାରଙ୍କ ପଦକ୍ଷେପ ଆଦୌ ସଫିସିଏଣ୍ଟ ନ ଥିଲା । ସରକାର ସେତେବେଳେ ଗଠନ ମୂଳକ ପଦକ୍ଷେପ ନେଇ ନ ଥିଲେ । ସେତେବେଳେ ବ୍ୟବସାୟୀ ମାନେ ଲୋକଙ୍କ ସ୍ୱାର୍ଥ ପାଇଁ ପଦକ୍ଷେପ ନେଇଥିଲେ କିନ୍ତୁ ଏହାର ପରିଣାମ ବ୍ୟବସାୟୀ ମାନେ ଭୋଗୁଛନ୍ତି । ତେଣୁ ଏବେ ଆଉ କିଛି କରିବାର ନାହିଁ । ଲୋକ ଭୋଗିଲେ ସରକାରଙ୍କୁ ପଚାରନ୍ତୁ । କୋଉଠି ବ୍ୟବସାୟୀ କିଏ ଆଳୁ ଯଦି ମହଜୁଦ ରଖିଛି ସରକାର ରେଡ଼ କରନ୍ତୁ ବୋଲି କହିଲେ ସୁଧାକର ପଣ୍ଡା । ନଭେମ୍ବର ଶେଷ ସପ୍ତାହରେ ପଶ୍ଚିମବଙ୍ଗରେ ଆଳୁ ଉତ୍ପାଦନ ଆରମ୍ଭ ହୋଇଯାଏ । ଏବେ ଶୀତ ବିଳମ୍ବିତ ହେବାରୁ ମାସେ ବିଳମ୍ବିତ ହୋଇଛି ଉତ୍ପାଦନ । ପଶ୍ଚିମବଙ୍ଗ ସରକାର ଆଭ୍ୟନ୍ତରୀଣ ଚାହିଦାକୁ ଦେଖି ଆଳୁ ନ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ଏହି କାରଣ ଏକ ବାହାନା ବୋଲି କହିଲା ବ୍ୟବସାୟୀ ସଂଘ । ବାସ୍ତବରେ ଏହା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହିଁ କାରଣ । ଓଡ଼ିଶାର ଖାଉଟିଙ୍କ ସ୍ୱାର୍ଥ ସରକାର ସମାଧାନ କରନ୍ତୁ । ସରକାର ଭଲ କାମକୁ ପ୍ରଶଂସା କରିବା ସରକାରଙ୍କ ସମ୍ବିଧାନରେ ନାହିଁ । ବଚନରେ ବି ଦାରିଦ୍ର୍ୟତା ଅଛି । ସରକାର କଣ ପ୍ରଚେଷ୍ଟା କରୁଛନ୍ତି ସରକାର ହିଁ କହିବେ । ସରକାର ବାସ୍ତବତା ବୁଝିବାକୁ ଆଦୌ ପ୍ରୟାସ କରୁ ନାହାନ୍ତି ବୋଲି ବ୍ୟବସାୟୀ ସଂଘ ମହାସଚିବ ସୁଧାକର ପଣ୍ଡା କହିଛନ୍ତି ।

# ସବୁଜ ବିଷ ବଳୟରେ କଣ୍ଟାମାଳ ବ୍ଲକ
# ସାଧାରଣ ଲୋକଙ୍କୁ ଗିରଫ ଗଞ୍ଜେଇ ମାଫିଆଙ୍କୁ ମାଫ



କଣ୍ଟାମାଳ : ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ମନମୁଣ୍ଡା, କଣ୍ଟାମାଳ, ଘଣ୍ଟାପଡା ଥାନାଞ୍ଚଳ ହେଉଛି ମାଓ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ବରଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଙ୍ଗଲମାନଙ୍କରେ ବ୍ୟାପକ ଭାବରେ ଗଞ୍ଜେଇ ମାଫିଆ ମାନଙ୍କ ଦ୍ୱାରା ଚାଷ ହେଉଥିବା ଜଣା ପଡ଼ିଛି । ଗଞ୍ଜେଇ ଚାଷରେ ବନ ବିଭାଗ କର୍ମଚାରୀ, ଅବକାରୀ ଓ ପୋଲିସ ବିଭାଗ କର୍ମଚାରୀ ମାନଙ୍କ ସଂପୃକ୍ତି ଥିବା ବେଳେ ସମସ୍ତଙ୍କ ମଧୁ ଚନ୍ଦ୍ରିକାରେ ବେଆଇନ ଭାବେ ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ଗଞ୍ଜେଇ ଚାଷ ହେଉଥିବା ଦୃଢ଼ ଅଭିଯୋଗ ହୋଇଛି । ଏ ନେଇ ବରଗାଁ ପଂଚାୟତବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗ ପତ୍ର ବୌଦ୍ଧ ଜିଲ୍ଲାପାଳ, ଏସପି ଓ ଅବକାରୀ ଅଧିକ୍ଷକଙ୍କ ନିକଟକୁ ଡାକ ମାଧ୍ୟମରେ ପଠାଇଥିବା ଜଣା ଯାଇଛି । ଅଭିଯୋଗ ଅନୁସାରେ କଣ୍ଟାମାଳ ବ୍ଲକ ବରଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାତାକୁପା ଓ ପୁଟୁପୁଟି ଗଡ ସଂରକ୍ଷିତ ଜଙ୍ଗଲରେ ଗତ ୧୦ବର୍ଷ ହେବ ବିପୁଳ ପରିମାଣରେ ଗଞ୍ଜେଇ ଚାଷ ହେଉଛି । ଉକ୍ତ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛ ଗୁଡ଼ିକୁ କାଟି ସେଥିରେ ବେଆଇନ ଭାବରେ ଗଞ୍ଜେଇ ଚାଷ କରାଯାଉଛି ।ଯାହା ଫଳରେ ଜଙ୍ଗଲ କ୍ଷୟ ହେବା ଯୋଗୁଁ ବନ୍ୟଜନ୍ତୁ ଜଙ୍ଗଲ ଛାଡ଼ି ଗାଁ ମୁହାଁ ହେଉଥିବା ବେଳେ ଶିକାରୀଙ୍କ କବଳରେ ପଡ଼ି ମୃତ୍ୟୁ ବରଣ କରୁଥିବା ଦେଖିବାକୁ ମିଳିଛି । ଗତ ଦୁଇ ବର୍ଷ ପୂର୍ବେ ଘୁଚାଙ୍ଗିରେ ଏକ ଆଖୁ କିଆରୀ ରେ ପଶି ଏକ ଦନ୍ତା ହାତୀର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିଲା । ଗଞ୍ଜେଇ ଚାଷ ପାଇଁ ବନକର୍ମଚାରୀମାନେ ମାଫିଆଙ୍କୁ ସହଯୋଗ କରୁଥିବା ଏହି ଅଭିଯୋଗ ପତ୍ରରେ ପଞ୍ଚାୟତ ବାସୀ ଉଲ୍ଲେଖ କରିଛନ୍ତି । କୁମେଲବନ୍ଦ । କସୁରବନ୍ଧ ଝୁନୁଗାଡୁଙ୍ଗୁରି ଗ୍ରାମ୍ଯ ଜଙ୍ଗଲ ଓନାଳର ଉଭୟ ପାର୍ଶ୍ୱର୍ରେ,ଡୁମାଲପଖାଳ ର କାନ୍ଥି ଜଙ୍ଗଲ, ପୁଟପୁଟିଗଡ ରିଜର୍ଭ ଜଙ୍ଗଲ ଓ ନାଳରେ ,କାଣିସିମିଳିର ପାଣିଟାଳ, ଝୁନୁଗାଡୁଙ୍ଗୁରି ଓ ନାଳରେ , ଉତୁର୍ଲାର ଖଲିଆକନା, ହାତୀମରା ରିଜର୍ଭ ଜଙ୍ଗଲ ଓ ନାଳରେ, ବୁଢ଼ାଖୋଲର ଡାଙ୍ଗାରାମ ରାସ୍ତାର ନାଳ ପାର୍ଶ୍ୱରେ, ଗ୍ରାମ୍ୟ ଜଙ୍ଗଲ , ଡୁଙ୍ଗୁରିପାଲିର ବରକନା ଓ ରାଇଗଡା ରାସ୍ତା ରିଜର୍ଭ ଜଙ୍ଗଲ ରେ, ମାତାକୁପାର ସାକୁସକନା ସଂରକ୍ଷିତ ଜଙ୍ଗଲ ଓ ନାଳ ଉଭୟ ପାର୍ଶ୍ୱର୍ରେ , ଲେନ୍ଦ୍ରିମାଳର ବଘିଆ କନ ଗ୍ରାମ୍ୟ ଜଙ୍ଗଲ, ପୁଡାପାଟ୍ ପାହାଡ ପାଖରେ, ଭୁଆସୁଣୀ ପାହାଡ଼ ସଂରକ୍ଷିତ ଜଙ୍ଗଲ ଓ ଲବାରକାଣୀ ଗ୍ରାମ୍ୟ ପୋଖରୀ ପାଖରେ ବ୍ୟାପକ ଗଞ୍ଜେଇ ଚାଷ ହେଉଥିବା ଉଲ୍ଲେଖ କରିଛନ୍ତି । ଜେସିବି ଦ୍ୱାରା କୂଅ ଖୋଳି ୫୦୦ରୁ ୧୦୦୦ ମିଟର ଦୂରକୁ ପାଣି ନେଇ ଗଞ୍ଜେଇ ଚାଷ କରା ଯାଉଥିବା ଅଭିଯୋଗ କରିଛନ୍ତି। ଗଞ୍ଜେଇ ଚାଷରେ ଅବକାରୀ, ପୋଲିସ ଓ ବନ ବିଭାଗର କର୍ମଚାରୀଙ୍କ ହାତ ଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହାର ନିରପେକ୍ଷ ତଦନ୍ତ କରିଦୋଷୀ କର୍ମଚାରୀ ମାନଙ୍କ ବିରୁଦ୍ଧରେ ଦୃଢ଼ ଦୃଷ୍ଟାନ୍ତ ମୂଳକ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି । ସୂଚନା ଥାଉ କି ପୂର୍ବରୁ ପଂଚାୟତବାସୀ ବୌଦ୍ଧ ଡ଼ିଏଫଓ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ଯାଇ ନ ଥିବା ପରିତାପର ବିଷୟ ବୋଲି ପଂଚାୟତବାସୀ କ୍ଷୋଭ ପ୍ରକାଶ କରିଛନ୍ତି ।

## ବ୍ଲକ୍ ସ୍ତରୀୟ ସର୍ଗିଫୁଲ ମହୋତ୍ସବ ଅନୁଷ୍ଠିତ



ଖଜୁରୀପଡା : କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ଦୁତୀ ପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ୍ ସ୍ତରୀୟ ସର୍ଗିଫୁଲ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମଟି ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ରାଜେଶ ମୁର୍ମୁ ଙ୍କ ତତ୍ତ୍ୱବଧାନ କରାଯାଇଥିବା ବେଳେ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଜୁରୀପଡା ବ୍ଲକ୍ ଅଧ୍ୟକ୍ଷା ସୁଶ୍ରୀ ଅନିମା କହଁର, ସମ୍ମାନୀତ ଅତିଥି ରୂପେ ତହସିଲଦାର ତଥା ବିଡ଼ିଓ ସୌମ୍ୟରଞ୍ଜନ ପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ, ସରପଞ୍ଚ ଜାନକୀ ଜାନୀ, ସମିତି ସଭ୍ୟ ଶୁକଦେବ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବରୁଣ କହଁର ଉପସ୍ଥିତ ଥିଲେ । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗର ବ୍ଲକର ୧୩ ଗୋଟି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଥିଲେ । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ,ତର୍କ ବିତର୍କ ଓ କୁଇଜ୍ ପ୍ରତିଯୋଗିତା ହୋଇ ଥିଲା । ଶେଷରେ କୃତ କାର୍ଯ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ ପ୍ରତିଯୋଗୀ ମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ତ୍ରିପାଠୀ ସଭାପତିତ୍ୱ କରିଥିଲାବେଳେ ଶିକ୍ଷୟିତ୍ରୀ ପଦ୍ମିନୀ ପାଳ ମଞ୍ଚ ପରିଚାଳନା କରିଥିଲେ ।

## ୯ବର୍ଷ ହେଲା କାହା ସ୍ୱାର୍ଥରେ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି ଦେଣ୍ଡୋଗୁଡ଼ା ଅଙ୍ଗନୱାଡ଼ି କେନ୍ଦ୍ର



କେସିଙ୍ଗା : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଲଇତରା ଗ୍ରାମପଞ୍ଚାୟତର ଦେଣ୍ଡୋଗୁଡା ଗ୍ରାମରେ ଦୀର୍ଘ ୯ବର୍ଷ ହେଲା ଅଙ୍ଗନୱାଡ଼ି କେନ୍ଦ୍ର ଅଧପନ୍ତରିଆ ଭାବରେ ପଡ଼ିରହିଛି ।୨୦୧୫-୧୬ରେ ଏ. ଡବ୍ଲ୍ୟୁ.ସି ଷ୍ଟେ ପ୍ଲାନ୍ ଦ୍ୱାରା ଅଟକଳ ମୂଲ୍ୟ ଟ.୪ଲକ୍ଷ୍ୟ ୫୦ ହଜାର ମଞ୍ଜୁର ହୋଇଥିଲା ଏହିଁ କାର୍ଯ୍ୟକୁ ନିଯେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ହେଇଥିଲା କିନ୍ତୁ କଣ ହେଲା କେ ଜାଣେ ଆଜି ପର୍ଯ୍ୟନ୍ତ କାମ ସଂପୂର୍ଣ୍ଣ ହୋଇପାରିନାହିଁ ।ବର୍ତ୍ତମାନ ଅଙ୍ଗନୱାଡ଼ି କେନ୍ଦ୍ରର ଛାତ ପଡ଼ିସାରିଛି କିନ୍ତୁ ପ୍ଲାଷ୍ଟର ହୋଇନି କି କବାଟ ଝରକା ଲାଗିନି ।ଅଙ୍ଗନୱାଡ଼ି କେନ୍ଦ୍ରର ଚାରିପଟେ ଘାସ ଲାଗି ଭୁ କଲାଣି ହେଲେ ଏଥିପ୍ରତି କାହାର ନଜର ନାହିଁ ଗ୍ରାମର ଜଣେ ବ୍ୟକ୍ତି ନିର୍ମାଣ କାର୍ଯ ବୁଝାସୁଝା କରୁ ଥିଲେ ଏ ବାବଦରେ ତାଙ୍କୁ ପଚାରିବାରୁ ସେ କହିଲେ ଏତିକିରେ ସବୁ ପଇସା ସରିଗଲା ଆଉ ପଇସା ନାହିଁ ସେଥିପାଇଁ କାମ ବନ୍ଦ୍ କରାହେଲା ବୋଲି ପ୍ରକାଶ କରିଥିଲେ ।ଦୀର୍ଘ ୯ବର୍ଷ ଅଙ୍ଗନୱାଡ଼ି କେନ୍ଦ୍ର ଶୋଚନୀୟ ଅବସ୍ଥାରେ ପଡ଼ିରହିଛି ହେଲେ କାହାର ନଜର ନାହିଁ ତେଣୁ ଗ୍ରାମବାସୀଙ୍କ ଅଭିଯୋଗ ଅଛି ଯେ ପ୍ରଶାସନ ଏହାକୁ ନଜର ରେ ରଖି ତୁରନ୍ତ ଏହି ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯକୁ ସଂପୂର୍ଣ୍ଣ କଲେ ଗ୍ରାମର କୁନି କୁନି ପିଲାମାନଙ୍କ ଉପକୃତ ହେବ ବୋଲି ଆଶା ରଖିଛନ୍ତି ।

## ରାୟଗଡ ଜିଲ୍ଲାସ୍ତରୀୟ ଲୋକ ମାହୋତ୍ସବ ଚଇତି -୨୦୨୪ ପ୍ରସ୍ତୁତି ଅନୁଷ୍ଠିତ





ରାୟଗଡ଼ା : ରାୟଗଡ଼ା ଜିଲ୍ଲାସ୍ତରୀୟ ଲୋକମହୋତ୍ସବ ଚଇତି -୨୦୨୪ ପାଳନ ନିମନ୍ତେ ପ୍ରସ୍ତୁତି ଜିଲ୍ଲାସଂସ୍କୃତି ପରିଷଦ ଅଧ୍ୟାକ୍ଷା ତଥା ଜିଲ୍ଲାପାଳ ରାୟଗଡ଼ା ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧକ୍ଷତକ୍ଷରେ ସ୍ଥାନୀୟ ବିଜୁ ପଟନାୟିକ ଆଡିଟରିୟମ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମାନ୍ୟବର ବିଧାୟକ ରାୟଗଡ଼ା ଶ୍ରୀ ଆପ୍ପଲା ସ୍ୱାମୀ କଡରାକ, ମାନ୍ୟବର ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଜିଲ୍ଲାପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଶ୍ରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ଗୁଣୁପୁର ସୁଶ୍ରୀ କିରଣ ଦୀପ କୌର ସହାତ, ଉପଜିଲ୍ଲାପାଳ ରାୟଗଡ, କଲ୍ୟାଣୀ ସଂଘମିତ୍ରା ଦେବୀ ପ୍ରମୁଖ ଉପସ୍ଥିତିରେ ଆଲୋଚନା କରାଯାଇଥିଲା । ଜିଲ୍ଲାସ୍ତରୀୟ ଚଇତି ଆସନ୍ତା ଡିସେମ୍ବର ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ୨୬ତାରିଖରୁ ୩୦ତାରିଖ ଯାଏଁ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୫ଦିନ ଧରି ଅନୁଷ୍ଠିତ ହେବ । ଏହା ପୂର୍ବରୁ ସ୍ଥାନୀୟ ପଦ୍ମପୁର ବ୍ଲକ ଅନ୍ତର୍ଗତ ମରିଚଗୁଡ ଅକ୍ଷର ବ୍ରହ୍ମ ମନ୍ଦିରରୁ ମନ୍ଦିର କର୍ତ୍ତୃପକ୍ଷଙ୍କ ସମତିରେ ଆୟୋଜନ କରାଯିବ। ଏହାପରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ବ୍ଲକସ୍ତରୀୟ ଚଇତି ଅନୁଷ୍ଠିତ ହେବ । ଚଇତିର ଉପଦେଷ୍ଟା ମଣ୍ଡଳୀ ବୈଠକର ନିଷ୍ପତି ପ୍ରକାରେ ବିଭିନ୍ନ ଉପସମିତି ମାନ ଗଠନ କରାଯାଇଛି। ପ୍ରତ୍ୟେକ ଉପାସମିତିର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ମାନେ ପୃଥକ ପୃଥକ ଭାବରେ ବୈଠକ ଡାକି ନିଷ୍ପତି ନେବେ ଓ ବଜେଟ ପ୍ରସ୍ତୁତ କରିବେ। ଏହି ବୈଠକରେ ଆୟୋଜନ କମିଟିର ସଦସ୍ୟ ସଦସ୍ୟା,ବୁଦ୍ଧିଜୀବି ସଂସ୍କୃତି ସମ୍ପନ୍ନ ବ୍ୟକ୍ତି, କଳାକାର, ଜିଲ୍ଲାସ୍ତରୀୟ ଅଧିକାରୀ,ଗଣମାଧ୍ୟମ ପ୍ରତନିଧି ଆଦି ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତା ରୋକ

ଖଡ଼ିଆଳ : ଶବ ରଖି ରାସ୍ତା ରୋକ। କ୍ଷତି ପୂରଣ ଦାବି ରେ ରାସ୍ତାରେ ବସିଲେ ପରିବାର ଲୋକେ। ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଚିନ୍ଦାଗୁଡ଼ାର ଉମେଶ ମାଝୀ ଗତକାଲି ଠକପାଲି ନିକଟରେ ଅଜଣା ଗାଡ଼ି ଧକ୍କା ରେ ମୃତୁ ବରଣ କରିଥିଲେ। ଆଜି ଦିନ ମଧ୍ୟାହ୍ନରୁ ଶବ ରଖି ଚିନ୍ଦାଗୁଡ଼ା ଠାରେ ଖଡ଼ିଆଳ- ବୋଡ଼େନ ମୁଖ୍ୟ ରାସ୍ତା ଅବରୋଧ କଲେ ପାରିବାର ସମ୍ପର୍କୀୟ ଲୋକେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ସହ ଉକ୍ତ ପରିବାରକୁ ବିଭିନ୍ନ ସରକାରୀ ଯୋଜନା ରେ ସାମିଲ ଏବଂ ଗାଁରେ ବେଆଇନ ମଦକୋଠି ଉଚ୍ଛେଦ ଦାବି ନେଇ ରାସ୍ତା ରୋକ ହୋଇଛି। ରାସ୍ତା ଅବରୋଧ ଯୋଗୁଁ ଦୁଇ ପଟେ ଗାଡ଼ି ମାନେ ଅଟକି ରହିଛି ଯାତାୟାତ ରେ ଅସୁବିଧା ହୋଇଛି। ଘଟଣା ସ୍ଥଳରେ ଖଡ଼ିଆଳ ପୁଲିସ ସହ ତହାସିଲଦାର, ଅତିରିକ୍ତ ତହସିଲଦାର ପହଞ୍ଚି ଉତ୍ତକ୍ତ ଲୋକାଙ୍କୁ ଦୀର୍ଘ ସମୟ ବୁଝାସୁଝା କାରିବା ସହ ରେଡ଼କ୍ରଶରୁ ଦଶହଜାର ଟଙ୍କା ଆର୍ଥିକ ସହାୟତା ସହ ନିର୍ଭର ଯୋଗ୍ୟ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତି ହୋଇଛି।

## ମୁରିବାହାଲ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର



ମୁରିବାହାଲ : ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି ।ବ୍ଲକ ବିଡ଼ିଓ ବାସନ୍ତୀ ସେଠୀଙ୍କ ସଭାପତିତ୍ୱରେ ତଥା ଓଏଲଏମ ବିପିଏମ ଡ ଗୋପାଳକୃଷ୍ଣ ଦୀପଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ,ବ୍ଲକ ଉପାଧ୍ୟକ୍ଷା ଯାଜ୍ଞସେନୀ ହାତୀ, ଡିଏସଏସଓ ମଦନଜିତ ହୋତା,ମେଡ଼ିକାଲ୍ ଇନଚାର୍ଜ ଡ ଥବିର ମେହେର,ସିଡ଼ିପିଓ ପୂର୍ଣ୍ଣିମା ବୈଠାରୁ, ,ସାଂସଦ ପ୍ରତିନିଧି ଶ୍ରୀବସ୍ତ ବେହେରା,ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା ଓ ଜିପିଡିଓ ଗଙ୍ଗାଧର ଛତର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞ ଡାକ୍ତର ରୂପେ ଡ ରଜନୀକାନ୍ତ ମେହେର, ଡ ହେମନ୍ତ କୁମାର ବମିଡି, ଡ ମାନସ ରଞ୍ଜନ ମିଶ୍ର, ଡ ଅବିନାଶ କୁମାର ନାଏକ, ଡ ପ୍ରଣତି ସାହୁ ଯୋଗ ଦେଇ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିଥିଲେ। ଶିବିରରେ ଶାରୀରିକ ଭିନ୍ନକ୍ଷମ-୨୮୯, ଶ୍ରବଣ ବାଧିତ -୧୩୯, ଦୃଷ୍ଟି ବାଧିତ -୧୦୩,ମାନସିକ ଅନଗ୍ରସର -୯୩,ଅନ୍ୟାନ୍ୟ -୫୬ ଭଳି ମୋଟ ୬୮୦ଜଣ ଭିନ୍ନକ୍ଷମ ଚିହ୍ନଟ ହୋଇ ପଞ୍ଜୀକୃତ ହୋଇଥିଲେ ।ବ୍ଲକ ବିଏସଏସଓ ରିଙ୍କୁ ମେହେରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିଏ ରାଜକିଶୋର ସିଂ ବାବୁ, ଜୁନିୟର ଆସିଷ୍ଟାଣ୍ଟ ସୌମ୍ୟରଞ୍ଜନ ଦେହୁରୀ, ଏଡିଇଓ, ଏମବିକେ,ସିଆରପିଙ୍କ ସହ ବ୍ଲକ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଭୁବନେଶ୍ୱର ରାଜ୍ୟସ୍ତରୀୟ କରାଟେ ଚାମ୍ପିଅନସିପ୍ ପ୍ରତିଯୋଗିତାରେ କରଞ୍ଜିଆ ପ୍ରତିଯୋଗୀଙ୍କ ସଫଳତା ହାସଲ

କରଞ୍ଜିଆ : ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ଓଲମ୍ପିକ ମାନ୍ୟତା ପ୍ରାପ୍ତ ଓଡିଶା ରାଜ୍ୟ କରାଟେ ଆସୋସିଏସନ ପକ୍ଷରୁ ଆୟୋଜିତ ୩୬ତମ ରାଜ୍ୟସ୍ତରୀୟ କରାଟେ ଚମ୍ପିୟାନସିପ ପ୍ରତିଯୋଗିତାର ମୟୁରଭଞ୍ଜ ଜିଲ୍ଲା କୁ ପ୍ରତିନିଧିତ୍ୱ କରିଥିବା କରଞ୍ଜିଆ ସ୍ପୋର୍ଟସ୍ କରାଟେ ଆକାଡେମୀର ପ୍ରତିଯୋଗି ମାନେ ବିଶେଷ ସଫଳତା ହାସଲ କରିଛନ୍ତି। କରଞ୍ଜିଆ ସ୍ପୋର୍ଟସ୍ କରାଟେ ଆକାଡେମୀ ପ୍ରତିଷ୍ଠାତା ଶ୍ରୀ ଆଶିଷ କୁମାର ମହାନ୍ତ,ପ୍ରଶିକ୍ଷକ ଉମାବତୀ ପାତ୍ର, ମ୍ୟାନେଜର ଶ୍ରୀ ଲୋକନାଥ ମହାନ୍ତ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରଞ୍ଜିଆ ରୁ



ଏକ ୧୯ ଜଣିଆ ଦଳ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉଚ୍ଚକୋଟୀର ପ୍ରଦର୍ଶନ କରି ବେଶ ପ୍ରଶଂସିତ ହୋଇଥିବା ବେଳେ ମୋଟ ୧୧ଟି ପଦକ ହାସଲ କରି ଜିଲ୍ଲା ତଥା କରଞ୍ଜିଆ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। କରଞ୍ଜିଆ ର ସମୀକ୍ଷା ପ୍ରିୟା ମହାନ୍ତ କାତା ରେ ବ୍ରୋଞ୍ଜ ଏବଂ କୁମୀତେରେ ସ୍ୱର୍ଣ୍ଣ ପଦକ ଏବଂ ନିତିକ କୁମାର ମହାନ୍ତ ଓ ଅନୁଷ୍କା ପ୍ରିୟା ନାଏକ ଗୋଟିଏ ଗୋଟିଏ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଅନ୍ୟପକ୍ଷରେ ବୈଭବ ମହାନ୍ତ, ଜିଜ୍ଞାସା ପାତ୍ର,ଗୋଲଡେନ ମହାନ୍ତ, ଜ୍ୟୋତୀରାଣୀ ଲୋହାର ପ୍ରମୁଖ କୁମୀତେ ରେ ରୌପ୍ୟ ଏବଂ ସ୍ମୃତିରେଖା ସୋୟ,ଶୁଭଲକ୍ଷ୍ମୀ ସୋରେନ,ଅଂଶୁମାନ ମହାନ୍ତ ପ୍ରମୁଖ ଗୋଟିଏ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।ତେବେ ଏକାଡେମୀ ର ଶିକ୍ଷାର୍ଥୀ ଙ୍କ ଉକ୍ତ ସଫଳତାରେ ଅଞ୍ଚଳର ଅଭିଭାବକ ଓ କ୍ରିଡାପ୍ରେମୀ ମାନେ ଶୁଭେଚ୍ଛା ଜଣାଇବାସହ ଏକାଡେମୀ ର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ଗିରିଧାରୀ ପୃଷ୍ଟି, ଦୀଲିପ କୁମାର ସାହୁ, ବିଷ୍ଣୁକୁମାର ଅଗ୍ରୱାଲ, ଦିବ୍ୟପ୍ରସାଦ ସାହୁ, ଭୁବନବିହାରୀ ସାହୁ, ବାଞ୍ଛାନିଧି ପୃଷ୍ଟି, କୃପାସିନ୍ଧୁ ମହାନ୍ତ ପ୍ରମୁଖ ସେମାନଙ୍କୁ କଭିନନ୍ଦନ ଜଣାଇବାସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।ତେବେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ତିନିଜଣ ପ୍ରତିଯୋଗି ଯାତୀୟସ୍ତର କୁ ମନୋନୀତ ହୋଇ ଆଗାମୀ ଡିସେମ୍ବର ୧୪ ତାରିଖରେ ଯାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ନିମନ୍ତେ ଦିଲ୍ଲୀ ଗ୍ରସ୍ତ କରିବେ ବୋଲି ଏକାଡେମୀ ପ୍ରତିଷ୍ଠାତା ଆଶିଷ ମହାନ୍ତ ସୂଚନା ଦେଇଛନ୍ତି।

## ନେଟୱ୍ୱାର୍କ ସମସ୍ୟାକୁ ନେଇ ରାସ୍ତା ଅବରୋଧ



ଫିରିଙ୍ଗିଆ : ନେଟୱାର୍କ ସମସ୍ୟାକୁ ନେଇଁ ମୁଖ୍ୟ ରାସ୍ତାରେ ଟାଇଆର ଜାଳି ରାସ୍ତା ଅବରୋଧ, ତହସିଲଦାରଙ୍କ ଲିଖିତ ପ୍ରତିଶୃତି ପରେ ହଟିଲେ ଆନ୍ଦୋଳନ କାରୀ ଏହି ଭଳି ଦୃଶ୍ୟ ଦେଖିବା ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଶିନୀ ପଦର ପଞ୍ଚାୟତ କାଶିନୀପଦରରେ ନେଟୱାର୍କ ସମସ୍ୟାକୁ ନେଇ ଫିରିଙ୍ଗିଆ ଗୋଚ୍ଛାପଡା ମୁଖ୍ୟ ରାସ୍ତାକୁ ଅଞ୍ଚଳ ବାସୀ ଟାଇଆର ଜାଳି ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି। ଗୁରୁବାର ସକାଳ ୭ ଟାରୁ କାଶିନୀପଦର ଅଞ୍ଚଳର ଶତାଧିକ ପୁରୁଷ ମହିଳା ରାଜ ରାସ୍ତା ଅବରୋଧ କରିବା ସହ ନେଟୱାର୍କ ଦାବିରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସକାଳ ୧୦ ଟାରେ ଫିରିଙ୍ଗିଆ ଥାନାର ଅତିରିକ୍ତ ଥାନା ଅଧିକାରୀ ଦୀପକ ରାଉତ ଓ ଟିମ ପହଞ୍ଚି ଆନ୍ଦୋଳନ କାରୀଙ୍କୁ ବୁଝା ସୁଝା କରିଥିଲେ କିନ୍ତୁ କୌଣସି ସମାଧାନ ରାସ୍ତା ବାହାରି ନଥିଲା ପରେ ଘଟଣା ସ୍ଥଳରେ ଫିରିଙ୍ଗିଆ ତହସିଲଦାର ଅନାମିକା ପାଣ୍ଡେ ପହଞ୍ଚି ଲୋକଙ୍କୁ ବୁଝା ସୁଝା କରିଥିଲେ ମଧ ତୁରନ୍ତ ନେଟୱାର୍କ ପାଇଁ ଜିଓ ଟାୱାର ନିର୍ମାଣ କରା ନଗଲେ ଅନିର୍ଦ୍ଧିଷ୍ଟ କାଳ ପାଇଁ ରାସ୍ତା ଅବରୋଧ ଜାରି ରହିବ ବୋଲି ଜିଦ ଧରିଥିଲେ। ଦୀର୍ଘ ୭ ଘଣ୍ଟା କାଳ ରାସ୍ତା ଉପରେ ଶତାଧିକ ମହିଳା ପୁରୁଷ ବସି ରହିଥିବା ବେଳେ ଦିନ ୨ ଟାରେ ବି ଏସ ଏନ ଏଲ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି ଥିଲେ ତେବେ ସୂଚନା ଅନୁସାରେ ଗତ ୫ ବର୍ଷ ହେବ କାଶିନୀପଦର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ବି ଏସ ଏନ ଏଲ ମିନି ଟାୱାର ଲୋକଙ୍କ ସୁବିଧା କୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥିଲା। ଗତ କିଛି ଦିନ ତଳେ ଏହି ମିନି ଟାୱାରକୁ ସଂଯୋଗ ହୋଇଥିବା ବିଦ୍ୟୁତକୁ ବିଦ୍ୟୁତ ବିଭାଗ ବିଛିନ୍ନ କରିଥିବା ବେଳେ ତାହା ମଧ ସମ୍ପୂର୍ଣ ବନ୍ଦ ହୋଇ ଯାଇଛି ବର୍ତମାନ ପରିସ୍ଥିତି ରେ କାଶିନୀ ପଦର ପଞ୍ଚାୟତ ଅଞ୍ଚଳରେ କୌଣସି ନେଟୱାର୍କ ସୁବିଧା ନଥିବାରୁ ଅଞ୍ଚଳ ବାସୀ ସମସ୍ତ ସୁବିଧାରୁ ବଞ୍ଚିତ ହେଉଥିବା କହିଛନ୍ତି କାଶିନୀପଦର ଅଞ୍ଚଳ ବାସୀ। ଏହି ଘଟଣାରେ ଫିରିଙ୍ଗିଆ ତହସିଲଦାର ଅନାମିକା ପାଣ୍ଡେ ଲୋକଙ୍କୁ ବୁଝା ସୁଝା କରି ୨ ଦିନ ଭିତରେ ବି ଏସ ଏନ ଏଲ ଟାୱାରକୁ ପୁନଃ କାର୍ଯ୍ୟକ୍ଷମ କରିବା ସହ କିଭଳି ତୁରନ୍ତ ଏହି କାଶିନୀପଦରରେ ଜିଓ ଟାୱାର ନିର୍ମାଣ ହୋଇ ପାରିବ ସେ ନେଇଁ ବ୍ୟବସ୍ଥା କରିବାକୁ ଲିଖିତ ପ୍ରତିଶୃତି ଦେବା ପରେ ଆନ୍ଦୋଳନ କାରିମାନେ ରାସ୍ତା ଅବରୋଧରୁ ଓହରି ଥିଲେ । ଦୀର୍ଘ ୭ ରୁ ୮ ଘଣ୍ଟା ରାସ୍ତା ଅବରୋଧ ହୋଇଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଜାନ ବାହାନ ଅଟକି ରହିଥିବା ଦ୍ୱାରା ଯାତ୍ରୀ ମାନେ ବହୁ ଅସୁବିଧା ର ସମ୍ମୁଖୀନ ହୋଇଥିଲେ। ଅନ୍ୟ ପଟେ ଏହି ଘଟଣାରେ ତୁରନ୍ତ ଟାୱାର ନିର୍ମାଣ ବ୍ୟବସ୍ଥା ନ କଲେ ପୁଣି ଥରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଅଞ୍ଚଳ ବାସି ଚେତାବନୀ ଦେଇଛନ୍ତି।

## ନୂଆପଡ଼ା ଜିଲ୍ଲା ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ନବଜାତ ଶିଶୁ ସ୍ଥିରିକରଣ କେନ୍ଦ୍ର ରୂପେ ରାଜ୍ୟରେ ପ୍ରଥମ ନେଇ ପୁରସ୍କୃତ



ଖଡ଼ିଆଳ : ନୂଆପଡ଼ା ଜିଲ୍ଲା ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ନବଜାତ ଶିଶୁ ସ୍ଥିରିକରଣ କେନ୍ଦ୍ର ରୂପେ ରାଜ୍ୟରେ ପ୍ରଥମ ନେଇ ପୁରସ୍କୃତ ହୋଇଅଛି । ନବଜାତ ଶିଶୁ ଜନ୍ମ ଠାରୁ ଏକ ହୃଷ୍ଟ ପୃଷ୍ଟ ଶିଶୁ ରୂପେ ଅନେକ ସଫଳତା ଆଣିଅଛି । ତେଣୁ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ରାଜ୍ୟରେ ପ୍ରଥମ ହୋଇଅଛି । ଆଜି ଭୁବନେଶ୍ୱର ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ସମ୍ମାନ ପ୍ରଦାନ କରି କାର୍ଯ୍ୟ ଦକ୍ଷତା କୁ ନେଇ ପ୍ରଶଂସା କରିଛନ୍ତି । ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ରଂଜିତ ରାଉତ ଏବଂ ଷ୍ଟାଫ୍ ନର୍ସ ଭୁବନେଶ୍ୱର ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି । ଜିଲ୍ଲା ରେ ଶିଶୁ ସୁରକ୍ଷା ଏବଂ ନବଜାତ ଶିଶୁ ଯତ୍ନ ରେ ଅନେକ ସଫଳତା ହାସଲ କରିଛନ୍ତି । ଅନ୍ୟ କୁ ଏହା ପ୍ରେରଣା ଦେବା ବୋଲି ପ୍ରକାଶ କରିଛନ୍ତି ।

## ଲାଉମୁଣ୍ଡା ଅଞ୍ଚଳରେ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡର ଚଢାଉ



ବରଗଡ : ଆଜି ବିଜେପୁର ବ୍ଲକର ଲାଉମୁଣ୍ଡା ଅଞ୍ଚଳରେ ବରଗଡ ଜିଲ୍ଲା। ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ ଏବଂ ଅବକାରୀ ବିଭାଗ ପକ୍ଷରୁ ଏକ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡ ଗଠିତ ହୋଇ ଉଡଂଞ୍ଚଇ ନିୟମ ଭଙ୍ଗକରି ସର୍ବସାଧାରଣ ସ୍ଥାନମାନଙ୍କରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୮ ଜଣ ନିୟମ ଖିଲାପକାରୀଙ୍କ ଠାରୁ ସମୁଦାୟ ଟ.୨୭୦୦/ ଟଙ୍କା ଜୋରିମାନା ସଂଗ୍ରହ କରାଯିବା ସହ ଜନସାଧରଣଙ୍କୁ ଖାଦ୍ୟରେ ରଂଗ ବ୍ୟବହାର ନ କରିବା, ଖବରକାଗଜ ରେ ଖାଦ୍ୟ ସାମଗ୍ରୀ ନ ଦେବା ଏବଂ ତମାଖୁ ବ୍ୟବହାରର କ୍ଷତି ବିଷୟରେ ସଚେତନ କରାଗଲା । ଉକ୍ତ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡରେ ସ୍ୱାସ୍ଥ୍ୟ ବିଭାଗରୁ ଜିଲ୍ଲା ଭେଷଜ ନିରୀକ୍ଷକ ସୁନିତା ନାଗ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ପରମେଶ୍ୱର ନାଏକ, ଜିଲ୍ଲା ପରମର୍ଶଦାତା ଶ୍ରୀ ସୀତେଶ ତ୍ରିପାଠୀ, ଅବକାରୀ ବିଭାଗରୁ ଏ.ଏସ.ଆଇ. ଯତୀନ ଦୀପ, ଇ/ସି ପ୍ରଶାନ୍ତ ବାଗ ଏବଂ ପୋଲିସ ବିଭାଗରୁ ଏ.ଏସ.ଆଇ ଭଗତ ବେହେରା ଓ କନଷ୍ଟେବଲ ବୀରେନ୍ଦ୍ର ପୋଢ଼ ଉପସ୍ଥିତଥିଲେ ।

## ଜଳେଶ୍ୱର ରେ ଜ୍ୟୋତି ମଟୋର୍ସର ନେକ୍ସା କାର ସୋରୁମ୍ ଉଦଘାଟିତ

ଜଳେଶ୍ୱର,୨୮/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ରାଜପୁର ପଞ୍ଚାୟତ,ବାଘବାଲୀ ନିକଟରେ ଜ୍ୟୋତି ମୋଟର୍ସର ନେକ୍ସା ବ୍ରାଣ୍ଡ ର ସୌଖିନ କାର ଶୋରୁମ୍ ଉଦଘାଟିତ ହୋଇଯାଇଛି। ବୁଧବାର ଅପରାହ୍ନରେ ନୁତନ ସୋରୁମ କୁ, ମୁଖ୍ୟ ଅତିଥି ଭାବେ ଆଇସିଆଇ ଜଳେଶ୍ୱର ଶାଖା ବ୍ୟାଙ୍କ ପରିଚାଳକ ସୁଜିତ୍ କୁମାର ରାଉତ,ପିଏନ ବି ଶାଖା ପରିଚାଳକ ଦିପେନ୍ କୁମାର ନାୟକ,କାନାଡା ବ୍ୟାଙ୍କ ଶାଖା ପରିଚାଳକ ପ୍ରମୁଖ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ଅନ୍ୟ ଅତିଥି ଙ୍କ ମଧ୍ୟରେ ଶଶାଙ୍କ ଶେଖର ଦାସ ମହାପାତ୍ର,ମନୋଜ ପ୍ରଧାନ,ବିଜୟ କୃଷ୍ଣ ପାଲ, ସୁନିଲ୍ ପାଲ, ଯୋଗ ଦେଇ, ସୀମାନ୍ତ ଅଞ୍ଚଳରେ ପ୍ରଥମ କରି ଉପଲବ୍ଧ,ଏହି ଅତ୍ୟାଧୁନିକ,ସୌଖିନୀ କାର ସମ୍ପର୍କରେ ଆଲୋକପାତ କରିଥିଲେ।ଏହି କୋମ୍ପାନୀ ର ୮ଟି ବିଭିନ୍ନ ମଡେଲ ରେ ସମସ୍ତ ଅତ୍ୟାବଶ୍ୟକ ବ୍ୟବସ୍ଥା ସୁବିଧା ରହିବା ସହିତ, ସ୍ୱତନ୍ତ୍ର ଧାରଣର ସ୍ୱୟଂ ଚାଳିତ ବ୍ୟାଟେରୀ ଚାର୍ଜ ସୁବିଧା ମଧ୍ୟ ରହିଛି।ଏହା ସହିତ ଜଳେଶ୍ୱର ପ୍ରାୟ ସମସ୍ତ ବ୍ୟାଙ୍କ ରୁ ଆଦର୍ଶ ଭାବେ କିସ୍ତି ମାଧ୍ୟମରେ ପୁଞ୍ଜି ଯୋଗାଣ ବ୍ୟବସ୍ଥା ରହିଛି ବୋଲି , ଶାଖା ପରିଚାଳକ ଅଭିଷେକ ଜେନା ସୂଚନା ଦେଇଛନ୍ତି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର - ୪୨ ୟୁନିଟ ରକ୍ତ ସଂଗ୍ରହ



ବାରିପଦା -୨୮/୧୧ (ନି.ପ୍ର): ରିଖ ରକ୍ତ ଭଣ୍ଡାର କେନ୍ଦ୍ରରେ ରକ୍ତର ଅଭାବକୁ ଲକ୍ଷ୍ୟ କରି ବର୍ଷରେ ଦୁଇ ଥର ରକ୍ତଦାନ ଶିବିର ଆୟୋଜନ କରିଆସୁଥିବା କାଲୁରାମ ଦୁର୍ଗା ପ୍ରସାଦ ଆଜି ମଧ୍ୟ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରିଛି ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଏହି ଶିବିରର ଉଦଘାଟନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ମନୀଷ ଖଣ୍ଡେଲୱାଲ, ସମାଜସେବୀ ଅମର ସେଠି, ପ୍ରଯୋଜକ ଦୁର୍ଗା ମୋଦି, କାଉନସିଲର ଅନନ୍ତ ଦାସ ଓ ପୂର୍ବତନ କାଉନସିଲର ପ୍ରଭାତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ଓ ଏହି ଶିବିରରେ ୯ ଜଣ ମହିଳା ସମେତ ମୋଟ ୪୨ ଜଣ ରକ୍ତଦାନ କରିଥିଲେ ଓ ରକ୍ତ ଭଣ୍ଡାର ଅଧିକାରୀ ଡଃ ସୌମ୍ୟ ରଞ୍ଜନ ନାୟକ ଓ ଡଃ ନୀଲେଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୁଚିକା ଖୁରାନା, ପ୍ରଫୁଲ୍ଲ ମାଝୀ, ସବିତା ଶେଜପଡା, ଶକୁନ୍ତଳା ମହାନ୍ତ, ନୀତିଶ ସାମଲ ରକ୍ତ ସଂଗ୍ରହ କରିଥିଲେ ଓ ଏହି ଅବସରରେ ଗୌରବ ମୋଦୀ ଓ ତାଙ୍କ ପତ୍ନୀ ଖୁଶବୁ ମୋଦି ରକ୍ତଦାନ କରିଥିଲେ ଓ ସୌମ୍ୟ ରଞ୍ଜନ ଦାସ, ଅନିଲ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦୁବେ, ଜୟନ୍ତ ସାହୁ ଓ ଚିନ୍ମୟ ପାଲ ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ପୈତୃକ ସମ୍ପତିରୁ ବାଦ ପଡିଲେ ଶିକ୍ଷକ ନ୍ୟାୟ ପାଇଁ ଜିଲ୍ଲାପାଳଙ୍କୁ ନିବେଦନ

କେନ୍ଦ୍ରାପଡ଼ା ୨୮/୧୧ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଳପଡା ଗ୍ରାମର ରାଜେନ୍ଦ୍ର କୁମାର ସାମଲ ନିଜ ପୈତୃକ ସମ୍ପତିରୁ ବଞ୍ଚିତ ଥିବା ନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ରାଜେନ୍ଦ୍ର ଜଣେ ସହକାରୀ ଶିକ୍ଷକ ଭାବେ କେନ୍ଦ୍ରାପଡ଼ାରେ କାର୍ଯ୍ୟରତ । କଳପଡା ଗ୍ରାମର ସ୍ୱର୍ଗତ କରୁଣା କର ସାମଲଙ୍କ ପୁଅ ରାଜେନ୍ଦ୍ର ଜଣେ ସମାଜସେବୀ ଓ ଆଦର୍ଶ ଶିକ୍ଷକ ଭାବେ ବେଶ ଜଣାଶୁଣା । ତେବେ ରାଜେନ୍ଦ୍ରଙ୍କ ବାପାଙ୍କ ବିୟୋଗ ପରେ ତାଙ୍କ ଭଉଣୀ ଚଞ୍ଚକତା ଜରି ତାଙ୍କ ଜାଲ ଦସ୍ତଖତରେ ଜଣେ ଜମି ଦଲାଲଙ୍କୁ ବିକ୍ରି କରିଦେଇଛନ୍ତି । ଏସମସ୍ତ ଘଟଣା ରାଜେନ୍ଦ୍ର ଜାଣି ପରିବା ପରେ ନ୍ୟାୟ ପାଇଁ କେନ୍ଦ୍ରାପଡ଼ା ତହସିଲଦାର ଓ ଶବରେଜେଷ୍ଟ୍ରିରଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା କହିଛନ୍ତି ରାଜେନ୍ଦ୍ର। ତେବେ ନ୍ୟାୟ ପାଇଁ ରାଜେନ୍ଦ୍ର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଅବଗତ କରାଇବା ସହ ନ୍ୟାୟ ନମିଳିଲେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ପଞ୍ଚାୟତର ମିଶନ ଶକ୍ତି ଗୃହକୁ ନେଇ ଚର୍ଚ୍ଚା ଜୋର ଧରିଲା

କେନ୍ଦ୍ରାପଡ଼ା ୨୮/୧୧ (ନି.ପ୍ର):: କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୋ ପଞ୍ଚାୟତରେ ମିଶନ ଶକ୍ତି ଗୃହକୁ ନେଇ ଚର୍ଚ୍ଚା ଜୋର ଧରିଛି। ବାରୋ ପଞ୍ଚାୟତରେ ମିଶନ ଶକ୍ତି ମହିଳା ମାନଙ୍କ ପାଇଁ ସରକାରଙ୍କ ତରଫରୁ ଗୃହ ନିର୍ମାଣ ପାଇଁ ଜାଗା ଚୟନ କରି ଗୃହ ନିର୍ମାଣ କରାଯାଉଛି। ହେଲେ ମିଶନ ଶକ୍ତି ମହିଳାମାଙ୍କ ଭିତରେ ଗୃହ ନିର୍ମାଣ କୁ ନେଇ ଦ୍ୱନ୍ଦ ଉପୁଜିଛି । ଯେଉଁ ମିଶନ ଶକ୍ତି ଗୃହ ପଞ୍ଚାୟତର ମଧ୍ୟ ସ୍ଥଳରେ ନିର୍ମାଣ କରାଯିବା କଥା ଯାହାକି ସମସ୍ତ ମିଶନ ଶକ୍ତି ମହିଳା ମାନଙ୍କ ଯିବା ଆସିବାରେ ଯେମିତି ଅସୁବିଧା ଯେମିତି ନହେବ ହେଲେ ସରପଞ୍ଚ ଗୋପୀନାଥ ମଳିକ ଯେଉଁ ଜାଗାରେ ଗୃହ କରୁଛନ୍ତି ସେନେଇ ବିବାଦ ଉଙ୍କି ମାରୁଛି । ମିଶନ ଶକ୍ତି ଗୃହ ପଞ୍ଚାୟତ ମଧ୍ୟ ସ୍ଥଳରେ କରାନଯାଇ ପ୍ୱଞ୍ଚାୟତ ସୀମାର ଶେଷ ମୁଣ୍ଡ ଅର୍ଥାତ ନବୋଦୟ ବିଦ୍ୟାଳୟ ପାରେ କରାଯିବାକୁ ନେଇ ଉପୁଜିବାକୁ ଯାଉଛି ଘୋର ବିବାଦ। ମହିଳା ଗ୍ରୁପ ସଦସ୍ୟା ମାନଙ୍କ କହିବା କଥା ମିଶନ ଶକ୍ତି ଗୃହକୁ ଯିବାକୁ ହେଲେ ଆମକୁ ନିହାତି ୫ ରୁ ୬ କିଲୋମିଟର ଯିବାକୁ ପଡ଼ିବା ତରାଣ୍ଡୋ,ଉଛରପଦା,ବାରୋ ଘିଗିଡ଼ିଆ,ଇଟିପୂର୍,ନିଳୀକଣା ଏମିତି ଆହୁରି ଅନେକ ଗ୍ରାମରେ ଥିବା ମହିଳା ଗ୍ରୁପ ମାନଙ୍କ ଯିବା ଆସିବା କରିବା ବହୁ ବାଟ ଯିବାକୁ ପଡିବ କଣ ଆମ ଗ୍ରାମ ଭିତରେରେ କଣ ସରକାରୀ ଜାଗା ନାହିଁ କି ବୋଲି ପ୍ରଶ୍ନ କରିଛନ୍ତି ମହିଳା ମଣ୍ଡଳ ସଦସ୍ୟା ମାନେ । ଆଉରି ମଧ୍ୟ କହିଛନ୍ତି ମିଶନ ଶକ୍ତି ଗୃହ ନିର୍ମାଣ କୁ ନେଇ ଯଦି କିଛି ସରପଞ୍ଚ କହିଲେ ସରପଞ୍ଚ ଗୋପୀନାଥ ମଳିକ ମହିଳା ମାନଙ୍କୁ ଗାଳି ଦେବାକୁ ପଛାଉନାହାନ୍ତି। ଗୃହ ନିର୍ମାଣ ହେଉଥିବା ଜାଗା ଠାରୁ କିଛି ମାତ୍ର ଦୂରରେ ରହିଛି ମଦ ଦୋକାନ ଓ ସଂଖ୍ୟା ଲଘୁ ସମ୍ପ୍ରଦାୟ ଲୋକଙ୍କ ଦବ ଦବା ବେଶୀ ରହୁଥିବାରୁ ମହିଳା ମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଯଦି କେତେବେଳେ କିଛି ଅପ୍ରତିକର ସ୍ଥିତି ଉପୁଜେ ସେଥିପାଇଁ କିଏ ଦାୟୀ ରହିବ ସରପଞ୍ଚ ମହାଶୟ ନା ବ୍ଲକ ପ୍ରଶାସନ ନା ଜିଲ୍ଲା ପ୍ରଶାସନ। ପଞ୍ଚାୟତରେ ଅନେକ ସରକାରୀ ଜାଗା ଥିବାବେଳେ ଏପରି ଜାଗା ଚୟନକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ବାରୋ ପଞ୍ଚାୟତର ମିଶନ ଶକ୍ତି ଗୃହ।

## ମେଗା ପାନୀୟ ଜଳ ପ୍ରକଳ୍ପରେ ତାଲା ମାରିଦେଲେ ଗ୍ରାମବାସୀ



କେନ୍ଦ୍ରାପଡ଼ା ୨୮/୧୧ (ନି.ପ୍ର): ମାର୍ଶାଘାଇ ବ୍ଲକ ତାଳସଙ୍ଗା ଗ୍ରାମରେ ୨୦୪ କୋଟି ବ୍ୟୟରେ ନିର୍ମାଣ କରାଯାଇଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ତାଲା ମାରିଦେଲେ ତାଳସଙ୍ଗା ଗ୍ରାମବାସୀ ।ସୂଚନା ଅନୁଯାଇ ଜଳସମ୍ପଦ ବିଭଗ ଅଧୀନରେ ୨୦୨୨ମସିହାରେ ତାଳସଙ୍ଗା ଗ୍ରାମରେ ନିର୍ମାଣ କରାଯାଇଥିଲା ମେଗା ପାନୀୟ ଜଳ ପ୍ରକଳ୍ପ । ବିଶେଷ କରି ଚିତ୍ରୋତ୍ପଳା ନଦୀର ମଧୁର ଜଳକୁ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ୧୭ ଟି ପଂଚାୟତକୁ ପାଇପ ଯୋଗେ ଯୋଗାଇ ଡ଼ିଆ ଯାଇଥିଲା । କିନ୍ତୁ ଦୁଃଖ ଓ ପରୀତାପର ବିଷୟ ତାଳସଙ୍ଗା ଗାଁକୁ ସପ୍ଲାଏ ପାଣିର ଯୋଗାଣ ହୋଇ ପାରିନଥିଲା । ସମ୍ପୃକ୍ତ କମ୍ପାନୀ ଓ ବିଭାଗୀୟ ଯନ୍ତ୍ରୀ ଓ ପୂର୍ବତନ ବିଧାୟକଙ୍କ ମିଳିଭାଗତରେ କୋଟି କୋଟି ଟଙ୍କାର ଘୋଟଲା କରାଯାଇଥିବା ବେଳେ ତାଳସଙ୍ଗା ପଂଚାୟତର ବିଭିନ୍ନ ଗାଁକୁ ପାଇପ ସଂଯୋଗ କରିବାରେ ବିଳମ୍ବ ହୋଇଥିଲା । ଯାହା ପାଇଁ ଦୀର୍ଘ ୨ବର୍ଷ ହେବ ପିଇବା ପାଣି ପାଇବାରୁ ବଞ୍ଚିତ ହୋଇଥିଲେ ତାଳସଙ୍ଗା ପଂଚାୟତ ବାସୀ । ବାରମ୍ବାର ସମସ୍ୟା ସମ୍ପର୍କରେ ପଂଚାୟତବାସୀ ବିଭାଗୀୟ ଯନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଯାହାକୁ ପ୍ରତିବାଦ କରି ତାଳସଙ୍ଗା ପଂଚାୟତ ବାସୀ ମେଗା ପାନୀୟ ଜଳ ନିକଟରେ ନାରାବାଜୀ ଦେଇ ପାନୀୟ ଜଳ ପ୍ରକଳ୍ପରେ ତାଲା ଝୁଲାଇ ଦେଇଛନ୍ତି । ପ୍ରକଳ୍ପରେ ତାଲା ଝୁଲିବା ପରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ୧୭ ଟି ପଂଚାୟତର ସାଧାରଣ ଜନତା ପାଣି ପାଇଁ ନାହିଁ ନଥିବାର ସମୁଖୀନ ହୋଇଛନ୍ତି । ତେବେ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି ପଂଚାୟତବାସୀ ! ଏସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ।

## ରୋଗାଗ୍ରସ୍ତ ଗୋମାତାଙ୍କୁ ଗୋଶାଳାକୁ ସ୍ଥାନାନ୍ତର କଲେ ଶ୍ରୀ ଜଗନ୍ନାଥ ଟ୍ରଷ୍ଟ



କେନ୍ଦ୍ରାପଡ଼ା, ୨୮/୧୧ (ନି.ପ୍ର): ଆଜି କେନ୍ଦ୍ରାପଡା ପୌରସଂସ୍ଥା ଅନ୍ତର୍ଗତ ୯ନମ୍ବର ୱାର୍ଡର ମାଧପୁର ଗ୍ରାମ କେନାଲ କୂଳ ସବଷ୍ଟେସନ ଛକ ନିକଟରେ ଥିବା ଏକ ଅର୍ଦ୍ଧ ନିର୍ମିତ ଗୃହରେ ଗୋମାତା ଟି ରୋଗାଗ୍ରସ୍ତ ହୋଇ ପଡିଥିବାର ଖବର ପାଇ ସ୍ଥାନୀୟ ଯୁବକ ମାନେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତିଙ୍କୁ ଜଣାଇଥିଲେ । ଏହି ଗୋମାତାଟି ଦୀର୍ଘ କିଛି ଦିନହେବ ଏହି ସ୍ଥାନରେ ପଡିରହି ଜୀବନ ମୃତ୍ୟୁ ସହିତ ସଂଘର୍ଷ କରୁଥିଲା । ତାଦେହ ଅସୁସ୍ଥତା ଜାଣି ସ୍ଥାନୀୟ ଯୁବକ ନିର୍ବାଣ ପଣ୍ଡା ସ୍ଥାନୀୟ ଲୋକଙ୍କୁ ନେଇ ସେବା କାର୍ଯ୍ୟ ଆରମ୍ଭ କରିଥିବା ବେଳେ କିଛି ଦିନପରେ ତାର ଶରୀରର ଅସୁସ୍ଥତା ବଢିଯାଇଥିଲା । କିପରି ସେହି ଗୋମାତାଙ୍କୁ ଅଧିକ ସେବା ଯୋଗାଇ ଦିଆଯାଇ ପାରିବ ତାପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟଙ୍କ ସହ ଆଲୋଚନା କରା ଯାଇଥିଲା । ଏହା ପରେ ସମସ୍ତଙ୍କ ସାହାଯ୍ୟ ସହଯୋଗରେ ଆଜି ପଟ୍ଟାମୁଣ୍ଡାଇ ସ୍ଥିତ ଶଙ୍କର ଭାଇଙ୍କ ଗୋଶାଳାକୁ ଉକ୍ତ ଗ ମାତାଙ୍କୁ ସ୍ଥାନାନ୍ତର କରା ଯାଇଥିଲା । ଏହି ଗୋମାତାକୁ ପାଖରେ ଥିବା ବଟକୃଷ୍ଣ ପୃଷ୍ଟି ଓ ଖୁସୀ ପୃଷ୍ଟିଙ୍କ ପରିବାର ନିଜର ପାରିବାରର ମେମ୍ବର୍ ଭଳି ଭାବି ଦୀର୍ଘଦିନ ହେବ ସେବା ଯତ୍ନ କରି ଆସୁଥିଲେ । ଆଜି ଏହାର ସ୍ଥାନାନ୍ତର ଖବର ପାଇ ତାଙ୍କ ପରିବାରର ଆଖିରେ ଲୁହ ମଧ୍ୟ ଭରିଯାଇଥିଲା । ଆଜିର ଏହି ମହତ କାର୍ଯ୍ୟରେ ସହଯୋଗ କରିଥିବା ବଦାନ୍ୟ ବ୍ୟକ୍ତି ବିଶେଷମାନେ ହେଲେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶ୍ରୀଯୁକ୍ତ ଦମନ ମହାନ୍ତି, ଭାବଗ୍ରାହୀ ସାହୁ, ନିଗମ ସାହୁ, ନିର୍ବାଣ ପଣ୍ଡା, ଅର୍ଚିତ୍ କୁମାର ବାରିକ, ସାମ୍ବାଦିକ ନୀହାର ରଂଜନ ସାହୁ ଓ ପ୍ରଫୁଲ୍ଲ କୁମାର ଦାସ ଏବଂ ତପନ ମୋହନ ବାରିକ ପ୍ରମୂଖ ।

## ନୌକା ପ୍ରତି ଯୋଗିତା ପାଇଁ ଜଳଭଣ୍ଡାରରେ ସରଜମିନ ତଦନ୍ତ କଲେ ପରିଚାଳନା କମିଟି



ମାଲକାନଗିରି ତା. ୨୮/୧୧ (ନି.ପ୍ର): ମାଲ୍ୟବନ୍ତ ମହୋତ୍ସବ ଉପଲ କ୍ଷେ ଆସନ୍ତା ୧୧ ତାରିଖ ଦିନ ସତୀଗୁଡା ଜଳଭଣ୍ଡାରରେ ମତ୍ସ୍ୟଜୀବି ମାନଙ୍କୁ ନେଇ ନୌକା ପ୍ରତି ଯୋଗିତା ନିମନ୍ତେ ଜଳଭଣ୍ଡାର ମଧ୍ୟରେ ସରଜମିନ ତଦନ୍ତ କଲେ ନୌକା ପରିଚାଳନା କମିଟିର ସଦସ୍ୟ ମାନେ। ଏହି ଉପଲ କ୍ଷେ ଆଜି ପରିଚାଳନା କମିଟିର ଅଧ କ୍ଷ ତଥା ଜିଲ୍ଲା କ୍ରୀଡା ଅଧିକାରୀ ମାଧବ ପାଙ୍ଗି, ସହକାରୀ ବନ ସଂର କ୍ଷକ ମନସୁନ ଖେମୁଣ୍ଡୁ, ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ, କମିଟି ସଦସ୍ୟ ଦୁ ର୍ଯ୍ୟୋଧନ ପାତ୍ର, ସତୀଗୁଡା ମତ୍ସ୍ୟଜୀବି ସଂଗଠନ ର କର୍ମକର୍ତା ଓ ସମସ୍ତ ସଦସ୍ୟ ଉପସ୍ଥିତ ରହି ଜଳଭଣ୍ଡାରରେ ପ୍ରତି ଯୋଗିତାରେ ଅଂଶଗ୍ରହଣ କରୁଥିବା ୧୦ଟି ନୌକା ପାଇଁ ୧୦୦ ମିଟର ପରିଧିରେ ସୋଲ ଏବଂ ବେଲୁନ, ସୁତୁଲି ଦ୍ୱାରା ଟ୍ରାକ୍ କରା ଯିବ । ଏହାକୁ ବନ ବିଭାଗ ଦାୟିତ୍ୱରେ ଦିଆ ଯାଇଥଇବାବେଳେ ମତ୍ସ୍ୟ ବିବାଗ ପ୍ରତି ଯୋଗୀଙ୍କ ପ୍ରତି ନୌକା ଚାଳନା କରିବା ପାଇଁ ଚାରି ଜଣଙ୍କ ନାମ, ଗ୍ରାମ ପଞ୍ଜିକୃତ କରିବେ । ଏଥିସହ ପ୍ରତି ଯୋଗୀମାନଙ୍କ ପାଇଁ ଜରୁରୀକାଳୀନ ଔଷଧ, ପାନୀୟ ଜଳ, ଶୃଙ୍ଖଳା ଖାଦ୍ୟ ବ୍ୟବସ୍ଥା କରିବେ । ବନ ବିଭାଗ ପ୍ରତି ଯୋଗୀମାନଙ୍କ ପାଇଁ ଟୋପି ଓ ଟି ସାର୍ଟ ଯୋଗାଇଦେବେ । ମଂଚ ଓ ଡାକବାଜୀ ଯନ୍ତ୍ର, ବାକିଟକି, ସବୁଜ ପତାକା ଯୋଗାଇ ଦେବେ ।ପ୍ରତି ଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଚୟନ ପାଇଁ ଚାରିଜଣ ଚୟନ କର୍ତା ରହିବେ । କ୍ରୀଡା ଅଧିକାରୀ ଏହି ଚୟନ କର୍ତା ମାନଙ୍କୁ ନିୟୋଜିତ କରିବେ । ଅଗ୍ନିଶମ ବିଭାଗ ପ୍ରତି ଯୋଗୀ ଏବଂ ଜଳ ମଧ୍ୟରେ ତଦାରଖ କରୁଥିବା ଅଧିକାରୀ ମାନଙ୍କ ସୁର କ୍ଷା ଦାୟିତ୍ୱ ତୁଲାଇବା ସହ ୬୦ଟି ଲାଇଫ୍ ଜାକେଟ ଜିଲ୍ଲାପାଳଙ୍କ କା ର୍ଯାଳୟ ଜରୁରିକାଳୀନ ବିଭାଗ ଠାରୁ ଗ୍ରହଣ କରି ପ୍ରତି ଯୋଗୀ ଓ ଅଧିକାରୀ ମାନଙ୍କୁ ବିତରଣ କରିବେ। ବନା ଲାଇଫ ଜାକେଟ ରେ ପ୍ରତି ଯୋଗୀ କିମ୍ବା ଅଧିକାରୀ ମାନେ ଜଳଭଣ୍ଡାରରେ ପ୍ରବେଶ କରିପାରିବେ ନାହିଁ ଆଗାମୀ ୭ ତାରିଖ ଦିନ ପ୍ରତି ଯୋଗୀ ମାନହ୍ ?କୁ ନେଇ ଏକ ମୋକ ଡ୍ରିଲ କା ର୍ଯ୍ୟକ୍ରମ ଜଳଭଣ୍ଡାରରେ ଅନୁଷ୍ଠିତ ହେବ । ୧୧ ତାରିଖ ଅପରାହ୍ନ ୩.୩୦ ମିନିଟ୍ ସମୟରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍ ?ତି ପରିଷଦ ଅଧ କ୍ଷ ଏହି ପ୍ରତି ଯୋଗିତାକୁ ସବୁଜ ପତାକା ଦେଖାଇ ଉଦ୍ଘାଟନ କରିବେ। ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଳଭଣ୍ଡାର ଚତୁଃପାଶ୍ୱର୍ ଥିବା ଗ୍ରାମ ଓ ସହର ମଧ୍ୟରେ ଏହାର ପ୍ରଚାର ପ୍ରସାର କରିବା ପାଇଁ ନିଷ୍ପତି ନିଆଗଲା।

## ଦେଢ ଏକର ଜମି ଧାନ କୁପା ପୋଡି ନଷ୍ଟ:ନିଆଁ କୁ ଆୟତ କଲେ ପାପଡାହାଣ୍ଡି ଅଗ୍ନିଶମ ବିଭାଗ

ନବରଙ୍ଗପୁର:୨୮/୧୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ କୋଇଲାରୀ ଗ୍ରାମ ପଞ୍ଚାୟତ ର ସାନ କୋଇଲାରୀ ଗ୍ରାମର ଚନ୍ଦ୍ର ମାଝୀ ଙ୍କ ଦେଢ ଏକର ଧାନ ଜମିର ଧାନ ଗଦା କୌଣସି କାରଣ ରୁ ଅଗ୍ନି କାଣ୍ଡରେ ପୋଡି ଯାଉଥିବା ଗାଈ ଚରାଳିମାନେ ଦେଖି ଧାନ ଗଦା ମାଲିକ ଙ୍କୁ ଖବର ଦେଇଥିଲେ। ଜମି ମାଲିକ ସଙ୍ଗେ ସଙ୍ଗେ ଡାବୁଗାଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ହେଁ ଡାବୁଗାଁ ଦମକଳ ଗାଡି ଖରାପ ଥିବାରୁ ପାପଡାହାଣ୍ଡି ଅଗ୍ନିଶମ ବିଭାଗକୁ ଫୋନ କରିଥିଲେ। ସେଠାରୁ ଗାଡି ଆସି ଅଗ୍ନି କୁ ଆୟତ୍ତ କରିଥିଲେ। କିନ୍ତୁ ଡାବୁଗାଁ ଦମକଳ ଠିକ୍ ସମୟରେ ପହଞ୍ଚି ଥିଲେ, ଏତେ ପରିମାଣର କ୍ଷତି ହୋଇ ନ ଥାଆନ୍ତା। ଯେହେତୁ ପାପଡାହାଣ୍ଡି ଡାବୁଗାଁ ରୁ ୧୮ କିମି ଦୁରତ୍ୱ,ଏଠାରୁ ଅନ୍ୟୁନ ଦଶ କିମି ସେହି ଗ୍ରାମ। ଏପରି ଦୁର୍ଯୋଗ ସମୟରେ ଡାବୁଗାଁ ଦମକଳ ଗାଡି ଠିକ୍ ନ ଥିବା ଯୋଗୁଁ ସମସ୍ତଙ୍କ ମନରେ ଦୁଃଖ ଓ ବିଶାଦ ଆଚ୍ଛାଦିତ ହୋଇ ଥିଲା। ପାପଡାହାଣ୍ଡି ଅଗ୍ନିଶମ ବିଭାଗ ଡ୍ରାଇଭର ରାଜେଶ କୁମାର ସେଠୀ,କର୍ମଚାରୀ ଦେବାନନ୍ଦ ଶବର,ଇଶ୍ୱର ଶବର,ଦୂରଦକ୍ଷ ବାଗ ପ୍ରମୁଖଙ୍କ ପ୍ରଚେଷ୍ଟାରେ ଅଗ୍ନି କୁ ଆୟତ୍ତ କରାଯାଇଥିଲା ।ଉକ୍ତ ଚାଷୀର କ୍ଷତି ପୂରଣ ଆକଳନ କରି ପ୍ରଶାସନ ତରଫରୁ ଚାଷୀ କୁ ସହାୟତା ରାଶି ଯୋଗାଇ ଦେବାକୁ ଜନସାଧାରଣରେ ଦୃଢ଼ ଦାବୀ ହେଉଛି କ୍ଷ ଅଗ୍ନି ଲାଗିବାର କାରଣ ଏବେବି ଅସ୍ପଷ୍ଟ ହୋଇ ରହିଛି।

## ପୋଷାକ ବଣ୍ଟନ କାର୍ଯ୍ୟକ୍ରମ

ନବରଙ୍ଗପୁର:୨୮/୧୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଚଚରାଗୁଡା ଗ୍ରାମ ପଞ୍ଚାୟତର କୁସୁମବନ୍ଧ ଗ୍ରାମ ର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମହାସମାରୋହରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟରାମ ମାଝୀ ଙ୍କ ସଭାପତିତ୍ୱରେ ସମ୍ମାନୀତ ଅତିଥି ଉପ ସଭାପତି ନୀଳାବତୀ ମାଝୀ ଓ ବିଦ୍ୟାଳୟ କମିଟି ସଦସ୍ୟ/ସଦସ୍ୟା ବୃନ୍ଦ ଙ୍କ ଉପସ୍ଥିତ ଥିବା ବେଳେ ମୁଖ୍ୟ ଅତିଥି ଡାବୁଗାଁ ବ୍ଲକ ଅଧକ୍ଷା ଶ୍ରୀମତୀ ବୀଣା ମାଝୀ, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦୟାନିଧି ବଞ୍ଜରା,ସହକାରୀ ଶିକ୍ଷକ ନିମାଇଁ ଚରଣ ପ୍ରଧାନ,ନରସିଂ ମାଝୀ, ଡମ୍ବରୁଧର ମେହେର ଓ ଶିକ୍ଷୟତ୍ରୀ ଶୁଭଶ୍ରୀ ଜେନା ପ୍ରମୁଖ ଙ୍କ ସହ ଅଭିଭାବକ, ଗ୍ରାମବାସୀ ଉପସ୍ଥିତ ଥିଲେ। ଉକ୍ତ ବିଦ୍ୟାଳୟ ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ୧୪୫ ଜଣ ଛାତ୍ରଛାତ୍ରୀ ମାନଙ୍କୁ ଦୁଇହଳ ଲେଖାଏଁ ପୋଷାକ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି, ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ ଓ ଗ୍ରାମବାସୀ ମାନଙ୍କ ଦ୍ୱାରା ବିତରଣ କରାଯାଇ ଥିଲା କ୍ଷ ତେବେ ଶାନ୍ତି ଶୃଙ୍ଖଳାରେ ଉକ୍ତ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ରାଇରଙ୍ଗପୁର କୋର୍ଟ !ଭିନ୍ନକ୍ଷମ ନାବାଳିକା ହତ୍ୟା ମାମଲାରେ ଅଭିଯୁକ୍ତ କୁ ଆଜୀବନ କାରାଦଣ୍ଡ



ରାଇରଙ୍ଗପୁର -୨୮/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର କୋର୍ଟରେ ଅତିରିକ୍ତ ଜିଲ୍ଲା ଓ ଦୌରାଜ ଡଃ ଭି ସୁଜାତା ଜନୈକା ଭିନ୍ନକ୍ଷମ ନାବାଳିକା ହତ୍ୟା ମାମଲାରେ ଅଭିଯୁକ୍ତକୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୫୦୦୦ ଟଙ୍କା ଜୋରିମାନା ଦଣ୍ଡ ଶୁଣାଣୀ କରିଛନ୍ତି । ସୂଚନାଯୋଗ୍ୟ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ବିଜାତଳା ବ୍ଲକର ସରଣ୍ଡା ଗ୍ରାମର ରେପ ମୁର୍ମୁ (୩୫) ଙ୍କ ପତ୍ନୀ କୁ ସେହି ଗ୍ରାମର କୃଷ୍ଣ ଗିରି ଫୁସୁଲା ଫୁସୁଲି କରି ନିଜ ଘରକୁ ନେଇ ଦିତୀୟ ପତ୍ନୀ ରୁପେ ରଖିଥିଲା ।ବିଚରା ଅସହାୟ ରେପ ମୁର୍ମୁ ପତ୍ନୀ ବିରହରେ ଭାଙ୍ଗି ପଡ଼ିବା ସହ ଘରେ ଖାଇବା,ପିଇବା,ବାପ,ମା,ଗୋରୁ ଗାଈ ସେବା କରି ନ ପାରି ଭାରି ହଇରାଣ ହରକତ ହେଉଥିଲା ।ଶେଷରେ ସେ ତାର ପତ୍ନୀ ଅପହରଣକାରୀ ଉପରେ ପ୍ରତିଶୋଧ ନେବାପାଇଁ ତା'ର ମନରେ ହିଂସ୍ର ଆଚରଣ ଜାଗରଣ ହୋଇଥିଲା । ୨୪/୦୭/୨୦୨୩ କୃଷ୍ଣ ଗିରି ସକାଳେ କୌଣସି କାମରେ ସରଗଡା ଯାଇଥିଲେ ।ଘରେ କୃଷ୍ଣ ଗିରିର ବୃଦ୍ଧ ପିତାମାତା ଏବଂ ତା'ର ର ୧୪ ବର୍ଷୀୟା ଭିନ୍ନକ୍ଷମ ନ୍ୟାଳିକା ଝିଅ ଥିଲା ।ରେପ ମୁର୍ମୁ କୃଷ୍ଣ ଗିରି ଘରେ ନ ଥିବା ଜାଣି ପ୍ରତିହିଂସା ପରାୟଣ ହୋଇ ହଠାତ୍ ଏକ ପନିକି ଧରି କୃଷ୍ଣ ଗିରି ଘରେ ପଶି ଭିନ୍ନକ୍ଷମ ଝିଅର ବେକକୁ ଚୋଟେ ପକାଇ ଦୃତ ଗତିରେ ଖସି ପଳାଉ ଥିବା କୃଷ୍ଣ ଗିରି ବାପା ଦେଖିବାକୁ ପାଇଥିଲେ ।ଝିଅଟି ଯନ୍ତ୍ରଣାରେ ଛଟପଟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଚଟାଣ ଉପରେ ମରି ଯାଇଥିଲା । ଗାଁ ରେ କୁହାକୁହି ହେଉଥିଲେ ବାପ ଖାଇଲା ତାଳ; ଛୁଆକୁ ହେଲା କାଳ ।ନିରିହ ଭିନ୍ନକ୍ଷମ ନାବାଳିକା ନିଜ ବାପର କୁକର୍ମ ଯୋଗୁଁ ମୃତ୍ୟୁ ଯନ୍ତାରେ ପଡ଼ିଲା ।ପରେ ଘରଲୋକେ ଓ ଗ୍ରାମବାସୀ ଗୋରୁମହିଷାଣୀ ଥାନାକୁ କୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ଜବତ କରିବା ସହ ରେପ ମୁର୍ମୁ ନାମରେ ଏକ ହତ୍ୟା ମାମଲା କେଶ ନମ୍ବର୬୮/୨୩ ରୁଜୁ କରି ତଦନ୍ତ ଜାରି ରଖିଥିଲା ।ଆଜି ରାଇରଙ୍ଗପୁର କୋର୍ଟରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଡଃ ଭି ସୁଜାତା ଶୁଣାଣି ବୃ ୧୬ ଜଣ ସାକ୍ଷୀ, ପୋଲିସ ରିପୋର୍ଟ ଏବଂ ପାରିପାର୍ଶ୍ୱିକ ଘଟଣାକୁ ବିଚାରକୁ ନେଇ ଅଭିଯୁକ୍ତ ରେପ ମୁର୍ମୁ କୁ ଆଜୀବନ କାରାଦଣ୍ଡ ସହ ୫୦୦୦ ଟଙ୍କା ଜୋରିମାନା ଅନାଦେୟ ୬ ମାସ ଦଣ୍ଡ ଶୁଣାଣି କରିଛନ୍ତି । ସରକାରୀ ଏପିପି ପଙ୍କଜ ଦାସ ପରିଚାଳନାରେ ସହଯୋଗ କରୁଥିଲେ ।

## ଅବସରପ୍ରାପ୍ତ କର୍ମଚାରୀ ପେନସନାର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାରିପଦା ତା ୨୮/୧୧/ ମୟୁରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ପେନସନାଲ ସଂଘ ପକ୍ଷରୁ ସଭାପତି ଚନ୍ଦ୍ର ମୋହନ ମାଝୀ ଏବଂ ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ମୁନିଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଭତ୍ତା ସମେତ ୯ଦଫା ଦାବୀନେଇ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି. ଗତ ତା.୦୧.୦୧.୨୦୧୬ ମସିହାରୁ କେନ୍ଦ୍ର ଅନୁରୂପ ପେ-ମାଟ୍ରିକ୍ସ ଆଧାରରେ ପେନସନ ନିର୍ଦ୍ଧାରଣ, କ୍ୱାଲିଫାଇଙ୍ଗ ସର୍ଭିସ ୨୦ ବର୍ଷକୁ ହ୍ରାସ, ପୁରୁଣା ପେନସନ ପୁନଃ ପ୍ରଚଳନ କରାଯିବା, କୋଭିଡ଼ ସମୟର ବାକିଥିବା ୧୮ମାସର ବକେୟା ର ଡି.ଆର. ପ୍ରଦାନ କରିବା, କୋଭିଡ ସମୟରୁ ବନ୍ଦ ଥିବା ରେଳ ଯାତ୍ରାରେ ବରିଷ୍ଠ ନାଗରିକମାନଙ୍କୁ ମିଳୁଥିବା ରିହାତିକ ପୁନଃ ପ୍ରଚଳନ, କମ୍ୟୁଟେସନ ଦେୟ ଅର୍ଥକୁ ୧୫ ବର୍ଷ ପରିବର୍ତ୍ତେ ୧୦ ବର୍ଷକୁ ହ୍ରାସ କରିବା ଓ ଅତିରିକ୍ତ ପେନସନ ୬୫ବର୍ଷ ରୁ ୫% କରି ଲାଗୁ କରିବା ଆଦି ଦାବୀ ସମ୍ବଳିତ ଏକ ଦାବିପତ୍ର ଜିଲ୍ଲା ପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରଦାନ କରା ଯାଇଛି. ଏହି ଦାବୀପତ୍ର ପ୍ରଦାନରେ ସଂଘର କାର୍ଯ୍ୟକାରୀ ସଭାପତି ନୀଳରତ୍ନ ପଲେଇ ସମ୍ପାଦକ ଗୋପାଳ ଚନ୍ଦ୍ର ବେହେରା, ସଂଗଠନ ସଂପାଦକ ପ୍ରତାପ ଚନ୍ଦ୍ର ମହାପାତ୍ର ସଭ୍ୟ ପ୍ରଭାକର ଜେନା, ସଂଘର ଆଇନ ପରାମର୍ଶ ଦାତା ଆଡଭୋକେଟ ସୁରେନ୍ଦ୍ରନାଥ ସାହୁ, ପ୍ରଶାନ୍ତ କୁମାର ମହାନ୍ତି, ପତିତରଣ ମହାନ୍ତ, ଉପଦେଷ୍ଟା ସୀତାଲତା ବିନ୍ଧାଣୀ ପ୍ରମୁଖ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଜିଲ୍ଲା ସ୍ତରୀୟ ସର୍ଗି ଫୁଲ ଶିଶୁ ମହୋତ୍ସବ ଉଦଯାପିତ

ବାରିପଦା ତା ୨୮/୧୧/ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ରାଣୀଭୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆରମ୍ଭ ହୋଇଥିବା ଜିଲ୍ଲା ସ୍ତରୀୟ ସରଗି ଫୁଲ ଶିଶୁ ମହୋତ୍ସବ ତଥା ବିଜ୍ଞାନ ପ୍ରଦର୍ଶନୀ ଓ ଭଲିବଲ ପ୍ରତିଯୋଗିତା ଆଜି ପୂର୍ବାହ୍ନରେ ଉଦ୍ଘାଟିତ ହୋଇ ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଉପଖଣ୍ଡରୁ ଭାଗ ନେଇଥିବା ଜନଜାତି ଛାତ୍ରଛାତ୍ରୀମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି. ସମାରୋହରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଲେ ସାମାଜିକ ପ୍ରଗତୀ ସମ୍ଭବ ହୋଇ ପାରିବ ବୋଲି କହିଥିଲେ. ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଜନଜାତି ବର୍ଗର ଛାତ୍ରଛାତ୍ରୀମାନେ ଆଦିବାସୀ ଲୋକନୃତ୍ୟ ଓ ବିଭିନ୍ନ ସଙ୍ଗୀତ ପରିବେଷଣ କରିବା ସହିତ ଜନଜାତି ଛାତ୍ରଛାତ୍ରୀ ମାନଙ୍କ ସୃଜନାତ୍ମକ ପ୍ରତିଭାର ବିକାଶ ପାଇଁ ବିଭିନ୍ନ ବିଷୟରେ କର୍ମଶାଳା, ବିଜ୍ଞାନ ମେଳା ଆୟୋଜନ କରାଯାଇଥିଲା। ଲୋକକଳା, ନୃତ୍ୟ, ଷ୍ଟୋରି ଟେଲିଂ, କାର୍ଟୁନ, ୱାର୍ଡ ପଜଲ, ମ୍ୟାଥ ଗେମ, ମ୍ୟାଜିକ ସୋ ସହିତ ଅଦରକାରୀ ଜିନିଷରୁ ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତି ଆଦି କର୍ମଶାଳା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବାରିପଦା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା, ରାଇରଙ୍ଗପୁର ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପରୀକ୍ଷିତ ଦାଶ, କପ୍ତିପଦା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି ଏବଂ କରଞ୍ଜିଆ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ ପ୍ରମୁଖ ଯୋଗ ଦେଇଥିବା ବେଳେ ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ ଦାଶ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

## ଭଂଜପୁର ଜଗଦ୍ଧାତ୍ରୀମେଳାର ଶେଷ ସନ୍ଧ୍ୟା - ବଲିଉଡ ପ୍ଲେ ବେକ ସିଙ୍ଗର ନାକାଶ ଅଜିଜଙ୍କ ଗୀତରେ ଝୁମିଲେ ଦର୍ଶକ

ବାରିପଦା – ତା :- ୨୮/୧୧/୨୦୨୪ ରିଖ ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଅନୁଷ୍ଠିତ ୩୦ ତମ ଜଗଦ୍ଧାତ୍ରୀ ମେଳା ଉଦଯାପିତ ହେବା ସହିତ ୩ ଦିନ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟାରେ ବଲିଉଡ ନାଇଟ୍ସର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ବଲିଉଡ ପ୍ଲେବେକ ସିଙ୍ଗର ନାକାଶ ଅଜିଜଙ୍କ ଗୀତରେ ବିମୋହିତ ହେଲେ ଦର୍ଶକ ଓ ହଜାର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ଓ ୧୩ ତାରିଖରୁ ଆରମ୍ଭ ଜଗଦ୍ଧାତ୍ରୀ ମେଳା - ୨୦୨୪ ଆଜି ଶେଷ ହେଲା ଓ ଚଳିତ ମାସ ୨୯ ତାରିଖରେ ମା' ଙ୍କ ଭସାଣି କାର୍ଯ୍ୟକ୍ରମ ରହିଛି ଓ ସୁଚାରୁ ରୂପେ ମା' ଙ୍କ ୭୨ ତମ ପୂଜା ସହ ୩୦ ତମ ମେଳା ସମ୍ପନ୍ନ ହୋଇଥିବାରୁ କମିଟି ତରଫରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ପୂଜା କମିଟି ଅଧ୍ୟକ୍ଷ ସୁଦାମ ମାର୍ଣ୍ଡି, ମେଳା କମିଟି ଅଧ୍ୟକ୍ଷ ସାନନ୍ଦ ମାର୍ଣ୍ଡି, କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ପୂଜା ଉପାଧ୍ୟକ୍ଷ ଜ୍ଞାନେନ୍ଦ୍ର ପ୍ରସାଦ ଦାଶ, ମେଳା ଉପାଧ୍ୟକ୍ଷ କଳିଙ୍ଗ କେଶରୀ ଜେନା, ଷ୍ଟଲ ସମ୍ପାଦକ ସପନ ପଣ୍ଡା, ବରିଷ୍ଠ ସଦସ୍ୟ ଧୀରେନ୍ଦ୍ର ନାୟକ, ସାଂସ୍କୃତିକ ସମ୍ପାଦକ ପ୍ରିତମ ପଣ୍ଡା, ମାନସ ମହାନ୍ତି, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଓ ମୁମ୍ବାଇ ନାଇଟ୍ସର ମୁଖ୍ୟ ଉଦ୍ୟୋକ୍ତା ପ୍ରିୟବ୍ରତ ଦାସ (ବୁନୁକା ଭାଇ) ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ଓ ମଞ୍ଚ ପରିଚାଳନାରେ ସୋମନାଥ ସିଂହ, ଆଲୋକ ବାରିକ ଓ କିଶୋର ପଲେଇ ସହାୟତା ପ୍ରଦାନ କରିଥିଲେ।

## ସଂପାଦକୀୟ

# ସ୍ୱାସ୍ଥ୍ୟସେବାରେ ଓଡ଼ିଶା

ଦୀର୍ଘକାଳ ଧରି ଓଡ଼ିଶାର ଗରିବ ଲୋକମାନେ ସ୍ୱାସ୍ଥ୍ୟସେବା ଠିକ୍ ଭାବରେ ପାଉନଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାର ଏବେ କେତେକ ପଦକ୍ଷେପ ନେଇଥିଲେ ମଧ ଏହା ଯେ ପର୍ଯ୍ୟାପ୍ତ ନୁହେଁ ତାହା ଅନୁଭବ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେତେକ ଉତମ ପଦକ୍ଷେପ ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଯେଉଁ ଅଂଚଳରେ ଅର୍ଥାଭାବ ଯୋଗୁ ଲୋକମାନେ ଚିକିତ୍ସାରୁ ବଂଚିତ ହେଉଛନ୍ତି ସେସବୁ ଅଂଚଳରେ ପ୍ରତ୍ୟେକ ପରିବାରକୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା ଅନୁସାରେ ସରକାର ସ୍ୱାସ୍ଥ୍ୟସେବାର ଖର୍ଚ୍ଚ ବହନ କରିବେ । ସ୍ୱୟଂ ମୁଖ୍ୟମନ୍ତ୍ରୀ ଏହି ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ସ୍ୱାସ୍ଥ୍ୟକାର୍ଡ ବଂଟରର ବ୍ୟବସ୍ଥା କରିଛନ୍ତି । ଏହି କାର୍ଡ ହାତରେ ଥିଲେ ଡାକ୍ତରଖାନାରୁ ମାଗଣାରେ ଚିକିତ୍ସା ଓ ଔଷଧ ମିଳିବ । ଅବଶ୍ୟ ଏହି ଯୋଜନା ସାରା ଓଡ଼ିଶାରେ କାର୍ଯ୍ୟକାରୀ କରିବା ପାଇଁ କିଛି ସମୟ ଲାଗିବ । କିନ୍ତୁ ଏହି ସୁବିଧା ଯେ, ସାରା ଓଡ଼ିଶାରେ ଚାଲୁ କରାଯିବ ସେଥିପାଇଁ ସରକାର ପ୍ରସ୍ତୁତ ଅଛନ୍ତି । ଏହା ସହିତ ଓଡ଼ିଶାରେ ଇତିମଧ୍ୟରେ ଅନେକ ନୂତନ ମେଡିକାଲ କଲେଜ ଏବଂ ଡାକ୍ତରଖାନା ଖୋଲାଯାଉଛି ।

ଏହିସବୁ ଲୋକମାନଙ୍କର ସ୍ୱାସ୍ଥ୍ୟସେବାକୁ ଯେ ଅଧିକ ସୁବିଧାଜନକ କରିବ ସେଥିରେ ସନ୍ଦେହ ନାହିଁ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ଭୁବନେଶ୍ୱରରେ କାର୍ଯ୍ୟ କରୁଥିବା ଭାରତ ସରକାରଙ୍କର ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ପ୍ରଥମେ ୩୦୦ ରୋଗୀଙ୍କ ପାଇଁ କରାଯାଇଥିଲେ ମଧ ପରେ ଏହି ସଂଖ୍ୟା ୯୯୦କୁ ବୃଦ୍ଧି କରାଯାଇଛି । ଏଠାରେ ଯେତିକି ଯୋଗ୍ୟ ଡାକ୍ତର ରହିବା କଥା ତାହା ନାହିଁ । ଫଳରେ ଉତମ ସ୍ୱାସ୍ଥ୍ୟସେବା ସକାଶେ ଏହି ଅନୁଷ୍ଠାନଟି ଉଦ୍ଦିଷ୍ଟ ହେଲେ ମଧ, ସେଠାରେ ଯେତିକି ଡାକ୍ତର ଓ ନର୍ସ ରହିବା କଥା ତାହା ନାହିଁ । ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯିବା ଆଗରୁ ଟିକଟ କରିବାକୁ ହୁଏ । ଏଥିପାଇଁ ଅତିକମ୍‌ରେ ୪/୫ ଘଂଟଶ ବା ତା'ଠାରୁ ଅଧିକ ସମୟ ଲାଗିଥାଏ । ଏଠାରେ ଚିକିତ୍ସା ବ୍ୟବସ୍ଥା ଉଚ୍ଚସ୍ତରର ହେଲେ ମଧ, ଅନେକ ଲୋକ ଆସୁଥିବାରୁ ସେମାନଙ୍କ ପାଇଁ ବିଭିନ୍ନ ବିଭାଗରେ ଯେତିକି ଡାକ୍ତର ଆବଶ୍ୟକ ତାହା ପୂରଣ ହୋଇ ନଥିବାରୁ ଅନେକ ରୋଗୀଙ୍କୁ ୧୦/୧୨ ଘଂଟା ପରେ ଫେରିଯିବାକୁ ପଡୁଛି । ତାହାଛଡ଼ା ରାତିରେ ରୋଗୀମାନଙ୍କର ସମ୍ପର୍କୀୟ ଅପେକ୍ଷା କରିବାପାଇଁ ଏବଂ ବାହାରୁ ଆସୁଥିବା ଲୋକମାନଙ୍କର ସୁବିଧା ପାଇଁ ମାତ୍ର ଗୋଟିଏ କ୍ୟାଂଟିନ୍ ରହିଥିବାରୁ ତାହା ଯଥେଷ୍ଟ ହେଉନାହିଁ ଏବଂ ରହିବା ବ୍ୟବସ୍ଥା ମଧ କମ୍ । ଏହି ହସ୍ପିଟାଲ ପାଇଁ ଅଧିକ ଜମି ଯୋଗାଇ ଦେବା ପାଇଁ କର୍ତୃପକ୍ଷ ସରକାରଙ୍କୁ ନିବେଦନ କରିଥିଲେ ମଧ ତାହା ଏପର୍ଯ୍ୟନ୍ତ ମଂଜୁର ହୋଇନାହିଁ । କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଅନୁଧାନର ଅଭାବ ଅସୁବିଧାକୁ ଯଥାଶୀଘ୍ର ସମାଧାନ କଲେ, ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆହୁରି ସୁଧାର ଅଣାଯାଇପାରିବ ।

# ପାକିସ୍ତାନ-ଆଫଗାନିସ୍ତାକୁ ଘେରି ରହିଥିବା ଡୁରାଣ୍ଡ-ଲାଇନ୍ ବିବାଦ ଏବଂ ପଣ୍ଟୁନ୍ ବିବାଦ

**ତପନ କୁମାର ନନ୍ଦ**

ପାକିସ୍ତାନର ଅସ୍ତିତ୍ୱ ଦିନ ଠାରୁ ଆଫଗାନିସ୍ତାନ-ପାକିସ୍ତାନ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ଆଭିମୁଖ୍ୟକୁ ବଦଳାଇ ଦେଇଛି । ପାକିସ୍ତାନର ଏଭଳି ନାଟ୍ୟତ୍ମକ ପ୍ରବୃତ୍ତି ଆଫଗାନୀ ଜନତା ଏବଂ ସରକାରଙ୍କ ମନରେ ଥିବା ସନ୍ଦେହ ଓ ଅବିଶ୍ୱାସ ସହ ଚିନ୍ତା ଓ ଅସ୍ଥିରତାକୁ ମଧ୍ୟ ବଢ଼ାଇ ଦେଇଛି । ଆଜି ପର୍ଯ୍ୟନ୍ତ ସମସ୍ତ ଆଫଗାନୀ ସରକାର ଏପରିକି ଆଶ୍ରଫ୍ ଘାନୀଙ୍କ ସରକାର ମଧ୍ୟ ପାକିସ୍ତାନ ଓ ଆଫଗାନିସ୍ତାନ ସୀମାକୁ ପୃଥକ କରୁଥିବା ଡୁରାଣ୍ଡ-ରେଖାକୁ କଦାପି ମାନ୍ୟତା ଦେଉନାହାଁନ୍ତି । ହେଲେ ଏବେ ଦେଖିବାକୁ ହେବ ଯେ, ବର୍ତ୍ତମାନର ତାଲିବାନ ସରକାର ଏହି ଡୁରାଣ୍ଡ-ସୀମା ରେଖା ବିବାଦର କିଭଳି ସମାଧାନ କରୁଛି ?

ବର୍ତ୍ତମାନ ତାଲିବାନୀ ନେତୃତ୍ୱ ପାଇଁ ଏହା ସବୁଠାରୁ ବଡ଼ ଚିନ୍ତାର ବିଷୟ । କାରଣ ଅତୀତରେ ପାକିସ୍ତାନ ଆଫଗାନିସ୍ତାନକୁ କ୍ଷମତା ଦଖଲ କରିବାରେ ସାହାର୍ଯ୍ୟ କରିଥିଲା, ଏହି ଆଶାରେ କି ଏହି ବିବାଦପୂର୍ଣ୍ଣ ଡୁରାଣ୍ଡ ସୀମାରେଖାକୁ ଆନୁଷ୍ଠାନିକ ଭାବେ ଅନୁମୋଦନ କରାଯିବ । ଯାହା ଉଭୟ ପାର୍ଶ୍ୱରେ ରହୁଥିବା ପଣ୍ଟୁନ୍ ଜନଜାତି ପାଇଁ ଏକ ଭାବବିହ୍ୱଳ ବିଷୟ ଅଟେ । ଡୁରାଣ୍ଡ ରେଖା ଏବଂ ପଣ୍ଟୁନ ପ୍ରସଙ୍ଗରେ ବିତର୍କ ପୁଣି ଆରମ୍ଭ ହୋଇଛି ଏବଂ ବିଶ୍ଳେଷକ ମାନେ ଜାଣିବାକୁ ଚାହୁଁଛନ୍ତି ଯେ, ବର୍ତ୍ତମାନର ତାଲିବାନର କି ଅଭିପ୍ରାୟ ରହିବ ପାକିସ୍ତାନକୁ କୌଣସି ସୁଯୋଗ ଦେବା ନା ନାହିଁ ଏବଂ ଏହି ସମସ୍ୟାର କିଭଳି ସମାଧାନ କରିବ । ତେବେ ତାଲିବାନର ମୁଖପାତ୍ର ଜାବୁଲ୍ଲା ମହାହିଦ ଏକ ସାକ୍ଷାତକାରରେ ସ୍ପଷ୍ଟ କରିଛନ୍ତି ଯେ, ଡୁରାଣ୍ଡ ରେଖାର ବାଡ଼ ଲଗାଇବାକୁ ଆଫଗାନିସ୍ତାନ ସର୍ବଦା ବିରୋଧ କରିଆସୁଛି ଏବଂ ନୂତନ ଆଫଗାନି ସରକାର ଶୀଘ୍ର ଏହାର ସମାଧାନ କରିବ । ତାଙ୍କ ମତରେ-ସୀମାରେ ସୁରକ୍ଷିତ ଏବଂ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ପାଇଁ ସେଠାରେ କୌଣସି ପ୍ରକାରର ପ୍ରତିବନ୍ଧକତା ରେଖା ଆବଶ୍ୟକତା ନାହିଁ । ବହୁ ସମୟ ଧରି ପାକିସ୍ତାନ, ଆଫଗାନିସ୍ତାନ ପ୍ରତି ଶିଥିଳ ଓ ପ୍ରତିରୋଧ ମନୋଭାବ ରଖିଛି, କାରଣ ଉଭୟ ଦେଶ ପଣ୍ଟୁନ ସମସ୍ୟା ପ୍ରତି ଅଲଗା ଅଲଗା ମତ ରଖିଛନ୍ତି । ପଣ୍ଟୁନ ଏକ ବିଭାଜିତ ସମୁଦାୟ ଯେଉଁମାନେ କି ଡୁରାଣ୍ଡ ରେଖାର ଉଭୟ ପାର୍ଶ୍ୱରେ ବସବାସ କରୁଛନ୍ତି । ଯାହା ଉଭୟ ଦେଶ ମଧ୍ୟରେ ସର୍ବଦା ବିବାଦର କାରଣ ହୋଇ ରହିଛି ।

ଆଫଗାନିସ୍ତାନ ପାଇଁ ପଣ୍ଟୁନ କ୍ଷେତ୍ରର ଏକକୀକରଣ ରାଜନୈତିକ ସ୍ତରରେ ବେଶ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ଆଫଗାନିସ୍ତାନକୁ ଆରବ ସାଗର ସହିତ ସଂଯୋଗ କରୁଥିବା ବେଳେ ଏହାର ତିନି ପାର୍ଶ୍ୱର ସୀମିତ ଭୌଗଳିକ ସ୍ଥିତିକୁ ବିସ୍ତାର କରିବା ସହ ଏହା ସିନ୍ଧୁ ନଦୀ ପର୍ଯ୍ୟନ୍ତ ବ୍ୟାପିବାର ଏକ ସାଧନ, 'ପଣ୍ଟୁନିସ୍ଥାନ' ଗଠନର ସ୍ୱପ୍ନ ମଧ୍ୟ । ହେଲେ କାବୁଲ୍ ସର୍ବଦା ଦାବି କରୁଛି ଯେ, ପାକିସ୍ତାନରେ ପଣ୍ଟୁନ୍ ମାନେ ସର୍ବଦା ଅବହେଳାର ଶିକାର ହୁଅନ୍ତି । କାରଣ ପାକିସ୍ତାନରେ ରହୁଥିବା ପଣ୍ଟୁନି ମାନେ ଅନେକ ଥର ଆଫଗାନିସ୍ତାନ ସହିତ ଜଡ଼ିତ ରହିବା ପାଇଁ ଆନ୍ଦୋଳନ କରିଥିଲେ, ହେଲେ ପାକିସ୍ତାନ ସରକାର ଏହାକୁ ସାମରିକ ବଳ ପ୍ରୟୋଗ କରି ଦମନ କରିଛନ୍ତି ।

ପାକିସ୍ତାନ ସରକାରଙ୍କୁ ଏହା ବିଶ୍ୱାସ ଥିଲା ଯେ, ଯେଉଁ ଇସଲାମୀୟ ନେତା ମାନଙ୍କୁ ସୋଭିୟତ ସଂଘ ବିରୋଧରେ ସମର୍ଥନ ଜଣାଇଥିଲେ ଯେ, ଆଫଗାନିସ୍ତାନରେ ଶେଷ କମ୍ୟୁନିଷ୍ଟ ପାର୍ଟିର ଅନ୍ତ ହେବା କ୍ଷଣି ସେମାନେ ଡୁରାଣ୍ଡ-ରେଖା ବିବାଦର ସମାଧାନ କରିପାରିବେ । ହେଲେ ଦୁଃର୍ଭାଗ୍ୟ ବଶତଃ ବୁରାହ ରବ୍ୱାନୀ ଏବଂ ଅହମ୍ମଦ ଶାହ ଭଳି ଆଫଗାନି ନେତା ୧୯୯୨ ମସିହାରେ ହୋଇଥିବା ପେଶାୱର-ସନ୍ଧିରେ ଏହି ଉଭୟ ଦେଶ ମଧ୍ୟରେ ଡୁରାଣ୍ଡ-ରେଖାକୁ ଆନ୍ତରାଷ୍ଟ୍ରୀୟ ସୀମାରେଖା ମାନିବାକୁ ମନାକରିଦେଲେ । ଏହାର ଜବାବରେ ପାକିସ୍ତାନ ଗୁଲବୁଦୀନ ହିକ୍ମତ୍ୟାର ଯିଏକି ହିଜ୍‌ବେ ଇସଲାମୀ କମାଣ୍ଡର ଥିଲେ ରବ୍ୱାନୀ ସରକାରକୁ ବିରୋଧ କରିବାକୁ କହିଥିଲେ, ହେଲେ ସେ ଏଥିରେ ସହମତ ହୋଇ ନଥିଲେ । ପରିଶେଷରେ ପାକିସ୍ତାନ ସରକାର ଏଥିପାଇଁ ତାଲିବାନକୁ ସମର୍ଥନ କରିଥିଲା, ହେଲେ ପୂର୍ବ ତାଲିବାନୀ ପ୍ରଶାସନ ମଧ୍ୟ ବିବାଦୀୟ ଡୁରାଣ୍ଡ ରେଖା ସମ୍ବନ୍ଧରେ ପାକିସ୍ତାନକୁ ସମର୍ଥନ କରି ନଥିଲା ।ବର୍ତ୍ତମାନର ତାଲିବାନୀ ପ୍ରଶାସକ ମଧ୍ୟ ଏହା ଠିକ୍ ଭାବେ ଜାଣିଛନ୍ତି ଯେ, ଡୁରାଣ୍ଡ ରେଖାକୁ ସ୍ଥାୟୀ ସୀମାର ମାନ୍ୟତା ଦେଲେ, ଜନତା ତାଙ୍କ ପ୍ରତି ବିଦ୍ୱେଶୀ ମନୋଭାବ ରଖିବେ । ହେଲେ ମଧ୍ୟ ପାକିସ୍ତାନ ୧୯୯୦ ଦଶକରୁ ନିଜର ଏହି ଦାବୀକୁ ପୂର୍ଣ୍ଣ କରିବାରେ ଇଚ୍ଛା ଜାରିରଖିଛି ।

ଡୁରାଣ୍ଡ ସୀମାରେଖା ଏକ ଦ୍ୱିପାକ୍ଷିକ ସମସ୍ୟା ଅଟେ । ପ୍ରଥମତଃ ଏହା ପାକିସ୍ତାନ ମଧ୍ୟରେ ଅଭ୍ୟନ୍ତରୀତା ସ୍ଥିରତା ଏବଂ ଆଞ୍ଚଳିକ ଅସନ୍ତୋଷ ସହିତ ଜଡ଼ିତ ଏବଂ ଦ୍ୱିତୀୟତଃ ଆଫ୍‌ଗାନିସ୍ତନରେ ଏହାର ପ୍ରଭାବ ବିସ୍ତାର ସହିତ ଜଡ଼ିତ । ତେବେ ଏଥିରୁ ସ୍ପଷ୍ଟ ହୋଇଛି ଯେ, ବର୍ତ୍ତମାନର ତାଲିବାନୀ ସରକାର ପାକିସ୍ତାନର ଚାପରେ ପଡ଼ିବ ନାହିଁ ଏବଂ ପଣ୍ଟୁନ୍ କ୍ଷେତ୍ରରେ ଲମ୍ବା ଇତିହାସ ଏହାର ଜାତୀୟତା ଏବଂ ଏହାର ପୁରାତନ ସଂସ୍କୃତିରେ କୌଣସି ହସ୍ତକ୍ଷେପ କରିବ ନାହିଁ । ଆଗକୁ ଦେଖିବାକୁ ହେବ ଯେ, ଆଫଗାନିସ୍ତାନ-ପାକିସ୍ତାନରେ ଆସିବାକୁ ଥିବା ଉ□ାନ-ପତନ ଏବଂ ବିବାଦୀୟ ଡୁରାଣ୍ଡ ସୀମା ରେଖାରେ ରହୁଥିବା ଆଫଗାନୀ ମାନଙ୍କ ଉପରେ ଏହାର କି ପ୍ରଭାବ ପଡ଼ିବ ?

# ଓଡ଼ିଆ ଭାଷା ବିକାଶ ଚିନ୍ତା

**ହିମାଂଶୁ ଶେଖର ଆଚାର୍ଯ୍ୟ**

ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ ରୁ ୭ ହଜାର ଭାଷା ରହିଛି । କିନ୍ତୁ ଆଗାମୀ ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇବ । କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତା ହେଉଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତା ହେଉଛନ୍ତି ଯଥା - ଚୀନ, ସ୍ପେନିଶ୍, ଇଂରାଜୀ, ହିନ୍ଦି, ରୁଷ୍, ବଙ୍ଗଳା, ଆରବୀ ଓ ପର୍ତୁଗୀଜ । ଏପରିସ୍ଥଳେ ଭାଷାର ସୁରକ୍ଷା ପାଇଁ ପ୍ରତ୍ୟେକ ଦେଶ ନିଜକୁ ପ୍ରସ୍ତୁତ କରୁଛନ୍ତି । ଏହି କଥାକୁ ଲକ୍ଷ୍ୟ ରଖି "ୟୁନେସ୍କୋ" ତରଫରୁ ୨୦୦୦ ମସିହାରୁ ଫେବୃଆରୀ ୨୧ ତାରିଖକୁ ଆନ୍ତର୍ଜାତିକ ମାତୃଭାଷା ଦିବସ ରୂପେ ପାଳନ କରାଯାଉଛି । ନିକଟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ସାରା ବିଶ୍ୱରେ ପାଳିତ ହୋଇଯାଇଛି । ଉଦ୍ଦେଶ୍ୟ ହେଲା ବିଶ୍ୱରେ ଭାରତ ପରି ବହୁଭାଷାଭାଷୀ ଦେଶରେ ପ୍ରତ୍ୟେକ ରାଜ୍ୟ ତା'ର ମାତୃଭାଷାକୁ ସମଭାବରେ ସମ୍ମାନ ଦେଲେ ରାଜ୍ୟରାଜ୍ୟ ମଧ୍ୟରେ ତଥା ଦେଶରେ ସ୍ନେହ, ଭାଇଚାରା ଓ ସ୍ୱଦେଶପ୍ରେମ ଜାଗ୍ରତ ହେବ । ଏପରି ହେଲେ ରାଜ୍ୟର ସମୃଦ୍ଧି ହେବ ଓ ସାମଗ୍ରିକ ଭାବେ ଦେଶର ମଧ ସମୃଦ୍ଧି ହେବ ।

ମାତୃଭାଷା ମା'ର ଭାଷା - ପ୍ରାଣର ଭାଷା । ମାତୃଭାଷା ସହିତ ପ୍ରତ୍ୟେକ ମଣିଷର ନାଡିର ସମ୍ପର୍କ ରହିଛି । ଏଣୁ ମାତୃଭାଷାର ପ୍ରସାର ଓ ପ୍ରଚାର ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ବାତାବରଣ ସୃଷ୍ଟି କରିଥାଏ । ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ । ଭାଷା ହେଲା ଓଡିଆ, ଜାଗା ହେଲା ଓଡ଼ିଶା । ଦୁଇ ଦୁଇ ଥର ସରକାରୀ ଉଦ୍ୟମ ପରେ ବି ଓଡିଆ ଭାଷା ରାଜଭାଷା ହୋଇପାରିନଥିଲା । ଦୀର୍ଘ ୬୨ବର୍ଷ ପ୍ରତୀକ୍ଷାର ଅବସାନ ଘଟିଲା ୨୦୧୬ ମସିହା ମେ ୨୧ ତାରିଖରେ । ଯେଉଁଦିନ ସରକାରୀ ସ୍ତରରେ ସବୁକାମ ଓଡିଆରେ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ନିଷ୍ପତି ହୋଇଥିଲା । ସେହିପରି ରାଜ୍ୟ ସରକାର ୧୯୫୪ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେବାସହିତ ୨୦୧୮ ମସିହା ଏପ୍ରିଲ ପହିଲା ଉତ୍କଳ ଦିବସରୁ ସାରା ରାଜ୍ୟରେ ଓଡିଆ ଭାଷାରେ ସବୁ ସରକାରୀ କାର୍ଯ୍ୟକ୍ରମ ହେବ ବୋଲି ଗତ ୨୦୧୭ ମସିହା ଡିସେମ୍ବର ୨୬ ତାରିଖରେ ପୁରୀ ଠାରେ ମୁଖ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବ୍ୟଠକରେ ଗୁରୁତ୍ୱ ପୂର୍ଣ୍ଣ ନିଷ୍ପତି ନେଇଥିଲେ । ସେତେବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ଭାଷା ସୁରକ୍ଷା ଆନ୍ଦୋଳନ ଚଲାଇଥିବା ବିଭିନ୍ନ ସଂଗଠନ ସ୍ୱାଗତ କରାଯାଇଥିଲା ।

୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା । ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡିଆ ଭାଷାଭାଷୀ ଅଂଚଳକୁ ନେଇ ଏକ ସ୍ୱପ୍ନ ସାକାର ହେଲା । ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୫ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି । ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ ଆନ୍ତରିକତା । ଭାଷାର ପ୍ରସାର ପ୍ରଚାର ଦୂରର କଥା, ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ, ଗଳ୍ପ ଓ କବିତା କଥା ପଚାରେ କିଏ ? ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ପଡିଯାଇଛୁ । ଅଥଚ ଓଡିଆ ସାହିତ୍ୟ ଭାରତବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ । ଏ ମାଟିର କବି ସାରଳା ଦାସ ମହାଭାରତ ଲେଖି ବେଦବ୍ୟାସ ପାଲଟି ଯାଇଛନ୍ତି । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, ବଳରାମ ଦାସଙ୍କ ସୃଷ୍ଟି ସମ୍ଭାର ଭାରତୀୟ ଭାଷା ସାହିତ୍ୟରେ ଦୁର୍ଲଭ । ଏମାନେ ହିଁ ଓଡିଆ ସାହିତ୍ୟର ରକ୍ଷାକାରୀ । କଥା ସମ୍ରାଟ ଫକୀରମୋହନ, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଦ୍ମଭୂଷଣ ଗୋପୀନାଥ ମହାନ୍ତି, ସ୍ୱଭାବ କବି ଗଂଗାଧର ମେହେରଙ୍କ ସୃଷ୍ଟି ସମ୍ଭାର ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି, ଏହା ଅନସ୍ୱୀକାର୍ଯ୍ୟ ।

ଏସବୁ ସତ୍ୱେ ଆଧୁନିକ ଭାରତରେ ଅନ୍ୟାନ୍ୟ ରାଜ୍ୟ ଓ ଭାଷା ତୁଳନାରେ ଆମ ଭାଷାର ପ୍ରଚାର ଓ ପ୍ରସାର ଆଶାନୁରୂପ ହୋଇପାରିନାହିଁ । ଏହାର ମୂଳ କାରଣ ହେଉଛି ଏ ପର୍ଯ୍ୟନ୍ତ ଓଡିଆ ଭାଷା ସମ୍ପୂର୍ଣ୍ଣ ଭାବେ ସରକାରୀ ଭାଷାର ପୂର୍ଣ୍ଣ ମାନ୍ୟତା ପାଇନଥିଲା । ୧୯୫୪ ମସିହାରେ ସ୍ୱର୍ଗତ୍ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଓଡିଆ ଭାଷାକୁ ସରକାରୀ ଭାଷା କରିବା ପାଇଁ ଅଧିନିୟମ ପ୍ରଣୟନ କରିଥିଲେ । ଏଥିପାଇଁ ଶବ୍ଦକୋଷ ସଙ୍କଳନ କରାଯାଇଥିଲା । ମାତ୍ର ତାହା ଅଧାପନ୍ତରିଆ ହୋଇ ରହିଗଲା । ପୁନଶ୍ଚ ୧୯୮୫ ମସିହାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଓଡିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବାପାଇଁ ପୁଣିଥରେ ନିଷ୍ପତି ଗ୍ରହଣ କରିଥିଲେ । ଏଥିପାଇଁ ଅବଶ୍ୟକୀୟ ପଦକ୍ଷେପ ମଧ ନିଆଯାଇଥିଲା । ଏପରିକି ଓଡିଆ ଟାଇପ୍ ମେସିନ୍ କିଣାଯାଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯୋଗାଇ ଦିଆଯାଇଥିଲା । କିନ୍ତୁ ଆନ୍ତରିକତା ଓ ଇଚ୍ଛାଶକ୍ତି ଅଭାବରୁ ତାହା ମଧ ଆଗେଇପାରିଲା ନାହିଁ । ୨୦୧୧ ମସିହାରେ "ଓରିଆ କୁ ଓଡିଆ" ଓ "ଓରିଶାକୁ ଓଡିଶା" ହେଲାପରେ ଆମେ ଆମର ସ୍ୱାଭିମାନ ଫେରିପାଇଛୁ । ଇତି ମଧ୍ୟରେ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି । ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡିଆ ହେଉଛି ଷଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟ ଭାଷା । ଏ ଦିଗରେ କାର୍ଯ୍ୟ କରିଥିବା ଭାଷାବିତ୍ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ଅନ୍ୟମାନଙ୍କ ସମେତ ରାଜ୍ୟ ସରକାର ବେଶ୍ ପ୍ରଶଂସାର ପାତ୍ର । ଶାସ୍ତ୍ରୀୟ ମାନ୍ୟତା ଖୁସିରେ ସରକାର ୨୦୧୪ ମସିହା ଠାରୁ ମାର୍ଚ୍ଚ ୧୧ ତାରିଖକୁ ଓଡିଆ ଭାଷାଦିବସ ରୁପେ ପାଳନ କରୁଛନ୍ତି ।

ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟକ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଲି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀମାନଙ୍କର ନିଜସ୍ୱ ଭାଷା ଯଥା - ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ଆଦି ଭାଷା ମଧ ବ୍ୟବହୃତ ହୁଏ । ପରିବର୍ତିତ ପରିସ୍ଥିତିରେ ଭାଷାର ପ୍ରସାର ପ୍ରଚାର ତ ଦୂରର କଥା ଓଡିଆ ଭାଷାରେ କଥାବାର୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । ମା'ର ଭାଷା, ମାଟିର ଭାଷା ଆମପାଇଁ ଅଲୋଡା ହୋଇଯାଇଛି । ମାହାତ୍ମାଗାନ୍ଧୀ କହିଥିଲେ, "ଜଣେ ଭାରତବାସୀ ନିଜ ମାତୃଭାଷା ଭୁଲିଯିବା, ଅବହେଳା କରିବା ବା ନିଜର ମାତୃଭାଷା ବ୍ୟବହାର କରୁଛି ବୋଲି ଲଜ୍ଜା ଅନୁଭବ କରିବା, ନିଜ ମାତୃଭାଷାରେ ଶ୍ରେଷ୍ଠ ଚିନ୍ତା ପ୍ରକାଶ କରିବାକୁ ଅସମର୍ଥ ହେବା ଏକଥା ମୁଁ ସେମାନଙ୍କୁ ଅନୁଭବ କରିବାକୁ ଦେବିନାହିଁ" । ଜାପାନ ଓ ଚୀନ ଦେଶରେ ମାତୃଭାଷାରେ ସବୁକାର୍ଯ୍ୟ ଚାଲିଛି । ସେହି ଦୁଇଦେଶ ଆଜି ବିଜ୍ଞାନ, ଅର୍ଥ, ପ୍ରଯୁକ୍ତି ବିଦ୍ୟା, ସାହିତ୍ୟ ସବୁଦିଗରେ ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠା କରିସାରିଲେଣି । ସେମାନଙ୍କ ଠାରୁ ଆମକୁ ବହୁତ କିଛି ଶିଖିବାର ଅଛି । କ୍ଷୋଭର କଥା ଓଡିଆ ଭାଷାର ପ୍ରସାର ପ୍ରଚାର ପାଇଁ ଓଡିଆ ଭାଷା ପ୍ରତିଷ୍ଠାନ ଜରିଆରେ ୩୩ଲକ୍ଷରୁ ଅଧିକ ଟଙ୍କା ବ୍ୟୟ କରାଯାଇଥିବା ବେଳେ ଭର୍ଚୁଆଲ ଏକାଡେମୀ ପାଇଁ ସାଢେ ୨କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେଲାଣି ତେବେ ଭାଷାର ପ୍ରଚାର ପ୍ରସାର ଦାୟିତ୍ୱରେ ଥିବା ପ୍ରତିଷ୍ଠାନ ପାଇଁ କିନ୍ତୁ ନିୟମିତ ଦପ୍ତର ନାହିଁ କି ନିୟମିତ ନିର୍ଦ୍ଦେଶକ ବି ରହୁ ନାହାନ୍ତି । ଫଳରେ ଓଡିଆ ଭାଷାର ପ୍ରଚାର ପ୍ରସାର ଓ ବିକାଶ ଏକ ପ୍ରକାର ମନ୍ଥର ଗତିରେ ଚାଲୁଥିବା ଭାଷାବିତ୍‌ମାନେ କହୁଛନ୍ତି ।

# ତୈଳ ଦର ବୃଦ୍ଧି ପାଇଁ ଦାୟୀ କିଏ ?

**ଡ. ମନୋଜ କୁମାର ନାୟକ**

୮୦ ଦଶକର ଚିରସବୁଜ ଅକ୍ଷୟ ମହାନ୍ତିଙ୍କର ଗୋଟିଏ ଗୀତ "ଯା'ରେ ଭାସି ଭାସି ଯା'..." ଗୀତଟି ମନେପଡୁଛି । ସେହି ଗୀତରେ ଗୋଟିଏ ଧାଡ଼ି ଥିଲା "ଭୁବନେଶ୍ୱର କିରାନୀ ବର ମାଗୁଛି ଫଟଫଟିଆ" । ଏହା ସୂଚାଇ ଦେଉଛି ଯେ ସେତେବେଳେ କିରାନୀ ଜ୍ୱାଇଁଟିଏ କରିବାକୁ ହେଲେ ଗୋଟିଏ ଫଟଫଟିଆ ଅର୍ଥାତ୍ ଦୁଇଚକିଆ ସ୍କୁଟର ବା ଲୁନାଟିଏ ଦେବା ବାଧ୍ୟତାମୂଳକ ଥିଲା । ଏହା ଥିଲା ଆପଣଙ୍କର ଆଭିଜାତ୍ୟର ସୂଚକ ବା ଯାହାକୁ ଇଂରାଜୀରେ କୁହାଯାଏ ଷ୍ଟାଟସ୍ ସିମ୍ବଲ । ବର୍ତମାନ କିନ୍ତୁ ପରିସ୍ଥିତି ଭିନ୍ନ । ପିଅନଟିଏ ହେଉ ବା କୌଣସି ବେସରକାରୀ ସଂସ୍ଥାରେ ମାସିକ ୨୦୦୦ ଟଙ୍କା ଦରମା ପାଉଥିବା ଲୋକ ମଧ ଯୌତୁକ ଆକାରରେ ମଟରସାଇକେଲଟିଏ ମାଗୁଛି ଏବଂ କନ୍ୟାପିତା ବାଧ ହୋଇ ଦେଉଛନ୍ତି । ବର୍ତମାନ ଗାଁ ଗଣ୍ଡାରେ ଛୋଟ ଗାଡ଼ିର ବ୍ୟବହାର ହେଉଛି । ସେହି ଅନୁପାତରେ ଗାଡ଼ିର ଇନ୍ଧନ ହିସାବରେ ପେଟ୍ରୋଲର ଚାହିଦା ମଧ ବଢୁଛି । ସାଧାରଣ ଲୋକଟିଏ ମଧ ଚାଲିକରି ଯିବାକୁ ଇଚ୍ଛା ପ୍ରକାଶ କରୁନାହିଁ । ବାଇକ୍‌ଟିଏ ନହେଲେ ବାହାରକୁ ଯିବା ସତେଯେପରି ତା'ପକ୍ଷେ ଅସମ୍ଭବ ।

ଆମର ଏକଥା କହିବାର ଉଦ୍ଦେଶ୍ୟ ହେଲା, ବର୍ତମାନ ତୈଳ ଦର ଯେପରି ହୁ ହୁ ହୋଇ ବଢ଼ିଚାଲିଛି ସାଧାରଣ ଲୋକ ପକ୍ଷରେ ଦୁଇଚକିଆ ଯାନଟିଏ ବ୍ୟବହାର କରିବା କଷ୍ଟସାଧ ହୋଇପଡୁଛି । କିନ୍ତୁ ଆମେ ଏହି ଯାନ ଉପରେ ଏତେ ନିର୍ଭରଶୀଳ ଯେ ଆମେ ଯେତେ ଖର୍ଚ୍ଚ ପଡୁପଛେ ତହିଁରେ ଇନ୍ଧନ ଭର୍ତି କରି ଆମ କାର୍ଯ୍ୟକୁ ସମ୍ପନ୍ନ କରିବାକୁ ଆଗଭର ହେଉଛୁ । ସୁତରାଂ ତୈଳ ଦର ବୃଦ୍ଧି ନେଇ ସାଧାରଣ ଜନତାର ପ୍ରତିବାଦ ଅତି କ୍ଷୀଣ । ଏବେ ପେଟ୍ରୋଲ ଦର ସହିତ କାନ୍ଧକୁ କାନ୍ଧ ମିଳାଇ ଡିଜେଲ ଦର ମଧ ବଢ଼ିଚାଲିଛି । ଏହାର ଫଳସ୍ୱରୂପ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦାମ୍ ଆକାଶଛୁଆଁ ହୋଇଗଲାଣି । ବଡ଼ଲୋକଙ୍କ କଥା ଛାଡ଼, ସାଧାରଣ ଖାଉଟି ମଧ ଏଥିପାଇଁ ହନ୍ତସନ୍ତ ହୋଇଯାଉଛି ।

ପେଟ୍ରୋଲ ଦର ୧୦୦ଟଙ୍କା ଅତିକ୍ରମ କରି ସାରିଲାଣି । ମଝିରେ ମଝିରେ ଗଣମାଧ୍ୟମରେ ସରକାରଙ୍କ ସୁହାଇଲା ଭଳି ଖବର ମଧ ପ୍ରକାଶ ପାଉଛି- "ଗ୍ରାହକଙ୍କ ପାଇଁ ସୁଖବର; ତେଲ ଦର କମିଗଲା ।" କିନ୍ତୁ ଏହି କମିବାର ପରିମାଣ କେତେ ତାହା ଆପଣ ଜାଣନ୍ତି କି? ଅତିବେଶୀରେ ଏହା ୩୦ ବା ୪୦ ପଇସା ମଧ୍ୟରେ ସୀମାବଦ୍ଧ ।

ମସିହାଟି ଆମର ଠିକ୍ ଭାବେ ମନେପଡୁନାହିଁ । ସେତେବେଳେ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥା'ନ୍ତି ଏବଂ ଅଟଳ ବିହାରୀ ବାଜପେୟୀ ବିରୋଧୀ ଦଳରେ ଥାଆନ୍ତି । ତୈଳ ଦର ହଠାତ୍ ବୃଦ୍ଧି ପାଇବାରୁ ପ୍ରତିବାଦ ସ୍ୱରୂପ ଅଟଳ ବିହାରୀ ବାଜପେୟୀ ବଳଦ ଗାଡ଼ିରେ ବସି ପାର୍ଲାମେଂଟକୁ ଆସିଥିଲେ । ଅତୀତରେ ୟୁପିଏ ସରକାର ବେଳେ ମଧ ଡିଜେଲ ଓ ପେଟ୍ରୋଲ ଦର ବଢ଼ିଥିଲା, ସେତେବେଳେ ମନମୋହନ ସିଂହଙ୍କ ସରକାର ଶାସନରେ ଥିଲେ । ତୈଳ ଦର ବୃଦ୍ଧି ନେଇ ସରକାର ପ୍ରକାଶ କରିଥିଲେ ଯେ, ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ହେତୁ ଆମେ ତୈଳ ଦର ବୃଦ୍ଧି କରିବାକୁ ବାଧ । ତଥାପି ସେତେବେଳେ ବିରୋଧୀ ଦଳରେ ଥିବା ଭାରତୀୟ ଜନତା ଦଳ ଏହି ତୈଳ ବୃଦ୍ଧିକୁ ନେଇ ବେଶ୍ ସମାଲୋନା କରିବାର ଆମର ମନେଅଛି । ସେତେବେଳେ ସେମାନେ ଆନ୍ଦୋଳନ କରି ରାସ୍ତାଘାଟ କମ୍ପାଉଥିଲେ ଏବଂ ତୈଳ ଦର ବୃଦ୍ଧି ପ୍ରତିବାଦରେ ଭାରତ ବନ୍ଦ ଡାକରା ମଧ ଦେଇଥିଲେ । ବର୍ତମାନ ପ୍ରଧାନମନ୍ତ୍ରୀ ୨୦୧୨ ମସିହାରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିଲେ ଏବଂ ଏହି ତୈଳଦର ବୃଦ୍ଧିକୁ ନେଇ ସେ ମନମୋହନ ସରକାରଙ୍କ ବିଫଳତା ବୋଲି ଦର୍ଶାଇଥିଲେ । ଏପରି ଆଦର୍ଶ ଦୃଷ୍ଟିରୁ ଭିନ୍ନ ହେଲେ ମଧ ଏନ୍‌ଡିଏ ଓ ବାମପନ୍ଥୀ ଦଳ ମଧ ଏହି ଦଳ ଦର ବୃଦ୍ଧି ବିରୁଦ୍ଧରେ କାନ୍ଧକୁ କାନ୍ଧ ମିଳାଇ 'ଭାରତ ବନ୍ଦ' ଡାକରା ଦେଇଥିଲେ ।

ବର୍ତମାନ ପରିସ୍ଥିତି ଯାହା ହେଲାଣି ଏହି ତୈଳ ଦର ବୃଦ୍ଧି ପାଇବ ସିନା କମିବାର ଆଦୌ ସମ୍ଭାବନା ନାହିଁ । ନିକଟରେ ଅନୁଷ୍ଠିତ ହୋଇଥିବା ୪୫ତମ ଦ୍ରବ୍ୟ ଓ ସେବା କର ପରିଷଦ ବୈଠକରେ ପେଟ୍ରୋଲ ଓ ଡିଜେଲ୍‌କୁ ଜିଏସ୍‌ଟି ପରିସରଭୁକ୍ତ କରାଯିବ ବୋଲି ଆଶା କରାଯାଉଥିଲା; କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସହମତି ହୋଇପାରି ନ ଥିଲା ।

୨୦୨୦ ମାର୍ଚ୍ଚରେ କରୋନା ମହାମାରୀ ଯୋଗୁ ତାଲାବନ୍ଦ ହୋଇଥିଲା । ଏହି ସମୟରେ ପେଟ୍ରୋଲ ଓ ଡିଜେଲର ଚାହିଦା ମଧ କମ୍ ଥିଲା । ମହାମାରୀ ମୁକାବିଲା ନିମନ୍ତେ କେନ୍ଦ୍ରସରକାର ଅନ୍ୟ ଦ୍ରବ୍ୟ ଉପରେ ଟିକସ ନ ଲଗାଇ କେବଳ ପେଟ୍ରୋଲ ଓ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକ ତୈଳ ଉତ୍ପାଦନ କରିନଥିଲେ । ବର୍ତମାନ ପରିସ୍ଥିତିରେ ମହାମହାରୀକୁ ପ୍ରତିହତ କରିବା ନିମନ୍ତେ ସାରା ବିଶ୍ୱରେ ଟିକାକରଣ ଉପରେ ପ୍ରାଧାନ୍ୟ ଦିଆଯାଉଛି । ସଂକ୍ରମଣ ସ୍ଥିତିରେ ସୁଧାର ଆସୁଛି । ହାଟ ବଜାର ଖୋଲିବା ଦ୍ୱାରା ବଜାରରେ ପେଟ୍ରୋଲ ଓ ଡିଜେଲର ଚାହିଦା ବଢୁଛି; କିନ୍ତୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ତୈଳ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକ ଅଶୋଧିତ ତୈଳ ସେହି ଅନୁପାତରେ ବୃଦ୍ଧି କରୁନାହାନ୍ତି । ସେମାନଙ୍କ ମଧ୍ୟରେ ବୁଝାମଣା ଅଭାବ ହେବା ହେତୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି କୁହାଯାଇପାରିବ । ଯୁକ୍ତରାଷ୍ଟ୍ର ଆମେରିକା ପ୍ରାୟ ୨୦-୨୫ ଦିନ ତଳେ ଏକ ସାମୁଦ୍ରିକ ଝଡ଼ର ସାମ୍ନା କରିବା ଦ୍ୱାରା ତୈଳ ଦର ପ୍ରଭାବିତ ହୋଇଛି । ଏହାର ପ୍ରଭାବ ମଧ ଅନ୍ତର୍ଜାତୀୟ ତୈଳ ବଜାର ଉପରେ ପଡୁଛି ।

ଏଠାରେ ଆମେ ସୂଚାଇ ଦେବାକୁ ଚାହୁଁ ଯେ, ପେଟ୍ରୋଲ ଓ ଡିଜେଲ ଉପରେ ଉଭୟ କେନ୍ଦ୍ରସରକାର ଓ ରାଜ୍ୟସରକାର ଯଥେଷ୍ଟ ପରିମାଣରେ ଟିକସ ଆଦାୟ କରନ୍ତି, ଯାହାକି ମୂଳ ଦର ଅପେକ୍ଷା ଢେର ଅଧିକ । ଗତ ସପ୍ତାହରେ ପେଟ୍ରୋଲ ଲିଟର ପିଛା ଟ.୧୦୩.୨୮ ପଇସା ହୋଇଥିବା ବେଳେ ଏଥିରେ ମୂଳଦଳ ୪୨.୮୨ଟଙ୍କା ଥିଲା । ସେହିପରି କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ, ରାଜ୍ୟ ଅଂଶ (ଟିକସ) ଟ.୨୪.୧୭ ପଇସା ଏବଂ ଡିଲର କମିଶନ ଟ.୩.୩୯ ପଇସା ଥିଲା । ଅନୁରୂପ ଭାବେ ଡିଜେଲ ଲିଟର ପିଛା ମୂଳ ଦର ଟ.୪୩.୯୦ ପଇସା ଥିବା ବେଳେ କେନ୍ଦ୍ରୀୟ ଉତ୍ପାଦ ଟ. ୩୩.୮୦ ପଇସା ରାଜ୍ୟର ଅଂଶ (ଟିକସ) ଟ.୨୧.୧୭ ପଇସା ଓ ଡିଲର କମିଶନର ଟ.୨.୧୩ ପଇସା ଟଙ୍କା ଥିଲା । ବର୍ତମାନ ଆପଣମାନେ ବିଚାର କରନ୍ତୁ ଉଭୟ ରାଜ୍ୟ ଟିକସ ଓ କେନ୍ଦ୍ର ଟିକସ ବାଦରେ ଖାଉଟି କେତେ ଅଧିକା ଟଙ୍କା ଦେଉଛି ।

ବର୍ତମାନ ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ, ତେଲରୁ ଟିକସ ବାଦରେ ଯେଉଁ ଅର୍ଥ ଆଦାୟ ହେଉଛି ତାହା ସଡ଼କ ନିର୍ମାଣ ଓ ଅନ୍ୟାନ୍ୟ ଉନ୍ନୟନମୂଳକ ଖର୍ଚ୍ଚ ହେଉଛି । ଭଲ କଥା, କିଏ ମନା କରୁଛି ? କିହୋ ବାବୁ ! ଯଦି ରାସ୍ତାଘାଟର ଉନ୍ନତି ପାଇଁ ତୁମେ ଟିକସ ନେଉଛ ବୋଲି ସଫେଇ ଦେଉଛ ତେବେ ସେହି ରାସ୍ତାଘାଟ ନିର୍ମାଣରେ ହୋଇଥିବା ଖର୍ଚ୍ଚକୁ ଉଠାଇବା ପାଇଁ ତୁମେ ଟୋଲ ଫି' କିପରି ଆଦାୟ କରୁଛ ?

ଗୋଟିଏ ଉଦାହରଣ ଦେଲେ ଆମର କଥାଟି ସ୍ପଷ୍ଟ ହୋଇଯିବ । ଆମେ ଜାଣିବାରେ ପୁରୀରୁ ଭୁବନେଶ୍ୱର ବା ଭୁବନେଶ୍ୱରରୁ କୋଣାର୍କର ଦୂରତ୍ୱ ପ୍ରାୟ ୬୦ କି.ମି. ଅଟେ । ଯଦି ଗାଡ଼ିରେ ଫାଷ୍ଟ ଟ୍ୟାଗ୍ ଲାଗିନାହିଁ ତେବେ ଆମକୁ ଅଧିକ ଟଙ୍କା ଦେବାକୁ ପଡୁଛି । ଯିବା ଆସିବା ହେଉଛି ୧୨୦ କି.ମି. ଏହିପରି ଭାବେ ଆମକୁ ୧୨୦କି.ମି.କୁ ବିନା ଫାଷ୍ଟ ଟ୍ୟାଗ୍‌ରେ କାର୍‌ରେ ଗଲେ ୪୬୦ ଟଙ୍କା ଦେବାକୁ ପଡୁଛି । ଏହା ଦିନ ଦ୍ୱିପ୍ରହରରେ ଡକାୟତି ନୁହେଁ ତ ଆଉ କ'ଣ ? ଗୋଟିଏ କାମ ପାଇଁ ଆମେ ତୈଳ ବୃଦ୍ଧି ଜନିତ ଟିକସ ଅଧିକା ଦାମ ଦେଉଛୁ ଏବଂ ଟୋଲ ଟ୍ୟାକ୍ସ ବାବଦରେ ମଧ କିଛି ଟଙ୍କା ଦେଉଛୁ ।

ତୈଳ ଦର ବୃଦ୍ଧି ଲୋକଙ୍କ ଦେହସୁହା ହୋଇ ଗଲାଣି କିନ୍ତୁ ଟିକେ ଭାବି ଦେଖନ୍ତୁ ତ ! ଏଇ ୬ମାସ ତଳେ ପଶ୍ଚିମବଙ୍ଗରେ ମମତା ବାନାର୍ଜିଙ୍କ ସହ ବିଜେପି ନେତାଙ୍କର ଘମାଘୋଟ ନିର୍ବାଚନ ଲଢ଼େଇ ବେଳେ କାଇଁ ବେଶ୍ କିଛିଦିନ ପାଇଁ ତୈଳ ଦର ତ ସ୍ଥିର ରହିଥିଲା ? ଏକଥା କ'ଣ ଆମେ ଭୁଲିଗଲୁଣି ?

ଯାହା ଜଣାପଡୁଛି ଉଭୟ କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟର ରାଜ୍ୟ ସରକାର ଏହି ଟିକସ ହାର କମାଇବାରେ ପକ୍ଷପାତି ନୁହନ୍ତି । ସେମାନଙ୍କର କହିବା କଥା ହେଲା ଏଇ ଟିକସ ଲବ୍‌ଧ ଧନରୁ ଆମେ ବିକାଶମୂଳକ କାର୍ଯ୍ୟ କରୁଛୁ । ହଁ ତା' ନୁହେଁ ତ ଆଉ କ'ଣ । ଆମେ ଗୋଟିଏ ଗୋଷ୍ଠୀ ଟିକସ ଗଣି ଗଣି ନୟାନ୍ତ । ଆଉ ଗୋଟିଏ ଗୋଷ୍ଠୀ ଅର୍ଥାତ ଶାସନରେ ଥିବା ସରକାର (ଯେ କୌଣସି ଦଳର ହୁଅନ୍ତୁନା କାହିଁକି) ଖର୍ଚ୍ଚ କରିବାରେ ବ୍ୟସ୍ତ । ଛତା, ଜୋତା, କମ୍ବଳ, ସାଇକେଲ, କମ୍ପ୍ୟୁଟର, କୂଅପୋଖରୀ ଖୋଳା, ପାଇଖାନା ନିର୍ମାଣ ଆଦି ଅନେକ କାର୍ଯ୍ୟରେ ଆମ ଟିକସ ପଇସାରୁ ଟଙ୍କା ଖର୍ଚ୍ଚ କରି ସରକାର ଗାଁ ଗଣ୍ଡାର ସାଧାରଣ ଜନତାଙ୍କୁ ଭଣ୍ଡାଇ ଭୋଟ ବ୍ୟାଙ୍କ ସୃଷ୍ଟି କରିବାରେ ବ୍ୟସ୍ତ । ବୋଧହୁଏ ଗରିବ ଏମିତି ସବୁଦିନ ଗରିବ ହୋଇ ରହିଥିଲେ ନେତାଙ୍କର ଲାଭ । କିନ୍ତୁ ଆମେ ମଧ୍ୟମିତ ଶ୍ରେଣୀ, ଖାଲି ଏତିକି କହିପାରୁ ଯେ "ମାରିନେଲେ ମହାପାତ୍ରେ, ତୁ ଚାହିଁଥିରେ ଜଳକା ।" ଆଉ ବିଶେଷ କିଛି କହିବାକୁ ଇଚ୍ଛା ହେଉନାହିଁ ।





# ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା



***୩୦ ବର୍ଷ ପରେ ମହିଳା ମାନେ ବିଶେଷକରି ଖାଦ୍ୟ ଯୋଜନା କ୍ଷେତ୍ରରେ ଅଧିକ ଯତ୍ନଶୀଳ ହେବା ଜରୁରୀ। ପ୍ରଥମେ ଫାଇବରଯୁକ୍ତ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ସତେଜ ପନିପରିବା, ଶାଗ, ସ୍ୱାସ୍ଥ୍ୟପାଇଁ ଭଲ। ପୂର୍ବରୁ ଖାଉଥିବା କାର୍ବୋହାଇଡ୍ରେଟର ମାତ୍ରାକୁ କମ୍ କରି ପ୍ରୋଟିନର ମାତ୍ରାକୁ ବଢ଼ାଇବା ଦରକାର। ସେହିପରି ସାଚ୍ୟୁରେଟେଡ ଫ୍ୟାଟ ଓ ତେଲ ଯଥାସମ୍ଭବ କମ୍ ବ୍ୟବହାର କରିବା ଭଲ।***



ଆଜିର ସମୟରେ କମ୍ ବୟସରେ ମଧୁମେୟ, କର୍କଟ, ହୃଦ୍‌ଘାତ, ମୋଟାପଣ, ଉଚ୍ଚରକ୍ତଚାପ ପରି ସମସ୍ୟା ଦିନକୁ ଦିନ ବଢୁଥିବାବେଳେ ବିଶେଷକରି ୩୦ ବର୍ଷ ପରର ଖାଦ୍ୟାଭ୍ୟାସ ସ୍ୱାସ୍ଥ୍ୟ ସଚେତନତା ଏକ ଜରୁରୀ ଚିନ୍ତନ। ବିଶେଷକରି ମହିଳା ମାନଙ୍କ ପାଇଁ ଏହାର ଗୁରୁତ୍ୱ ଅଧିକ ରହିଛି। ୩୦ ବର୍ଷ ପରେ ମହିଳା ମାନେ ବିଶେଷକରି ଖାଦ୍ୟ ଯୋଜନା କ୍ଷେତ୍ରରେ ଅଧିକ ଯତ୍ନଶୀଳ ହେବା ଜରୁରୀ। ପ୍ରଥମେ ଫାଇବରଯୁକ୍ତ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ସତେଜ ପନିପରିବା, ଶାଗ, ସ୍ୱାସ୍ଥ୍ୟପାଇଁ ଭଲ। ପୂର୍ବରୁ ଖାଉଥିବା କାର୍ବୋହାଇଡ୍ରେଟର ମାତ୍ରାକୁ କମ୍ କରି ପ୍ରୋଟିନର ମାତ୍ରାକୁ ବଢ଼ାଇବା ଦରକାର। ସେହିପରି ସାଚ୍ୟୁରେଟେଡ ଫ୍ୟାଟ ଓ ତେଲ ଯଥାସମ୍ଭବ କମ୍ ବ୍ୟବହାର କରିବା ଭଲ। ମହିଳାମାନେ ନିୟମିତ ଆଇରନଯୁକ୍ତ ଖାଦ୍ୟର ପରିମାଣ ବଢ଼ାଇବା ଆବଶ୍ୟକ। ଯଦି ମଧୁମେହ ଥାଏ, ତେବେ କେବଳ ଗହମ ଅଟା ପରିବର୍ତ୍ତେ ମିକ୍ସ ଅଟା ବ୍ୟବହାର କରିପାରିବେ। ମିକ୍ସ ଅଟା ଅର୍ଥାତ୍ ମକା, ବାହରା ଓ ଚଣାର ସମିଶ୍ରଣ। ମହିଳା ମାନଙ୍କ ବୟସ ୩୦ ଛୁଇଁବା ପରେ ମିଠା ଭିତରେ ଚିନିକୁ କମ୍ ସ୍ଥାନିତ କରି ବରଂ ଗୁଡ଼ ସ୍ୱାସ୍ଥ୍ୟ ପାଇଁ ଭଲ। ଥଣ୍ଡା ପାନୀୟ ହେଉ ବା ଚକୋଲେଟ ଏଥିରେ ଅଧିକ ପରିମାଣର ମିଠା ରହୁଥିବାରୁ ଶରୀରରେ କ୍ୟାଲୋରୀର ମାତ୍ର ବଢ଼ାଇ ଦିଏ। ଯାହାଦ୍ୱାରା ମଧୁମେହ ଓ କର୍କଟର ସମ୍ଭାବନା ରହିଥାଏ। ମୋଟାପଣ ଓ ହାଡ଼ ସମସ୍ୟା ମହିଳାଙ୍କ ପାଇଁ ଘାତକ ସମସ୍ୟା ସୃଷ୍ଟି କରିଥାଏ। ଏହି ବୟସରେ ଗୃହିଣୀ ହୁଅନ୍ତୁ ବା କର୍ମଜୀବୀ ଏପରିକି ସାଧାରଣ ମହିଳାଙ୍କ ଭିତରେ ଚା କଫିର ମାତ୍ରାଧିକ ବ୍ୟବହାର ବଢ଼ାଇ ଦେଇଥାନ୍ତି। ଏଥିରେ ରହୁଥିବା କ୍ୟାଫିନ୍ କୁପ୍ରଭାବ ପକାଇଥାଏ। ଗ୍ରୀନ ଟି ବା ଲେମନ ଟି ଖୁବ୍ ଭଲ। ମହିଳାମାନେ ଅଧିକ ଚା’ ପିଇବା ଦ୍ୱାରା ମୁଣ୍ଡବିନ୍ଧା, କୋଷ୍ଠକାଠିନ୍ୟ, ବଦ୍‌ହଜମି ଓ ରକ୍ତଚାପକୁ ସାମ୍ନା କରିଥାନ୍ତି। ବାହାର ଖାଦ୍ୟକୁ ଗୁରୁତ୍ୱ ନ ଦେଇ ଘରୋଇ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଭଲ। କାରଣ ତଥାକଥିତ ଫାଷ୍ଟଫୁଡ୍ ବା ଜଙ୍କଫୁଡରେ ଅଧିକ ତେଲ ମସଲା ଓ କେମିକାଲଯୁକ୍ତ ଫ୍ଲେଭର ରହୁଥିବାରୁ ଏହା ଶରୀରରେ କୋଲେଷ୍ଟ୍ରୋଲର ମାତ୍ରାକୁ ଧିରେ ଧିରେ ବଢ଼ାଇଦିଏ। ମହିଳାମାନେ ଏହି ବୟସରେ ମଇଦା ଠାରୁ ଦୂରେଇବା ଭଲ କାରଣ ଏହା ହଜମ ପାଇଁ ବାଧକ ହୋଇଥାଏ। ମଇଦା ଅପେକ୍ଷା ରୁଟି ଭଲ। ତେବେ ମକା, ବଜରା ଓ ଚଣା ମିଶ୍ରିତ ସମିଶ୍ରିତ ଅଟା ଖାଇବା ଦ୍ୱାରା ମୋଟାପ[...] କମିଯାଏ। ଆଜିର ସମା[...] ମଦ୍ୟପାନ ଓ ବିଭିନ୍ନ ନି[...] ମାନସିକ ଚାପ, ଚିନ୍ତା, ବିଭିନ୍ନ ଅନ୍ୟାନ୍ୟ କା[...] ନିଶାସେବନ କରୁଥିଲେ [...] ଓ ଲିଭରକୁ ବ୍ୟାପକ ଭା[...] ସେହିପରି ଆମିଷ ଖାଦ[...] ଭଲ। ତେବେ ଏହାକୁ ଆମେ ମନା କରୁନାହୁଁ ଖୁବ୍ ଗରିଷ୍ଠ ହୋଇଥିବ[...] ରେଡ଼ମିଟ ଓ ପ୍ରୋସେ[...] ଅନେକ ମହିଳା ଅ[...] ଖାଉଥିବାରୁ ଏହା ହ[...] ସମସ୍ୟାକୁ ବଢ଼ାଇଥାଏ। ମାଛ ନିଶ୍ଚିନ୍ତ ଭାବରେ ଭ[...] ଆମିଷ ଠାରୁ ଏ ବୟସ[...] ମହିଳାମାନେ ପନିପରିବ[...] ଫଳମୂଳ ଓ ଡ୍ରାଏଫ୍ରୁ[...] ଖାଇପାରନ୍ତି। ଆମ୍ଭମାନ[...] ଭିତରେ ଏକ ଧାର[...] ରହିଛି କଫିକ୍ରିମ ଝ[...] ସାଧାରଣ ଜିନିଷ କିନ୍ତୁ ଏଥିରେ ଥିବା ଟାଇଟେନିୟମ ଡାଇଅକ୍ସାଇଡ଼ ଏବଂ ଅଲଟ୍ରାଭାଓଲେଟ ରେଡିଏସନ ବ୍ଲକର ରହିଛି। କଫିକ୍ରିମ ଆମ ଲିଭର ଓ ଟିସୁକୁ ନଷ୍ଟ କରିବାରେ ସହଯୋଗ କରିଥାଏ। ଏହା ଟ୍ରାନ୍ସ ଫ୍ୟାଟ ସହିତ ପ୍ୟାକ କରାଯାଇଥାଏ। ଯେଉଁଥିରେ ହାଇଡ୍ରୋଜେନେଡ୍ ଅଏଲର ନାମକୁ ପଦାର୍ଥ ଲୁକାୟିତ ଅବସ୍ଥାରେ ରହିଥାଏ, ଯାହା ୪୫ ବର୍ଷରୁ କମ୍ ବୟସ୍କଙ୍କ ଠାରେ ସ୍ମୃତିଶକ୍ତି ହରାଇବାର ଅନ୍ୟତମ କାରଣ ସାଜିଥାଏ। ସେହିପରି ୩୦ ପରର ମହିଳା ମାନଙ୍କ ଭିତରେ ମୋଟାପଣ ଦେଖିବାକୁ ମିଳିଥାଏ। ଅନେକ ହୁଏତ ଜାଣିନଥାନ୍ତି ଏହା ଆପଣଙ୍କ ଲିଭର ଠିକ୍ ଭାବେ କାମ କରୁନଥିବାର ସଙ୍କେତ ହୋଇପାରେ। ତେଣୁ କୃତ୍ରିମ ମିଠା ଭଳି ବିଷାକ୍ତ ଖାଦ୍ୟ ପଦାର୍ଥ ଠାରୁ ମହିଳାମାନେ ଦୂରେଇ ରହିବା ଭଲ। ବିଶେଷକରି ସୁଗାରଫ୍ରି କ୍ୟାଣ୍ଡି ଓ ସ୍ନାକ୍ସ ଠାରୁ ଦୂରେଇବା ଜରୁରୀ। ଏହା ବ୍ୟତୀତ ମହିଳାମାନେ ଓଜନକୁ ନିଜ ନିୟନ୍ତ୍ରଣରେ ରଖନ୍ତୁ। ୩୦ବର୍ଷ ପରେ ମହିଳାମାନେ ଡାଏଟ୍ ପ୍ଲାନ ପ୍ରତି ଯତ୍ନଶୀଳ ହେବା ଅତ୍ୟନ୍ତ ଜରୁରୀ। ଦିନକୁ ତିନିଥର ମୁଖ୍ୟ ଖାଦ୍ୟ ସହ ଦୁଇଥର ଛୋଟିଆ ହାଲ୍‌କା ଜଳଖିଆ ନେଇପାରନ୍ତି। ତେବେ ଅଧିକାଂଶ ମହିଳା ସକାଳେ ଘରୋଇ କାର୍ଯ୍ୟ ବା ଅନ୍ୟାନ୍ୟ କାର୍ଯ୍ୟ ବାହାନାରେ ଖାଲି ପେଟରେ ରହୁଥିବାରୁ ଏହା ସେମାନଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। ତେଣୁ ସକାଳ ଜଳଖିଆ ଅତ୍ୟନ୍ତ ଜରୁରୀ। ଖାଦ୍ୟ ତାଲିକାକୁ ସନ୍ତୁଳନ ରଖି ପ୍ରୋଟିନକୁ ଦିଅନ୍ତୁ। ଆପଣଙ୍କ କର୍ମବ୍ୟସ୍ତତାକୁ ଦେଖି ସଠିକ୍ ସମୟରେ ନିଦ୍ରା ଯାଆନ୍ତୁ। ଏହି ବୟସରେ ହରମୋନାଲ ପରିବର୍ତ୍ତନ ହେଉଥିବାରୁ ଥାଇରଏଡ଼ ସମସ୍ୟାରୁ ରକ୍ଷା ପାଇବା ପାଇଁ ସତର୍କ ରୁହନ୍ତୁ। କ୍ୟାଲସିୟମ ସ୍ତରକୁ ବଜାୟ ରଖିବା ପାଇଁ ଆପଣଙ୍କ ଖାଇବା ତାଲିକାରେ କ୍ଷୀର ଓ ଆଲମଣ୍ଡକୁ ଗୁରୁତ୍ୱ ଦିଅନ୍ତୁ।

ଷ୍ଟ୍ରେସକୁ ନିୟନ୍ତ୍ରିତ କରିବା ପାଇଁ ଯୋଗ ଓ ବ୍ୟାୟାମ ଖୁବ୍ ଭଲ। ୩୦ବର୍ଷ ପରର ମହିଳା ମାନଙ୍କ ପାଇଁ ପନିର ଦହି, କ୍ଷୀର ଜାତୀୟ ଖାଦ୍ୟକୁ କମ୍ କରି ପାରିଲେ ଭଲ ଏହା ବଦଳରେ ଅଧିକ ଫଳ ଓ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ। ୩୦ବର୍ଷ ପରର ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟକୁ ନେଇ ଭୟଭୀତ ହେବାର ସେପରି କିଛି କାରଣ ନାହିଁ। କିନ୍ତୁ ଆପଣଙ୍କ ସ୍ୱାସ୍ଥ୍ୟର ସୁନ୍ଦରତା, ସତେଜତା ଓ ସୁସ୍ଥତାକୁ ବଜାୟ ରଖିବା ପାଇଁ ଖାଦ୍ୟ ପ୍ରଣାଳୀର ସଠିକ ପରିମାଣ ଓ ସଠିକ ମାତ୍ରା ଖୁବ୍ ଭଲ। ସରକାରୀ ବ୍ୟବସ୍ଥାରେ ଥିବା ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଦେଖିବେ ୩୦ ପରେ ଆପଣଙ୍କ ବୟସ ବଢ଼ିଲେ ମଧ ଆପଣ ସେହିପରି ସୁନ୍ଦର, ଅକ୍ଷୁର୍ଣ୍ଣ ସତେଜତା ସହ ପୂର୍ବପରି ଆପଣଙ୍କ ଭିତରେ କର୍ମଚଞ୍ଚଳତା ଓ ଧାଁ ଧଉଡ ବ୍ୟସ୍ତତା ମଧ୍ୟରେ ଆପଣ ଆପଣଙ୍କ ଶରୀରକୁ ନେଇ ଆଦୌ ଦୁଃଖିତ ହେବେନାହିଁ।



## ଡାଇବେଟିସ୍ ନିୟନ୍ତ୍ରଣ କରେ

# କଖାରୁ ମଂଜି

ପ୍ରାୟ ସମସ୍ତେ କଖାରୁ ମଞ୍ଜିକୁ ଫୋପାଡ଼ି ଦେଇଥା’ନ୍ତି। କିନ୍ତୁ ଆପଣଙ୍କୁ ହୁଏତ ଜଣା ନଥିବ, କଖାରୁ ମଞ୍ଜିରେ ଅନେକ ଔଷଧୀୟ ଗୁଣ ରହିଛି। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ, ଆମିନୋ ଏସିଡ୍, ଆଇରନ୍ ଓ ପୋଟାସିୟମ୍ ପରି ଅନେକ ପୋଷକ ତତ୍ତ୍ୱ ରହିଛି। କଖାରୁ ମଞ୍ଜି ଶରୀରକୁ ଇନ୍ଫେକ୍ସନ୍ରୁ ଦୂରେଇ ରଖିବା ସହିତ ଆହୁରି ଅନେକ ରାଗରୁ ରକ୍ଷା କରିଥାଏ। ଆସନ୍ତୁ ଜାଣିବା, କଖାରୁ ମଞ୍ଜି ଖାଇଲେ କେଉଁ ସବୁ ଲାଭ ମିଳିଥାଏ। କଖାରୁ ମଞ୍ଜି ରକ୍ତରେ ସୁଗାର୍ର ସ୍ତରକୁ ନିୟନ୍ତ୍ରଣ କରିଥାଏ। ଏଥିରେ ଭରପୂର ମାତ୍ରାରେ ଫାଇବର୍ ଓ ପ୍ରୋଟିନ୍ ରହିଛି। ଫାଇବର୍ ରକ୍ତରେ ମିଶି ଅଧିକ ସୁଗାରକୁ ଶୋଷଣ କରିଥାଏ। ଫଳରେ ରକ୍ତରେ ସୁଗାରର ସ୍ତର ନିୟନ୍ତ୍ରଣରେ ରହିଥାଏ। ସେଥିପାଇଁ ଡାଇବେଟିସ୍ ରୋଗୀମାନେ ଏହାକୁ ଖାଇବା ଉଚିତ୍। ତେବେ ସେମାନେ ଏହା ପୂର୍ବରୁ କୌଣସି ଆୟୁର୍ବେଦିକ ଡାକ୍ତରଙ୍କ ପରାମର୍ଶ ନେଲେ ଭଲ। କ୍ୟାନସର୍ ସେଲର ବୃଦ୍ଧିକୁ ବନ୍ଦ କରିଥାଏ କଖାରୁ ମଞ୍ଜିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଶରୀରରେ ବିକାଶିତ ହେଉଥିବା କ୍ୟାନସର୍ ସେଲ୍ ସହିତ ଲଢ଼େଇ କରିଥାଏ ଓ ସେଗୁଡ଼ିକୁ ବଢ଼ିବାକୁ ଦେଇ ନଥାଏ। କଖାରୁ ମଞ୍ଜିରେ ଥିବା ଆଣ୍ଟି-କ୍ୟାନସର୍ ଗୁଣ ବ୍ରେଷ୍ଟ୍ କ୍ୟାନସର୍କୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ବ୍ଲାଡରକୁ ଠିକ୍ ଢଙ୍ଗରେ କାର୍ଯ୍ୟକ୍ଷମ କରାଏ ମୂତ୍ରାଶୟରେ ପ୍ରୋଷ୍ଟେଟ୍ ଗ୍ଲାଣ୍ଡର ବୃଦ୍ଧି ହେଲେ ପୁରୁଷଙ୍କ କ୍ଷେତ୍ରରେ ପରିସ୍ରା ସମସ୍ୟା ଦେଖାଯାଇଥାଏ। କଖାରୁ ମଞ୍ଜି ଖାଇଲେ ଏହି କଷ୍ଟରୁ ମୁକ୍ତି ମିଳେ। ଏହି ମଞ୍ଜିରେ ଥିବା ତୈଳ ଅଂଶ ବ୍ଲାଡରର ଫଙ୍କ୍ସନକୁ ଠିକ୍ କାର୍ଯ୍ୟକ୍ଷମ କରାଇବା ସହିତ ପ୍ରୋଷ୍ଟେଟ୍ ଗ୍ଲାଣ୍ଡକୁ ବଢ଼ିବାକୁ ଦେଇ ନଥାଏ। ହୃତପିଣ୍ଡକୁ ସୁସ୍ଥ ରଖିଥାଏ କଖାରୁ ମଞ୍ଜିରେ ଥିବା ତୈଳ ଅଂଶ ହୃତପିଣ୍ଡ ପାଇଁ ଭାରି ଭଲ। ଏହା ହୃତପିଣ୍ଡକୁ ସୁସ୍ଥ ରଖିବା ସହିତ ଏହାକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ଏଥି ସହିତ ଏହା ଶରୀରରେ ନାଇଟ୍ରିକ୍ ଅକସାଇଡ୍ର ସ୍ତରକୁ ବଢ଼ାଇଥାଏ। ନାଇଟ୍ରିକ୍ ଅକସାଇଡର କାର୍ଯ୍ୟ ହେଉଛି, ଏହା ରକ୍ତ ବାହିକାକୁ ପତଳା କରିଥାଏ ଏବଂ ହୃତପିଣ୍ଡକୁ ଠିକ୍ ଭାବରେ ରକ୍ତ ସଞ୍ଚାଳନ କରିଥାଏ।




# ଦେହରେ ନିଆଁ ଲାଗିଗଲେ

ନିଆଁ ବା କୌଣସି ଗରମ ଜିନିଷ ସଂସ୍ପର୍ଶରେ ଆସି ଶରୀରର କୌଣସି ସ୍ଥାନ ପୋଡ଼ି ଯିବା ଏକ ସାଧାରଣ କଥା। ତେବେ ନିଆଁରେ ପୋଡ଼ି ହୋଇ କିମ୍ବା ବିଦ୍ୟୁତ୍ ଆଘାତରେ ଲୋକଙ୍କ ମୃତ୍ୟୁ ବି ଘଟିଥାଏ। ଶରୀରର ଯେଉଁ ଅଙ୍ଗରେ ନିଆଁ ଲାଗିଥାଏ ବା କୌଣସି ଗରମ ଜିନିଷ ପଡ଼ିଥାଏ, ତା’ର ଉପଚାର ଠିକ୍ ସମୟରେ



କରା ନଗଲେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ତା’ହେଲେ ଆସନ୍ତୁ ଜାଣିବା, ଯଦି ଆପଣଙ୍କର ବା ଆଉ କାହାର ଶରୀରର କୌଣସି ଅଙ୍ଗ ନିଆଁ ବା ଗରମ ପଦାର୍ଥ ସଂସ୍ପର୍ଶରେ ଆସେ, ତା’ହେଲେ ସଙ୍ଗେ ସଙ୍ଗେ କ’ଣ କରିବା ଉଚିତ୍ ଏବଂ କ’ଣ ନ କରିବା ଉଚିତ୍। ତେବେ ତା’ପୂର୍ବରୁ ବର୍ଣ୍ଣ ବା ଜଳାପୋଡ଼ା କେତେ ପ୍ରକାରର, ତାହା ଜାଣିବାର ଆବଶ୍ୟକତା ରହିଛି।

- ଫ୍ଲେମ୍ ବର୍ଣ୍ଣ: ଶାଢ଼ୀ ବା ଡ୍ରେସରେ ନିଆଁ ଲାଗିଯିବାରୁ ଶରୀରର କୌଣସି ଅଂଶ ପୋଡ଼ିଯିବା
- ସ୍କାଲ୍ଡ୍ ବର୍ଣ୍ଣ: ଦେହରେ କୌଣସି ଗରମ ଜିନିଷ ପୋଡ଼ିଯିବା, ଯେପରିକି ଗରମ ଡାଲି, କ୍ଷୀର ବା ପିଠୁ
- ଇଲେକ୍ଟ୍ରିକ୍ ବର୍ଣ୍ଣ: ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୋଡ଼ି ହୋଇଯିବା

■ ଯଦି ଫ୍ଲେମ୍ ବର୍ଣ୍ଣ ବା ଆପଣଙ୍କ ଶାଢ଼ୀରେ ନିଆଁ ଲାଗି ଯାଇଛି, ତେବେ ସଙ୍ଗେ ସଙ୍ଗେ ଯେଉଁ ଶାଢ଼ୀରେ ନିଆଁ ଲାଗିଛି, ତାକୁ କାଢ଼ି ଦିଅନ୍ତୁ। ଦ୍ୱିତୀୟରେ ଯେଉଁ ସ୍ଥାନ ପୋଡ଼ି ହୋଇଛି, ତାକୁ ପାଣିରେ ବୁଡ଼ାଇ ରଖନ୍ତୁ। ଯେ ପର୍ଯ୍ୟନ୍ତ ଆପଣଙ୍କ ପୋଡ଼ା ନ କମିଛି ସେ ପର୍ଯ୍ୟନ୍ତ ପାଣିରେ ତାକୁ ବୁଡ଼ାଇ ରଖନ୍ତୁ। ତା’ ପରେ ଘରେ ଯଦି କୌଣସି ଆ[ସେପ୍ଟିକ୍ ଅଏ[ମେ[ ଅଛି ଲଗାନ୍ତୁ ଓ ଡାକ୍ତରଙ୍କ ପାଖକୁ ଯାଆନ୍ତୁ। ଯଦି ଘରେ କୌଣସି ଆ[ସେପ୍ଟିକ୍ ଅଏ[ମେ[ ନାହିଁ, ତା’ହେଲେ ଗୋଟିଏ ସଫା କପଡ଼ାରେ ପୋଡ଼ା ସ୍ଥାନକୁ ଗୁଡ଼ାଇ ନିକଟସ୍ଥ ଡାକ୍ତରଖାନା ଯାଇ ଡ୍ରେସିଂ କରନ୍ତୁ। ଡ୍ରେସିଂ କରିବା ଦ୍ୱାରା ଆପଣଙ୍କର ପୋଡ଼ା ଘା’ ଶୀଘ୍ର ଶୁଖିଥାଏ।

■ ଯଦି ସ୍କାଲ୍ଡ୍ ବର୍ଣ୍ଣ ହେଉଛି ବା ଆପଣଙ୍କ ଦେହରେ କୌଣସି ଗରମ ଜିନିଷ ପୋଡ଼ି ଯାଉଛି, ତା’ହେଲେ ବି ପାଣିର ସାହାଯ୍ୟ ନିଅନ୍ତୁ। ଶରୀର ଯେଉଁ ସ୍ଥାନରେ ଗରମ ଜିନିଷ ପଡୁଥିବ, ତାକୁ ପାଣିରେ ବୁଡ଼ାଇ ରଖନ୍ତୁ। ପୋଡ଼ିଥିବା ସ୍ଥାନର ଯନ୍ତ୍ରଣା କମିବା ପରେ ପାଣିରୁ ଉକ୍ତ ଅଙ୍ଗକୁ ବାହାର କରନ୍ତୁ ଓ ପାଣିରୁ ବାହାର କରିବା ପରେ ସେଥିରେ ଆ[ସେପ୍ଟିକ୍ ଅଏ[ମେ[ ଲଗାନ୍ତୁ। ଏହା ପରେ ବି ଅଧିକ ପୋଡ଼ାଜଳା ହେଉଥିଲେ ଡାକ୍ତରଙ୍କ ପାଖକୁ ଯାଆନ୍ତୁ।

■ ତୃତୀୟରେ ହେଉଛି ଇଲେକ୍ଟ୍ରିକ୍ ବର୍ଣ୍ଣ ବା ବିଦ୍ୟୁତ୍ ଜନିତ ପୋଡ଼ାଜଳା। ଦୈବାତ୍ କେହି ବିଦ୍ୟୁତ୍ ସଂସ୍ପର୍ଶରେ ଆସିଲେ ପ୍ରଥମେ ବିଦ୍ୟୁତ୍ ପ୍ରବାହକୁ ବନ୍ଦ କରିବାକୁ ବା ବିଚ୍ଛିନ୍ନ କରିବାକୁ ଚେଷ୍ଟା କରନ୍ତୁ। ଯଦି ଆପଣଙ୍କ ଆଖପାଖରେ କୌଣସି ବ୍ୟକ୍ତି ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା ଦେଖନ୍ତି, ତାଙ୍କୁ ସଙ୍ଗେ ସଙ୍ଗେ ହାତ ଲଗାଇ ଭିଡ଼ନ୍ତୁ ନାହିଁ। ଯେକୌଣସି ଶୁଖିଲା କାଠ, ବାଡ଼ି ବା ବାଉଁଶରେ ତାଙ୍କୁ ବିଦ୍ୟୁତ୍ ଠାରୁ ଅଲଗା କରିବାକୁ ଚେଷ୍ଟା କରନ୍ତୁ।

***ଶରୀରର ଯେଉଁ ଅଙ୍ଗରେ ନିଆଁ ଲାଗିଥାଏ ବା କୌଣସି ଗରମ ଜିନିଷ ପଡ଼ିଥାଏ, ତା’ର ଉପଚାର ଠିକ୍ ସମୟରେ କରା ନଗଲେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ତା’ହେଲେ ଆସନ୍ତୁ ଜାଣିବା, ଯଦି ଆପଣଙ୍କର ବା ଆଉ କାହାର ଶରୀରର କୌଣସି ଅଙ୍ଗ ନିଆଁ ବା ଗରମ ପଦାର୍ଥ ସଂସ୍ପର୍ଶରେ ଆସେ, ତା’ହେଲେ ସଙ୍ଗେ ସଙ୍ଗେ କ’ଣ କରିବା ଉଚିତ୍ ଏବଂ କ’ଣ ନ କରିବା ଉଚିତ୍।***



ଏହା ପରେ ଶରୀରର ଯେଉଁ ସ୍ଥାନ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲା, ସେହି ସ୍ଥାନ ପୋଡ଼ି ଛି କି ନାହିଁ ପ୍ରଥମେ ଦେଖନ୍ତୁ। ଯଦି ପୋଡ଼ିଥିବ, ତା’ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇ ଯାଆନ୍ତୁ। ଇଲେକ୍ଟ୍ରିକ୍ ବର୍ଣ୍ଣରେ ମାଂସପେଶୀ ନଷ୍ଟ ହେବାର ଆଶଙ୍କା ଅଧିକ ରହିଥାଏ। କେବଳ ଏତିକି ନୁହେଁ, ଏଥିରେ ହୃଦଘାତ ହେବାର ଆଶଙ୍କା ମଧ ରହିଥାଏ। ଏଥିପାଇଁ ଡାକ୍ତରଖାନାରେ ପ୍ରଥମେ ସେହି ବ୍ୟକ୍ତିଙ୍କର ଇସିଜି କରନ୍ତୁ। ବିଦ୍ୟୁତ୍ ଆଘାତରେ ଶରୀରରେ ମାଂସପେଶୀ ଫୁଲି ଯାଏ। ଏଣୁ ଶରୀରରେ ରକ୍ତ ସଂାଳନ ବନ୍ଦ ହୋଇଯାଏ। ଏଥିପାଇଁ ଡାକ୍ତରଙ୍କ କହିବା ଅନୁସାରେ ଏହାର ପ୍ରାଥମିକ ଚିକିତ୍ସା କରନ୍ତୁ।

# ଖାଦ୍ୟ ଠିକ୍ ଭାବେ ହଜମ ହେଉ ନଥିଲେ

ଯଦି ଦିନ ଭିତରେ ଆପଣ ଅନ୍ୟୁନ ଛଅ ଘଣ୍ଟା ନ ଶୋଇଥାନ୍ତି, ତେବେ ଏହା ଏକ ଅନିୟମିତ ଜୀବନରେଖା ବୋଲି ଧରିବାକୁ ହେବ। ପ୍ରାକୃତିକ ଉପାୟରେ ଏହି ସମସ୍ୟାରୁ ମୁକ୍ତ ହୋଇପାରିବେ। ଏଥିପାଇଁ ଆପଣଙ୍କୁ ବ୍ୟାୟାମ କରିବା ଉଚିତ। ସୂର୍ଯ୍ୟ ନମସ୍କାର, କପାଳ ଭାତି, ପବନ ମୁକ୍ତାସନ ଆଦି ଯୋଗାସନ ଏଥିପାଇଁ ସବୁଠାରୁ ଭଲ। ଆଉ ଏକ କଥା ହେଲା ଯେ ଖାଦ୍ୟର ସିଡ୍ୟୁଲ୍ ପ୍ରସ୍ତୁତ କରନ୍ତୁ। ଏହା ଆପଣଙ୍କ ଉପରେ ନିର୍ଭର କରେ, ଦିନକୁ ତିନିଥର ପେଟ ପୁରା ଭୋଜନ କରି ପାରନ୍ତି, ଅଥବା ୫-୬ ଥର କମ୍ କମ୍ ଖାଦ୍ୟ ଗ୍ରହଣ କରିପାରନ୍ତି। ସେଓ, ଅମୃତଭଣ୍ଡା, କମଳା, ଅଙ୍ଗୁର ଆଦି ଫଳର ହଜମ କ୍ରିୟା ଭଲ ହୋଇଥାଏ। ଭୋଜନରେ ସାଲାଡ୍, ଧନିଆ ପତ୍ର, କଦଳୀ, ବ୍ରୋକଲି ଆଦି ଖାଦ୍ୟ ସାମିଲ କରିଲେ ତାହା ବି ଅଧିକ ଉପଯୋଗୀ ହେବ।



**ଏମିତି ବି ଅନେକ ଅଛନ୍ତି, ଯେଉଁମାନେ କୁହନ୍ତି ଯେ ଖାଇବାକୁ ଇଚ୍ଛା ହେଉନି, ସେମାନଙ୍କୁ ଭୋକ ଲାଗୁନି। ଏକଥା କହୁଥିବା ଲୋକଙ୍କ ଠାରେ ହଜମ କ୍ରିୟା ଜନିତ ସମସ୍ୟା ଅଛି ବୋଲି ଧରିବାକୁ ହେବ। ପ୍ରଥମେ ଜାଣିବାକୁ ହେବ ଯେ କାହିଁକି ଏମିତି ହୁଏ ?**



# ଫୁଲବାଣୀ ଠାରେ ଆମ୍ବେଦକର ସ୍ମୃତି କମିଟି ପକ୍ଷରୁ ୭୫ତମ ଜାତୀୟ ସମ୍ବିଧାନ ଦିବସ ପାଳିତ

ଫୁଲବାଣୀ, ୨୮/୧୧ (ନି.ପ୍ର): ଦେଶ ତାର ୭୫ ତମ ଜାତୀୟ ସମ୍ବିଧାନ ଦିବସ ପାଳନ କରଛି ଏବଂ ଅନୁରୂପ ଭାବେ ରାଜ୍ୟର ପ୍ରତିଟି ଗ୍ରାମପଂଚାୟତ ସ୍ତରରୁ ଆରମ୍ଭ କରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାନେ ମଧ୍ୟ ମିଳିତ ଭାବେ ଏହି ଦିବସକୁ ଅତି ଆଡମ୍ବର ସହକାରେ ପାଳନ କରୁଥିବା ଦେଖିବାକୁ ମିଳିଛି । ତଦନୁଯାୟୀ କନ୍ଧମାଳ ଜିଲ୍ଲାରେ ପ୍ରଥମ ଥର ପାଇଁ ବିଭିନ୍ନ ସାମାଜିକ ସଂଗଠନର ମିଳିତ ଉଦ୍ୟମରେ ବିଶ୍ୱର ସର୍ବବୃହତ ସମ୍ବିଧାନ ତଥା ଭାରତୀୟ ଆଇନ ସଂହିତାକୁ ଜାତୀୟ ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଛି । କନ୍ଧମାଳ ଜିଲ୍ଲାର ସମସ୍ତ ସାମାଜିକ ସଂଗଠନ କର୍ମକର୍ତ୍ତା, ଅଗଣିତ ଜନସାଧାରଣ ମାଦିକୁନ୍ଦା ଛକରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି କୋର୍ଟ ଛକ ସ୍ଥିତ ଗାନ୍ଧୀ ସ୍ମୃତି ଭବନରେ ପହଞ୍ଚିଥିଲା । ଏହାପରେ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ କୁଇ ସମାଜ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ଓ ସର୍ଦ୍ଦାର ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ଲମ୍ବୋଦର କହଁର ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥିଭାବେ ପୂର୍ବତନ ବିଧାୟକ ଶ୍ରୀ ଦୁଗୁନି କହଁର, ଅନାମ ନାୟକ, ସତ୍ୟନାରାୟଣ ବେହେରା, ଶ୍ରୀମତୀ ନଳିନି କହଁର, ରୋଦନ ମଲିକ, ଅବନୀ କହଁର, ମୁକୁନ୍ଦ ମଲିକ, ଦୟାନିଧି କହଁର, ପ୍ରେମାନନ୍ଦ ମାଝୀ, ଜିଲ୍ଲାସମିତି ସଭ୍ୟ ସଙ୍ଘର ସଭାପତି ଶ୍ରୀ ବୈଦ୍ୟନାଥ ବେହେରା, ସମୀର ଘଟାଲ, ପ୍ରଦୀପ ପ୍ରଧାନଙ୍କ ସମେତ ଅନ୍ୟ ସମସ୍ତ ସାମାଜିକ ସଂଗଠନର ସଭାପତି, ସମ୍ପାଦକ, ମୁସଲିମ ସାମ୍ପ୍ରଦାୟ ଜାମା ମସଜିଦର ସଭାପତି ଅବଦୁଲ ରଜତ ଖାନ, ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ସଭାପତି ପ୍ରବୀଣ ନାୟକ, ପ୍ରସନ ବିଶୋଇଙ୍କ ସମେତ ଅନ୍ୟ ସମସ୍ତ ଜାତିଭିତ୍ତିକ ସଂଗଠନର ସଭାପତି ମାନେ ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା କରିଥିଲେ ଖଜୁରୀପଡା ବ୍ଲକର ପୂର୍ବତନ ଚେୟାରମ୍ୟାନ ଶ୍ରୀ ବୀରେନ୍ଦ୍ର କହଁର, ଚନ୍ଦ୍ରମୋହନ ନାୟକ, ଶିବଶଙ୍କର ସାହାଣୀ ଅନୁଷ୍ଠାନର ସଭାପତି ସମୀର ଘଟାଲ



ସମ୍ବିଧାନ ଦିବସ ଉପରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ସଂଯୋଜକ ଶ୍ରୀ ବୀରେନ୍ଦ୍ର କହଁର ବିବରଣୀ ପ୍ରଦାନ କରିଥିଲେ । ପ୍ରଥମେ ବକ୍ତା ଭାବେ ଦୁଗୁନି କହଁର ସମ୍ବିଧାନ ଗଠନ ଓ ପରିଚାଳନା ବିଷୟରେ ଉଦବୋଧନ ରଖିଥିଲେ । ସତ୍ୟନାରାୟଣ ବେହେରା ମଧ୍ୟ ଅତି ସୁନ୍ଦର ଭାବେ ସମ୍ବିଧାନର ନୀତି, ଆଦର୍ଶ ଓ ଅଧିକାର ଉପରେ ଆଲୋକପାତ କରିଥିଲେ ଓ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବିଧାନ ପୁସ୍ତକ ପଢିବା ପାଇଁ ଆହ୍ୱାନ କରିଥିଲେ । ଅବଦୁଲ ରଜତ ଖାନ ନିଜ ବକ୍ତବ୍ୟରେ କହିଥିଲେ ଯେ, ଆଜି ଯଦି ମୁଁ ଏଇଠି ଠିଆ ହୋଇଛି, ତାହେଲେ ଠିଆ ହେବା ପାଇଁ ସାମ୍ବିଧାନିକ ଅଧିକାର କେବଳ ବାବା ସାହେବ ଆମ୍ବେଦକର ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ । ଶେଷରେ ମୁଖ୍ୟଅତିଥି ଶ୍ରୀ ଲମ୍ବୋଦର କହଁର ମଧ୍ୟ ସମ୍ବିଧାନରେ ଉଲ୍ଲିଖିତ ସମସ୍ତ ନିୟମ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କ ପାଇଁ ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆମେ ଆମ ନାର୍ଯ୍ୟ ଅଧିକାରରୁ ବଞ୍ଚିତ ହୋଇରହିଥିବା କଥା ପ୍ରକାଶ କରିଥିଲେ ଏବଂ ସମସ୍ତଙ୍କୁ ଆଗାମୀ ଦିନରେ ସଂଗଠିତ ହୋଇ ନିଜର ସାମାଜିକ, ନ୍ୟାୟିକ, ମୌଳିକ ଅଧିକାର ଛଡେଇ ଆଣିବା ପାଇଁ ଆହ୍ୱାନ କରି ନିଜ ବକ୍ତବ୍ୟ ସମାପନ କରିଥିଲେ । ଫୁଲବାଣୀ ସଦର ମହକୁମାରେ ଆମ୍ବେଦକରଙ୍କର ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବା ପାଇଁ ଜାଗ୍ରତ କନ୍ଧମାଳର ପ୍ରତିଷ୍ଠା ଦିବସ ତଥା ବାବା ସାହେବଙ୍କ ତିରୋଧାନ ଦିବସରେ ଭିତ୍ତି ପ୍ରସ୍ତର ସ୍ଥାପନ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ ଓ ମୁଖ୍ୟ ଅତିଥି ଶ୍ରୀ କହଁର ଉକ୍ତ ପ୍ରସ୍ତାବକୁ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି ଶ୍ରୀ ମହେନ୍ଦ୍ର ଦିଗାଲ, କୋଷାଧକ୍ଷ ଶ୍ରୀ ତ୍ରିନାଥ ମାଝୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ କନ୍ଧମାଳ ଜିଲ୍ଲାରେ ପ୍ରଥମ କରି ବାବା ସାହେବ ଆମ୍ବେଦକରଙ୍କର ସମ୍ବିଧାନ ଦିବସ ପାଳନ କରାଯାଇ ପାରିଥିବା ଯୋଗୁଁ ସମସ୍ତ ଶ୍ରେୟ ଆମ୍ବେଦକର ସ୍ମୃତି ଚାରଣ କମିଟିର ସମସ୍ତ କର୍ମକର୍ତ୍ତା ମାନଙ୍କୁ ପ୍ରଦାନ କରାଯାଇଥିଲା ।

## ଡାକ୍ତରୀ ଛାତ୍ରୀଙ୍କ ପାଠପଢା ଅଧାରେ ରହିଲା ଦୁର୍ଘଟଣାରେ ଗୋଡ଼ର ଏକାଧିକ ହାଡ଼ ଭାଙ୍ଗି ଚୁରମାର - ସରକାରୀ ସହାୟତା ପାଇଁ ଦାବୀ

ବାଲିଗୁଡା, ୨୮/୧୧ (ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ଗୌଡ଼ସାହିର ଛାତ୍ରୀ ସୁସ୍ମିତା ଗୌଡ଼ ଡାକ୍ତରୀ ପାଠ ପଢି ନିଜ ଅଞ୍ଚଳ ରୋଗୀଙ୍କ ସେବା କରିବାକୁ ଇଚ୍ଛା ରଖିଥିବା ବେଳେ ଦୁର୍ଭାଗ୍ୟବଶତଃ ଜାନୁଆରୀ ପହିଲାରେ ରାସ୍ତା ଦୁର୍ଘଟଣାରେ ସେ ଗୁରୁତର ହୋଇଥିଲେ । ତାଙ୍କ ଗୋଡ଼ର ଏକାଧିକ ହାଡ଼ ଭାଙ୍ଗି ଚୁରମାର ହୋଇଥିଲା । ବ୍ରହ୍ମପୁର ବଡ଼ ମେଡିକାଲରେ ବହୁଦିନ ଚିକିତ୍ସା ପରେ ସେ ଘରକୁ ଫେରିଥିଲେ, ହେଲେ ଏବେ ମଧ୍ୟ ତାଙ୍କ ଗୋଡ଼ର ଏକାଧିକ ଅପରେଶନ ବାକି ରହିଛି । ଏହି ଅପରେଶନ ସରକାରୀ ସହାୟତାରେ ହେଉଥିବା ବେଳେ ବାହାରୁ ଆବଶ୍ୟକ ଔଷଧ, ଇଞ୍ଜେକ୍ସନ କିଣିବା ପାଇଁ ସୁସ୍ମିତାଙ୍କ ମା' ଶଶୀ ଙ୍କର ଆଉ ସାମର୍ଥ୍ୟ ନାହିଁ । ଏବେ ସୁସ୍ମିତାଙ୍କୁ ଅପରେଶନ ପାଇଁ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି, ପରୀକ୍ଷା ନିରୀକ୍ଷା ଚାଲିଛି ଅପରେଶନ ପାଇଁ ଡାକ୍ତର ପ୍ରସ୍ତୁତ ହେଉଛନ୍ତି । ଖବର ପାଇବା ପରେ କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଶରତ ଶବର ଓ ଡାକ୍ତର ଟିମ ଯାଇ ସୁସ୍ମିତାଙ୍କ ଘରେ ପହଞ୍ଚି ତଦନ୍ତ କରି ଜିଲା ପ୍ରଶାସନକୁ ଜଣାଇଥିଲେ । ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ ସୁସ୍ମିତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୦ ହଜାର ସହାୟତା ରାଶି ପ୍ରଦାନ କରାଯାଇଥିଲା, ମାତ୍ର ୨୦ ହଜାରରେ ତାଙ୍କ ଅପରେଶନ କିଭଳି ସମ୍ଭବ ସେ ନେଇ ସୁସ୍ମିତାଙ୍କ ମା' ଶଶୀ ଚିନ୍ତିତ ଥିବା କହିଛନ୍ତି । ଜିଲା ପ୍ରଶାସନ ସୁସ୍ମିତାଙ୍କ ଅପରେଶନ ପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦେଲେ ସେ ଉତ୍ତମ ଚିକିତ୍ସା ପାଇବା ସହ ଶୀଘ୍ର ସୁସ୍ଥ ହୋଇପାରିବେ ଓ ପାଠ ପଢି ଡାକ୍ତର ହେବେ ବୋଲି ସୁସ୍ମିତା ଆଶା ରଖିଛନ୍ତି ।

## ଓଡିଶା ଆଦର୍ଶ ବିଦ୍ୟାଳୟରେ ଖାଦ୍ୟ, ଚିତ୍ର ଓ ହସ୍ତକଳା ପ୍ରଦର୍ଶନୀ ଅନୁଷ୍ଠିତ

ପାଟଣା, ୨୮/୧୧ (ନି.ପ୍ର): ଘଟଗାଁ ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ, ଢେଙ୍କିକୋଟ, ଟିକିରା ପରିସରରେ ଆଜି ଖାଦ୍ୟ, ଚିତ୍ର ଓ ହସ୍ତକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ଏଥିରେ ୨୧ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷୟତ୍ରୀ ଖାଦ୍ୟ ମେଳାରେ, ୨୫ ଜଣ ଛାତ୍ରଛାତ୍ରୀ ଚିତ୍ରକଳାରେ ଓ ୧୭ ଜଣ ଛାତ୍ରଛାତ୍ରୀ ହସ୍ତକଳା ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିଥିଲେ । ଶିକ୍ଷକ ବ୍ରହ୍ମାନନ୍ଦ ଶତପଥୀଙ୍କ ସଂଯୋଜନା ଓ ଭାରପ୍ରାପ୍ତ ଅଧକ୍ଷ ଭ୍ରମରବର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମେଳାକୁ ଗଦାଧରପୁର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଶାଖା ପରିଚାଳକ ଛତ୍ରପତି ମହାନ୍ତ ଉଦଘାଟନ କରିଥିବା ବେଳେ ଉଦଯାପନ ସଭାରେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଢେଙ୍କିକୋଟ ଶାଖା ପରିଚାଳକ ସୁବ୍ରତ କୁମାର ପଣ୍ଡା ଓ ସହକାରୀ ପରିଚାଳକ ଯଶୋବନ୍ତ ନାୟକ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଦଖଲ କରିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି ।

## ପାଟଣା ବନାଞ୍ଚଳକୁ ପୁଣି ଲେଉଟିଲେ ହାତୀପଲ

ପାଟଣା, ୨୮/୧୧ (ନି.ପ୍ର): ଗତ ରାତିରୁ ଚମ୍ପୁଆ ବନାଞ୍ଚଳ ଇଲାକାରୁ ପାଟଣା ବନାଞ୍ଚଳ ଇଲାକାକୁ ୨୭ ଟିକିଆ ହାତୀପଲ ପ୍ରବେଶ କରିଛନ୍ତି । ଏହି ହାତୀ ପଲରେ ୭ଟି ଦନ୍ତା, ୧୩ଟି ମାଈ ହାତୀ ଓ ୭ଟି ହାତୀ ଶାବକ ରହିଥିବା ସୂଚନା ମିଳିଛି । ଏହି ହାତୀପଲ ଆଜି ଖିରେଇଟାଙ୍ଗିରି ବନକ୍ଷେତ୍ର ଇଲାକା ବାଉଁଶୁଳି ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଥିବାବେଳେ ଗୋଡିପୋଖରୀ ଓ ବାଉଁଶୁଳି ଆଦି ଗ୍ରାମର ଚାଷ ଜମିରେ ପଶି ଧାନ ଫସଲ ନଷ୍ଟ କରିଛନ୍ତି । ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ଗଜସାଥୀ ମାନେ ହାତୀଙ୍କ ଉପରେ ନଜର ରଖିଛନ୍ତି ।

## ବେଲଗୁଣ୍ଠା ଅଞ୍ଚଳରେ ଧାନ ବିଲରୁ ଅଜଣା ଯୁବକଙ୍କ ଶବ ଉଦ୍ଧାର : ପୋଲିସର ତଦନ୍ତ ଆରମ୍ଭ

ବେଲଗୁଣ୍ଠା, ୨୮/୧୧ (ନି.ପ୍ର): ବେଲଗୁଣ୍ଠା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ନିକଟସ୍ଥ ଏକ ଧାନ ବିଲରୁ ଜଣେ ଅଜଣା ଯୁବକଙ୍କ ଶବ ଉଦ୍ଧାର ହେବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଆଜି ମଙ୍ଗଳପୁର ନିକଟସ୍ଥ ଏକ ଧାନ ବିଲରେ ଜଣେ ଯୁବକଙ୍କ ଶବ ପଡ଼ିଥିବା ଲୋକେ ଦେଖିବା ପରେ ଖବର ଦ୍ରୁତଗତିରେ ପ୍ରଚାର ହୋଇଯାଇଥିଲା । ଖବର ପାଇ ବେଲଗୁଣ୍ଠା ଥାନା ଅଧିକାରୀ ବନ ବିହାରୀ ପ୍ରଧାନ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଥିଲେ । ଯୁବକଟିର ବୟସ ୩୦ ରୁ ୩୫ ବର୍ଷ ହେବ ବୋଲି ପୋଲିସ କହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ । ବେଲଗୁଣ୍ଠା ଥାନା ଅଧିକାରୀ ଯୁବକଟିର ଫଟୋକୁ ସାମାଜିକ ଗଣମାଧ୍ୟମରେ ସେୟାର କରିବା ସହିତ ଯୁବକଟିର ପରିଚୟ ମିଳିଲେ ମୋବାଇଲ୍ ନମ୍ବର ୯୮୫୩୪୮୭୮୩୮ ରେ ଜଣାଇବା ପାଇଁ ଅନୁରୋଧ କରିଛନ୍ତି ।



## ରାଇରଙ୍ଗପୁର ଠାରେ ବାମନଘାଟୀ ଉପଖଣ୍ଡ-ସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଶୁଭାରମ୍ଭ : ୭ ସଫଳ ଚାଷୀ ସମ୍ବର୍ଦ୍ଧିତ

ମୟୂରଭଞ୍ଜ, ୨୮/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଏସ୍.ଏସ୍.ଡ଼ି ବାଳିକା ଉଚ୍ଚ ବିଦ୍ୟାଳୟ ପଡ଼ିଆ ମହୁଲଡିହା, ରାଇରଙ୍ଗପୁରଠାରେ ବାମନଘାଟୀ ଉପଖଣ୍ଡ-ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାକୁ ମୁଖ୍ୟ ଅତିଥି ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଉଦଘାଟନ କରିଥିବା ବେଳେ ସମ୍ମାନୀୟ ଅତିଥୀ ଜେଡ଼୍ପି ସଭାପତି ଭାରତୀ ହାଁସଦାଃ, ପିଏଆଇଟିଏ ରାଇରଙ୍ଗପୁରର ପରୀକ୍ଷୀତ ଦାଷ, ଏଡ଼ିଓ ରାଇରଙ୍ଗପୁର - ବହଳଦା ଓ ଏଇଇ କରଞ୍ଜିଆର ଅଧିକାରୀ ଏବଂ କୃଷି ଅଧିକାରୀସମୂହ ଉପସ୍ଥିତ ଥିଲେ । କୃଷି ଯନ୍ତ୍ରପାତି ମେଳାରେ ଟ୍ରାକ୍ଟର, ପାଓ୍ୱାର-ଟିଲର, ଧାନ ଅମଳ, ଧାନ ରୁଆ, ମଞ୍ଜି ସଫା, ରୋଟାଭେଟର, ଘାସ ଛେଦନ, କୋଡାଖୁସା, ଘାସ କଟା, ଗାତ ଖୋଳା,




ଧାନ କଳ, ମକା ଛଡା, ଡାଲି କଳ, ତେଲ କଳ, ମୁଢି ମିଲ, ବିହନ ବୁଣା, ସାର ବୁଣା ଓ ଔଷଧ ସିଞ୍ଚନ ଭଳି ବିଭିନ୍ନ କୃଷି ଯନ୍ତ୍ରପାତି ରିହାତି ଦରରେ ବିକ୍ରି ସହ ପ୍ରଦର୍ଶନ କରାଯାଉଛି । ଏହି ଅବସରରେ କୃଷକଙ୍କୁ ରିହାତି ଦରରେ୍ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିଲା । ଏହି ମେଳାରେ ସମସ୍ତ ବ୍ଲକରୁ ମହିଳା ଓ ପୁରୁଷ ଚାଷୀ ମାନେ ଯୋଗଦେଇଥିଲେ । ଗ୍ରାମାଞ୍ଚଳ ଚାଷୀଙ୍କ ଅର୍ଥନୈତିକ ବିକାଶ ହେଲେ ରାଜ୍ୟର ବିକାଶ ହେବ, ସରକାର ସମସ୍ତ ପ୍ରକାର କୃଷି ଯନ୍ତ୍ରପାତିକୁ ରିହାତି ଦରରେ ଚାଷୀ ମାନଙ୍କୁ କୃଷି ବିଭାଗ ମାଧ୍ୟମରେ ଯୋଗାଇ ଦେଉଛନ୍ତି । ପ୍ରକୃତ ହିତାଧିକାରୀଙ୍କ ନିକଟରେ ସରକାରଙ୍କ ସମସ୍ତ ଯୋଜନା ପହଞ୍ଚିଲେ କୃଷି ଓ କୃଷକର ବିକାଶ ହେବ ବୋଲି ଅତିଥିଗଣ ପ୍ରକାଶ କରିଥିଲେ । ଏହି ମେଳାରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ କୃଷି ଯନ୍ତ୍ରପାତି, ବିଭିନ୍ନ ମହିଳା ଏସଏଚଜି ଗୋଷ୍ଠୀର ଉତ୍ପାଦିତ ଦ୍ରବ୍ୟ ସମେତ ସରକାରଙ୍କ ବିଭିନ୍ନ ବିଭାଗର ୩୬ଟି ଷ୍ଟଲ ଖୋଲା ଯାଇଛି ।ଏହି ଅବସରରେ ୭ ଜଣ ସଫଳ ଚାଷୀ ରାଇରଙ୍ଗପୁର ବ୍ଲକର ସାଉଁନ୍ତେ ହେମ୍ବ୍ରମ, ବିଜାତଲା ବ୍ଲକର ଯଦୁମଣୀ ମାଝୀ, ବିଶୋଇର ବିନାୟକ ନନ୍ଦ, କୁସୁମୀର ମୋହନ ସୋରେନ, ବହଳଦାର ଧନୁଧର ହାଁସଦାଃ, ଜାମଦା ବ୍ଲକର ପାରାନ ହେମ୍ବ୍ରମ, ତିରିଂ ବ୍ଲକର ଜିରୁମ ନାଏକଙ୍କୁ ମାନପତ୍ର, ସିଲ୍ଡ, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ଉକ୍ତ ମେଳାକୁ ଜାମଦା ବ୍ଲକର ବିଏଓ କୃଷି ଅଧିକାରିଣୀ ତଥା ଉପସ୍ଥାପିକା ଶୁଭଲକ୍ଷ୍ମୀ ଦାଶ ସଭା ପରିଚାଳନା କରିଥିବା ବେଳେ କୃଷି ଜିଲ୍ଲା ଅଧିକାରୀ ବହଳଦା ସାଧୁବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ ଏହି ମେଳା ଆସନ୍ତା ୨୯ ତାରିଖ ଦିନ ଉଦଯାପିତ ହେବ ।

## ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କ୍ଷମତା ବହିର୍ଭୁତ କାର୍ଯ୍ୟର ତଦନ୍ତ ହେଉ : ଗଞ୍ଜାମ ଜିଲ୍ଲା ଶିକ୍ଷା ବଞ୍ଚାଅ ଅଭିଯାନ

ବ୍ରହ୍ମପୁର, ୨୮/୧୧ (ନି.ପ୍ର): ସମ୍ପ୍ରତି ଗଂଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟି ଯାଇଛି । ଖୋଦ ଶିକ୍ଷାଧିକାରୀଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ ପଦାଧିକାରୀ ତଥା କର୍ମଚାରୀ ବୃନ୍ଦ ବିଭିନ୍ନ ଅନୈତିକ, ଅଗଣତନ୍ତ୍ରୀକ ତଥା କ୍ଷମତା ବହିର୍ଭୁତ କାର୍ଯ୍ୟରେ ଲିପ୍ତ ରହି ନିରୀହ ତଳିଆ । କର୍ମଚାରୀଙ୍କୁ ସାଙ୍ଘାତିକ ଭାବେ ହଇରାଣ କରୁଥିବା ଅଭିଯୋଗ ଗଞ୍ଜାମ ଜିଲ୍ଲା ଶିକ୍ଷା ବଞ୍ଚାଅ ଅଭିଯାନ ସଂଗଠନ ନିକଟରେ ପହଂଚିଛି ! ଶିକ୍ଷାଧିକାରୀ ମହୋଦୟ ତାଙ୍କର ଏହି ଜିଲ୍ଲାରେ ଅବସ୍ଥାପିତ ଠାରୁ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ତଳିତଳାନ୍ତ କରିସାରିଥିବା ଏବଂ ଅଧସ୍ତନ କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କାର କଲାଭଳି ବେଆଇନ ପଦକ୍ଷେପ ଜିଲ୍ଲାର ଶିକ୍ଷକ ଓ ଶିକ୍ଷାବିଭାଗ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିବା ବିଷୟରେ ସଙ୍ଗଠନ ତରଫରୁ ଉଦବେଗ ପ୍ରକାଶ କରାଯାଇ ଅଛି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ପ୍ରକୋଷ୍ଠରୁ ଆସିଥିବା ଅଭିଯୋଗ ଗୁଡିକ ଉପରେ ବେଖାତିରୀ ଏବଂ ଉପହାସ ମୂଳକ ପ୍ରତିବେଦନ ପ୍ରସ୍ତୁତ କରି ଉଚ୍ଚାଧିକାରୀଙ୍କ



ନିକଟରେ ଛଳନାତ୍ମକ ଢଙ୍ଗରେ ଉପସ୍ଥାପନ କରିଛନ୍ତି । ତାଙ୍କର ଏକଛତ୍ରବାଦୀ ତଥା ଅଗଣତାନ୍ତ୍ରିକ କାର୍ଯ୍ୟକଳାପରୁ ସ୍ପଷ୍ଟ ହୋଇଛି - ନିକଟ ଅତୀତରେ ଜଣେ ଅଧସ୍ତନ ତୃତୀୟ ଶ୍ରେଣୀ କର୍ମଚାରୀଙ୍କୁ ବିଧିବଦ୍ଧ ତଦନ୍ତ ନକରି ଅନ୍ୟାୟ ଭାବେ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ବିଷୟକୁ ଗଞ୍ଜାମ ଜିଲ୍ଲା ଶିକ୍ଷା ବଞ୍ଚାଅ ଅଭିଯାନ ତରଫରୁ ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇ ଅଛି ! ଉକ୍ତ ବହିଷ୍କାର ନିଷ୍ପତ୍ତି ବିଷୟରେ ସଂଗଠନ ତରଫରୁ ମାନ୍ୟବର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ, ବିଧାୟକ ତଥା ମନ୍ତ୍ରୀ ଏବଂ ବିରୋଧୀଦଳ ନେତାଙ୍କ ସମେତ ରାଜ୍ୟ ଗଣଶିକ୍ଷା ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ତା.୨୨.୧୧.୨୦୨୪ରେ ଅବଗତ କରାଯାଇଥିବା ବିଷୟ ସଂଗଠନର ସଭାପତିଙ୍କ ଠାରୁ ପ୍ରକାଶ । ସ୍ଥାନୀୟ ନବୀନ ଭବନ ଠାରେ ଗଂଜାମ ଜିଲ୍ଲା ଶିକ୍ଷା ବଞ୍ଚାଅ ଅଭିଯାନର ସଭାପତି ଶ୍ରୀ ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଶ୍ରୀ କାମରାଜୁ ମହାରଣା ଜିଲ୍ଲାର ସାମ୍ପ୍ରତିକ ଶିକ୍ଷା ସ୍ଥିତି ଓ ବ୍ୟବସ୍ଥା ଉପରେ ବିବରଣୀ ପ୍ରଦାନ କରିଥିଲେ । ବହିସ୍କୃତ କର୍ମଚାରୀଙ୍କୁ ତାଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ଗୁଡିକର କାରଣ ଦର୍ଶାଅ ବିଜ୍ଞପ୍ତି ଜାରି ନକରି ଏକ ତରଫା ଭାବେ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରିବା ଏକ ଅମାନବୀୟ କାର୍ଯ୍ୟ ବୋଲି କାର୍ଯ୍ୟକାରୀ ସଭାପତି ତଥା ଗଂଜାମ ଜିଲ୍ଲା ବିକାଶ ମଞ୍ଚର ସଭାପତି ଶ୍ରୀ ରାଜେନ୍ଦ୍ର କୁମାର ପଣ୍ଡା ମନ୍ତବ୍ୟ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ମହାସଂଘର ସମ୍ପାଦକ ଶ୍ରୀ ଅଶୋକ କୁମାର ଦଳାଇ, ସାମ୍ବାଦିକ ରଞ୍ଜନ କୁମାର ସାହୁ, ସମୀକ୍ଷକ ଶ୍ରୀ ସୁଶାନ୍ତ କୁମାର କର ସମ୍ପାଦକ ଶ୍ରୀ ମାନସ ରଞ୍ଜନ ତ୍ରିପାଠୀ, ଶ୍ରୀ ରାମକୃଷ୍ଣ ପାତ୍ର, ଶ୍ରୀ ସରୋଜ ରଞ୍ଜନ ପଟ୍ଟନାୟକ, ସାମ୍ବାଦିକ ଶ୍ରୀ ପବିତ୍ର କୁମାର ଚୌଧୁରୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ବହିଷ୍କାର ଆଦେଶକୁ ତୁରନ୍ତ ପ୍ରତ୍ୟାହାର ନକଲେ ଶିକ୍ଷା ବଞ୍ଚାଅ ଅଭିଯାନ ତରଫରୁ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବିଷୟ ସଂଗଠନର ସଭାପତି ଶ୍ରୀ ରବି ରଥଙ୍କ ଠାରୁ ପ୍ରକାଶ ।

## ଧାନଗଦାରେ ନିଆଁ ଲାଗି ଦେଢ ଏକର ଫସଲ ପୋଡି ନଷ୍ଟ

ନବରଙ୍ଗପୁର, ୨୮/୧୧ (ନି.ପ୍ର): ଡାବୁଗାଁ ବ୍ଲକ କୋଇଲାରୀ ଗ୍ରାମ ପଞ୍ଚାୟତର ସାନ କୋଇଲାରୀ ଗ୍ରାମର ଚନ୍ଦ୍ର ମାଝୀଙ୍କ ଦେଢ ଏକର ଧାନ ଜମିର ଧାନ ଗଦା କୌଣସି କାରଣରୁ ଅଗ୍ନିକାଣ୍ଡରେ ପୋଡି ଯାଉଥିବା ଗାଈ ଚରାଳିମାନେ ଦେଖି ଧାନ ଗଦା ମାଲିକଙ୍କୁ ଖବର ଦେଇଥିଲେ । ଜମି ମାଲିକ ସଙ୍ଗେ ସଙ୍ଗେ ଡାବୁଗାଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ହେଁ ଡାବୁଗାଁ ଦମକଳ ଗାଡି ଖରାପ ଥିବାରୁ ପାପଡାହାଣ୍ଡି ଅଗ୍ନିଶମ ବିଭାଗକୁ ଫୋନ କରିଥିଲେ ଓ ସେଠାରୁ ଗାଡି ଆସି ନିଆଁକୁ ଆୟତ୍ତ କରିଥିଲେ । କିନ୍ତୁ ଡାବୁଗାଁ ଦମକଳ ଠିକ ସମୟରେ ପହଞ୍ଚିଥିଲେ, ଏତେ ପରିମାଣର କ୍ଷତି ହୋଇ ନ ଥାଆନ୍ତା, ଯେହେତୁ ପାପଡାହାଣ୍ଡି ଡାବୁଗାଁରୁ ୧୮ କିମି ଦୂରତ୍ୱ । ଏପରି ଘଡିସନ୍ଧି ସମୟରେ ଡାବୁଗାଁ ଦମକଳ ଗାଡି ଠିକ ନ ଥିବା ଯୋଗୁଁ ସମସ୍ତଙ୍କ ମନରେ ଦୁଃଖ ଓ ବିଶାଦ ହୋଇଥିଲା । ପାପଡାହାଣ୍ଡି ଅଗ୍ନିଶମ ବିଭାଗ ଡ୍ରାଇଭର ରାଜେଶ କୁମାର ସେଠୀ, କର୍ମଚାରୀ ଦେବାନନ୍ଦ ଶବର, ଇଶ୍ୱର ଶବର, ଦୂରଦକ୍ଷ ବାଗ ପ୍ରମୁଖଙ୍କ ପ୍ରଚେଷ୍ଟାରେ ଅଗ୍ନିକୁ ଆୟତ୍ତ କରାଯାଇଥିଲା । ଉକ୍ତ ଚାଷୀଙ୍କ କ୍ଷତିପୂରଣ ଆକଳନ କରି ପ୍ରଶାସନ ତରଫରୁ ଚାଷୀଙ୍କୁ ସହାୟତା ରାଶି ଯୋଗାଇ ଦେବାକୁ ଜନସାଧାରଣରେ ଦୃଢ଼ ଦାବୀ ହେଉଛି । ନିଆଁ ଲାଗିବାର କାରଣ ଏବେବି ଅସ୍ପଷ୍ଟ ହୋଇ ରହିଛି ।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଓଡିଆ ବିଭାଗରେ ପାଠଚକ୍ର ଅନୁଷ୍ଠିତ

ନିମାପଡ଼ା, ୨୮/୧୧ (ନି.ପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଓଡିଆ ଭାଷା ସାହିତ୍ୟ ବିଭାଗର ବାର୍ଷିକ ପାଠଚକ୍ର ଶୀର୍ଷକ 'ଓଡ଼ିଆ ସାହିତ୍ୟରେ ଆଧୁନିକତା ଓ ରାଧାନାଥ' ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ବିନୋଦିନୀ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ପାଠଚକ୍ରରେ ମୁଖ୍ୟ ସାଧନ ବ୍ୟକ୍ତିତ୍ୱ ଭାବେ ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଶ୍ରୀଯୁକ୍ତ ପଦ୍ମନାଭ ପଣ୍ଡା ଯୋଗ ଦେଇ ତାଙ୍କର ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟା ଡକ୍ଟର ଶର୍ମିଷ୍ଠାରାଣୀ ମହାନ୍ତି ବିଷୟବସ୍ତୁର ପ୍ରାକ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପିକା ସୁନିତା ସାହୁ ସନ୍ଦର୍ଭ ପାଠ କରିଥିଲେ । ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପିକା କାନନବାଳା ନନ୍ଦ, ଅଧ୍ୟାପିକା ପୁର୍ଣ୍ଣିମା ମହାନ୍ତି, ପୁଷ୍ପଲତା ଦତ୍ତ, ଇତିଶ୍ରୀ ସାହୁ, ସଂଗୀତା ଦାଶ ପ୍ରମୁଖ ଏଥିରେ ଯୋଗଦେଇଥିଲେ । ଶେଷରେ ବିଭାଗୀୟ ଅଧ୍ୟାପିକା କଲ୍ୟାଣୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

## ଚାରିଛକ ବଜାରରୁ ଉଚ୍ଛେଦ ହେବ ଜବରଦଖଲ : ଚିନ୍ତାରେ ବ୍ୟବସାୟୀ

ନିମାପଡ଼ା, ୨୮/୧୧ (ନି.ପ୍ର): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଚାରିଛକ ବଜାରରୁ ଜବରଦଖଲ ଉଚ୍ଛେଦ ହେବ, ସେଥିପାଇଁ ବ୍ୟବସାୟୀମାନେ ଚିନ୍ତାରେ ପଡି ଯାଇଛନ୍ତି । ବଜାରରୁ ଜବରଦଖଲ ଉଚ୍ଛେଦ ଲାଗି ନିମାପଡ଼ା ତହସିଲଦାର ବସନ୍ତ କୁମାର ହାତୀ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଯେହେତୁ ଚନ୍ଦ୍ରମଉଳି ଠାରୁ ଗୋପ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ହେବ ବୋଲି ଟେଣ୍ଡର ପକ୍ରିୟା ସରିଛି, ତେଣୁ ଜବରଦଖଲକାରୀ ମାନେ ୭ ଦିନ ଭିତରେ ଜାଗା ଖାଲି କରିବାକୁ ନିର୍ଦ୍ଦେଶ ହୋଇଛି । ଅନ୍ୟ ପକ୍ଷରେ କୋଣାର୍କ ଫେଷ୍ଟିଭାଲ ତଥା ଉକୋ ରିଟ୍ରିଟ ଲାଗି ପର୍ଯ୍ୟଟନଙ୍କ ଭିଡ଼ ଲାଗି ରହିବ । ଟ୍ରାଫିକ ସମସ୍ୟାକୁ ଆଖି ଆଗରେ ରଖି ମୁଖ୍ୟବଜାରରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ତହସିଲଦାର ବସନ୍ତ କୁମାର ହାତୀ ସୂଚନା ଦେଇଛନ୍ତି । କୋଣାର୍କ ମହୋତ୍ସବ ପୂର୍ବରୁ ବଜାରରେ ଟ୍ରାଫିକ ସମସ୍ୟା ଓ ବଜାର ପରିଷ୍କାର ରଖିବାକୁ ଥାନା ଅଧିକାରୀ ମମତା ବିଶ୍ୱାଳ ସମସ୍ତ ବ୍ୟବସାୟୀ ମାନଙ୍କୁ କହିଛନ୍ତି । ବଜାର ପରିଦର୍ଶନ ବେଳେ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ଓଝା, ସରପଂଚଙ୍କ ପ୍ରତିନିଧି ପ୍ରଶାନ୍ତ ବେହେରା, ଥାନା ଅଧିକାରୀ ମମତା ବିଶ୍ୱାଳ, ଏସଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଦୈନିକ ହାଟର ପରିଚାଳକ ଶିଶିର ନାୟକଙ୍କ ସମେତ ବହୁ ବ୍ୟବସାୟୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

## ପାଟଣା ଠାରେ ବାଲ୍ୟ ବିବାହ ରୋକିବାକୁ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ପାଟଣା, ୨୮/୧୧ (ନି.ପ୍ର): ଦେଶ ବ୍ୟାପି ବାଲ୍ୟ ବିବାହ ରୋକିବାକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ, ଜିଲ୍ଲା, ବ୍ଲକ ରୁ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସେହିଭଳି କେନ୍ଦୁଝର ଜିଲ୍ଲା ପାଟଣା ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ହମାରା ବଚପନ ଟ୍ରଷ୍ଟ ପକ୍ଷରୁ ବାଲ୍ୟ ବିବାହ ରୋକିବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସିଡ଼ିଆଇ ବେବିରାଣୀ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଛି । ଏହି ପରିପ୍ରେକ୍ଷୀରେ ଶିଶୁ ସମ୍ବନିତ ଶିଶୁ ବିକାଶ ବିଭାଗ ଓ ହମାରା ବଚପନ ଟ୍ରଷ୍ଟ ପକ୍ଷରୁ ସ୍ୱତନ୍ତ୍ର ସଚେତନତା ଶୋଭାଯାତ୍ରା ବାହାରି ପାଟଣା ବଜାର ପରିକ୍ରମା କରିବା ସହ କାର୍ଯ୍ୟାଳୟରେ ସଚେତନତା ସଭା ଅନୁଷ୍ଠିତ ହୋଇଛି । ପାଟଣା ସିଡିପିଓ କଳ୍ପନା ଡ଼ୋରାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହ କିଭଳି ରୋକା ଯାଇପାରିବ ତାଉପରେ ସଚେତନତା ସହ ଆଲୋଚନା କରାଯାଇଥିଲା । ପାଟଣା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ପୋଷଣ ସଂଯୋଜିକା ପ୍ରତିମା ସାହୁ, ପରିଦର୍ଶିକା ରତ୍ନମଣି ମହାନ୍ତ, ସିଆରସି ମିଳନ ମଞ୍ଜରୀ ସେଠୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ହମାରା ବଚପନ ଟ୍ରଷ୍ଟ ସିଏସଡବ୍ଲୁ ସେହ୍ନଲତା ନାଏକ ପରିଚାଳନା କରିଥିଲେ ।

## ମାରଦା ମହୋତ୍ସବ ପାଇଁ ଚୁଡାନ୍ତ ବୈଠକ ଅନୁଷ୍ଠିତ : ଜାନୁଆରୀ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ମାରଦା ମହୋତ୍ସବ

ପୋଲସରା, ୨୮/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲାର ପୋଲସରା ବ୍ଲକ ଅନ୍ତର୍ଗତ ମଥୁରା ପଞ୍ଚାୟତର ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପରିସର ମଧ୍ୟରେ ମାରଦା ମହୋତ୍ସବ ପାଇଁ ପ୍ରଭାକର ପଣ୍ଡାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସର୍ବସମ୍ମତିକ୍ରମେ ମାରଦା ମହୋତ୍ସବ ଆସନ୍ତା ୨୦୨୫ ମସିହା ଜାନୁଆରୀ ୧୪ ରୁ ୧୬ ତାରିଖ, ତିନି ଦିନ ଧରି ମାରଦା ମନ୍ଦିର ନିକଟରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି । ମହୋତ୍ସବ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇ ସଭାପତି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରି ସଭାପତି ପ୍ରଭାକର ପଣ୍ଡା, ସାଧାରଣ ସମ୍ପାଦକ ଭବାନୀ ଶଙ୍କର ରଥ, ସମୀକ୍ଷକ ଦୀପକ କୁମାର ପ୍ରଧାନ, ଉପସଭାପତି ମୋତିରାମ ସାହୁ, ସହ ସମ୍ପାଦକ ପବିତ୍ର ନାୟକ, କୋଷାଧକ୍ଷ କାମ୍ପ ବାଡେଇ ଓ ୩୧ ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇ ବିଭିନ୍ନ କମିଟି ଗଠନ କରାଯାଇଛି ଏବଂ ଆସନ୍ତା ଡିସେମ୍ବର ୧୬ ତାରିଖରେ ଶୁଭଖୁଣ୍ଟି ସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ସ୍ମରଣିକା ନିମନ୍ତେ 'ଐତିହ୍ୟ ଓ ଜଗନ୍ନାଥ ସଂସ୍କୃତି' ଉପରେ ଆଧାରିତ ଲେଖା ଆସନ୍ତା ଡିସେମ୍ବର ୨୦ ତାରିଖ ସୁଦ୍ଧା ରାଧାଶ୍ୟାମ ପଣ୍ଡାଙ୍କ ନିକଟରେ ଦାଖଲ କରିବାକୁ ସ୍ଥିର ହେଲା । ବୈଠକରେ ଶ୍ୟାମ ସୁନ୍ଦର ସାହୁ, ଆରତୀ ଦେବୀ, ରୀନା ଦେବୀ, ଡ.ସୁଶାନ୍ତ କୁମାର ସାହୁ, ଆଇନଜିବୀ ରମେଶ ଚନ୍ଦ୍ର ପ୍ରଧାନ, ସଦାଶିବ ନାୟକ, ରଘୁନାଥ ପଣ୍ଡା, ମହେଶ୍ୱର ପରିଡ଼ା, ଦୀପକ ପଲେଇ, ମଙ୍ଗଲୁ ସାହୁ, ଜଗବନ୍ଧୁ ମହାପାତ୍ର, ସୁରେନ୍ଦ୍ର ପାଣିଗ୍ରାହି, ଦେବାଶିଷ ସ୍ୱାଇଁ, ମନୋଜ କୁମାର ଖଟୁଆ, ପଞ୍ଚୁ ଦାଶ, ନୀଳ ମାଧବ ସାହୁ, ଧୋବା ସାହୁ, ପ୍ରସନ୍ନ କୁମାର ଡାକୁଆ, ରାମକୃଷ୍ଣ ବାରିକ, ଶରତ କୁମାର ନାୟକ, ଟୁଟୁ ସାହୁ, ସମୀର କୁମାର ନାହାକ, ଗୋପାଳ ଦଲେଇ, ନୀଳମାଧବ ସାହୁ, ଗଣପତି ଲେଙ୍କା, ଗଣପତି ଲେଙ୍କାଙ୍କ ସମେତ ସଭ୍ୟମାନେ ଏହି ବୈଠକରେ ଉପସ୍ଥିତ ଥିଲେ । ଶେଷରେ ରାଜେନ୍ଦ୍ର ପ୍ରସାଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ଶେରଗଡ଼ ପଂଚାୟତ ସମିତି ବୈଠକ

ଗଞ୍ଜାମ, ଶେରଗଡ ପଂଚାୟତ ସମିତି ବୈଠକ ଆଜି କୃଷ୍ଣଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଡିଓ ଶିବାଶିଷ ବରାଳ ସ୍ୱାଗତ ଭାଷଣ ଦେବା ସହ ବିଭିନ୍ନ ଯୋଜନା ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ଶିଶିର ମିଶ୍ର, ଦିଗାମ୍ବର ନାହାକ, ସୁଧାସ୍ମିତା ପଟ୍ଟନାୟକ, ସିଡିପିଓ ଗୀତାରାଣୀ ରାଉଳ, ସହକାରୀ ଯନ୍ତ୍ରୀ ସନ୍ତୋଷ ପରିଡା, ଗିରିଶ ନାୟକ, ବିଇଓ ଉପେନ୍ଦ୍ର ପାଢି, ଚିତ ରଂଜନ ପାଣିଗ୍ରାହୀ, ନିବେଦିତା ପ୍ରଧାନ, ମନୋରମା ପୋଲାଇ, କୃଷି ଅଧିକାରୀ ଜ୍ୟୋତିରଂଜନମିଶ୍ର ଓ ଯୋଗାଣ ଅଧିକାରୀ ବିଭୂପ୍ରସାଦ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସାହାରପଡା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ପୋଷ୍ଟର ମାଧ୍ୟମରେ ଗଞ୍ଜା ଲଢ଼େଇ ପାଇଁ ପୁରସ୍କାର ରାଶି ଘୋଷଣା

ପାଟଣା, ୨୮/୧୧ (ନି.ପ୍ର): ସାହାରପଡା ବ୍ଲକର ପ୍ରତି ପଂଚାୟତରେ ଗୋଟିଏ ରୁ ୩ଟି ଗ୍ରାମରେ ବିଭିନ୍ନ ବାରରେ ଗାଁ ହାଟ ବସୁଛି । ଏବେ ଶୀତ ଋତୁରେ ସବୁ ହାଟରେ ପ୍ରାୟ ଗଞ୍ଜା ଲଢେଇ ଆରମ୍ଭ ହୋଇ ଗଲାଣି । କିଛି ହାଟରେ ବର୍ଷ ସାରା ଗଞ୍ଜା ଲଢେଇ ଚାଲୁଛି । ଲୋକ ମାନଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ହାଟରେ ପୁରସ୍କାର ରାଶି ପୋଷ୍ଟର ଲଗାଇ ଘୋଷଣା କରାଯାଉଛି । ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଖଜିରାପାଟ ପଂଚାୟତର ହରିଚନ୍ଦନପୁର ଗ୍ରାମରେ ପ୍ରତି ବୁଧବାର ହାଟ ବସିଥିବାରୁ ଆଜି ଠାରୁ ଉକ୍ତ ହାଟରେ ଗଞ୍ଜା ଲଢ଼େଇରେ ପୁରସ୍କାର ରାଶି ଘୋଷଣା କରାଯାଇଛି । ଏହାକୁ ପୋଷ୍ଟର ମାଧ୍ୟମରେ ପ୍ରତି ଛକ ଜାଗାରେ ମରା ଯାଇଛି । ଗୋଟିଏ ଗଞ୍ଜାରେ ୨ଟା ପାହୁ ମାରିଲେ ଦୁଇହଜାର ଟଙ୍କା ଗଞ୍ଜା ମାଲିକକୁ ପୁରସ୍କାର ଦିଆଯିବ । ସେହିପରି ଗୋଟିଏ ଗଞ୍ଜାରେ ତିନିଟି ପାହୁ ମାରିଲେ ୩ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଖୁଲମଖୁଲା ଘୋଷଣା ହୋଇଛି । ଦୀର୍ଘ ବର୍ଷ ହେବ ଏହିପରି ବେଆଇନ ଗଞ୍ଜା ଲଢ଼େଇ ବିଭିନ୍ନ ସ୍ଥାନରେ ହେଉଥିଲେ ମଧ୍ୟ ପୁଲିସ ବିଭାଗ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି । ଗଞ୍ଜା ଲଢ଼େଇ ସ୍ଥାନରେ ଖୁଲମ ଖୁଲା ମଦ ବିକ୍ରି ହେଉଛି ତା ସାଙ୍ଗକୁ ଜୁଆ ଖେଳ ମଧ୍ୟ ହେଉଛି । ହଜାର ହଜାର ଲୋକ ମଦ ପିଇ ଜୁଆ ଖେଳି ଗଞ୍ଜା ଲଢ଼େଇ କରୁଥିଲେ ମଧ୍ୟ ପ୍ରଶାସନର ନଜର ପଡୁନାହିଁ ।

# ବାଲିଗୁଡା ଠାରେ ଜାତୀୟ ପୋଷ୍ୟ ସନ୍ତାନ ସଚେତନତା ଅଭିଯାନ ଅନୁଷ୍ଠିତ

ବାଲିଗୁଡା, ୨୮/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ସ୍ତରୀୟ ଜାତୀୟ ପୋଷ୍ୟ ସନ୍ତାନ ସଚେତନତା ଅଭିଯାନ -୨୦୨୪ ବାଲିଗୁଡା ସ୍ଥିତ ବନବାସୀ ସେବା ସମିତି ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ଶାଖା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ସଚେତନତା ଶିବିରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କର୍ମଚାରୀ, ଶିଶୁ ବିକାଶ ଅଧିକାରୀ, ଅଙ୍ଗନୱାଡି କର୍ମୀ, ଆଶା ଦିଦି ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ । ସଚେତନତା ଶିବିରକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମୀତା କରନ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନୀଲ କୁମାର ପ୍ରଧାନ ଅତିଥି ମାନଙ୍କ ପରିଚୟ ପ୍ରଦାନ ସହ ଆମନ୍ତ୍ରଣ କରିଥିଲେ । ମଞ୍ଚରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମୀତା କରନ, ଶିଶୁ ମଙ୍ଗଳ ସମିତି ସଦସ୍ୟ ମମତା ଦାସ, କିଶୋର ନ୍ୟାୟ ବୋର୍ଡ ସଦସ୍ୟ ରଞ୍ଜିତା କାର୍ଣ୍ଣ, ବନବାସୀ ସେବା ସମିତି ସମ୍ପାଦକ ଉଦ୍ଧବ ଚନ୍ଦ୍ର ଜେନା, ପୋଷ୍ୟ ସନ୍ତାନ ଗ୍ରହଣ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଣ୍ଡା, ପୋଷ୍ୟ ସନ୍ତାନ ପରିଚାଳକ ସରୋଜ କୁମାର ଅଲଟିଆ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଚଳିତ ମାସକୁ ଜାତୀୟ ପୋଷ୍ୟ ସନ୍ତାନ ସଚେତନତା ଅଭିଯାନ ମାସ ଭାବେ ଗ୍ରହଣ କରାଯାଇଥିବା ବେଳେ ପୋଷ୍ୟ ସନ୍ତାନ ମାନଙ୍କୁ କିଭଳି ଆଇନ ସମ୍ମତ ଭାବେ ଗ୍ରହଣ କରାଯାଇ ପାରିବ, ଅବାଞ୍ଛିତ ଓ ଅବହେଳିତ ହୋଇ ରହିଥିବା ଶିଶୁ ମାନଙ୍କୁ ଚିହ୍ନଟ କରି କିଭଳି ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଓ ବାଲ୍ୟ ବିବାହକୁ ରୋକା ଯାଇପାରିବ ସେ ସମ୍ପର୍କରେ ପୋଷ୍ୟସନ୍ତାନ ଗ୍ରହଣ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଣ୍ଡା ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ଏହି ସଚେତନତା ଅଭିଯାନ ଶିବିରରେ ବାଲିଗୁଡା ସିଡିପିଓ କ୍ରିଷ୍ଣା ପଣ୍ଡା, ଟିକାବାଲି ସିଡିପିଓ ପାନମଣି ହଁସଦା, କୋଟଗଡ ସିଡିପିଓ ଏସ. ଲକ୍ଷ୍ମୀ, ରାଇକିଆ ସିଡିପିଓ ମୌନାବତୀ ପାତ୍ରଙ୍କ ସମେତ ଜିଲ୍ଲାର ୧୨ଟି ବ୍ଲକର ମହିଳା ଓ ଶିଶୁ ବିକାଶ ଅଧିକାରୀ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ ।

# ବୁଗୁଡା ସ୍ଥିତ ନାୟକ ଭବନରେ ୭୫ତମ ସମ୍ବିଧାନ ଦିବସ ପାଳନ



ବୁଗୁଡା, ୨୮/୧୧ (ନି.ପ୍ର): ବରିଷ୍ଠ ଆଇନଜୀବୀ ସୋମନାଥ ନାୟକଙ୍କ ଆବାହକତ୍ୱ ଓ କବି ପ୍ରଶାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ନାୟକ ଭବନଠାରେ ୭୫ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଆବାହକ ସୋମନାଥ ନାୟକ ସମ୍ବିଧାନର ମୁଖବନ୍ଧ ପଠନ କରି ବୁଝାଇବା ସହିତ ଉକ୍ତ ଦିବସର ତାତ୍ପର୍ଯ୍ୟ ସମ୍ପର୍କେ ସୂଚନା ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନ ସମ୍ବିଧାନରେ ସନ୍ନିବେଶ ହୋଇଥିବା ମୌଳିକ ଅଧିକାର, ନାଗରିକମାନଙ୍କ କର୍ତ୍ତବ୍ୟ ଓ ମାନବବାଦ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମ ଚରଣ ପ୍ରଧାନ ସମ୍ବିଧାନ ଗଠନ ସଂଘର୍ଷ ଓ ସଙ୍କଟରୁ ସୃଷ୍ଟି ହୋଇଥିବା କହିବା ସହିତ ଇଂଲଣ୍ଡ, ଆମେରିକା ଓ ଫ୍ରାନ୍ସରେ ଅଧିକାର ପାଇଁ ହୋଇଥିବା ଆନ୍ଦୋଳନ ସମ୍ପର୍କେ ବକ୍ତବ୍ୟରେ ପ୍ରକାଶ କରିଥିଲେ । କେଶବାନନ୍ଦ ଭାରତୀ ମୋକଦ୍ଦମାର ରାୟ ସମ୍ବିଧାନର ମୌଳିକ ଆଧାର ଗୁଡିକର ସିଦ୍ଧାନ୍ତ କରିବାରେ ସହାୟକ ହୋଇଥିଲା ବୋଲି କହିଥିଲେ । ଆଇନଜୀବୀ ଜ୍ୟୋତିରାଜ ପତି ଓ ଅବସରପ୍ରାପ୍ତ ଶିକ୍ଷକ ପିତାମ୍ବର ପରିଡା କହିଥିଲେ ଯେ ସାମ୍ପ୍ରତିକ ସମୟେ ଶିକ୍ଷିତ, ବୁଦ୍ଧିଜୀବୀ ଓ ନାଗରିକ ସମାଜ ଜନସାଧାରଣଙ୍କୁ ସମ୍ବିଧାନ ସମ୍ପର୍କେ ସଚେତନ କରାଇବା ସହ ସମ୍ବିଧାନର ସୁରକ୍ଷା ସକାଶେ ଆଗେଇ ଆସିବାପାଇଁ ଆହ୍ୱାନ ଦେଇଥିଲେ । ସଭାପତି କବି ପ୍ରଶାନ୍ତ ମହାନ୍ତି ସମ୍ବିଧାନର ମୁଖବନ୍ଧରେ ରହିଥିବା 'ସମାଜବାଦ ଓ ଧର୍ମ ନୀରପେକ୍ଷତା' ପଦ ଦୁଇଟିକୁ ବାଦ ଦେବାପାଇଁ ହୋଇଥିବା ଯାଚିକାକୁ ରଦ୍ଦକରି ଏହା ସମ୍ବିଧାନର ମୌଳିକ ଆଧାର ବୋଲି ସୁପ୍ରିମକୋର୍ଟ ସିଦ୍ଧାନ୍ତ ନଆସିଥିବାରୁ, ଏହାକୁ ସ୍ୱାଗତ କରିବା ସହିତ ସାଧୁବାଦ ଜ୍ଞାପନ କରିଥିଲେ । ସକୀର୍ଣ୍ଣ ଓ ସାମ୍ପ୍ରଦାୟିକ ମନୋଭାବ ନେଇ ଅନ୍ୟ ଧର୍ମ ପ୍ରତି ଘୃଣା ଓ ବିଦ୍ୱେଷ ଭାବ ପ୍ରକାଶ କରୁଥିବା ଲୋକମାନଙ୍କୁ ଏଥିରୁ କ୍ଷାନ୍ତ ହେବାପାଇଁ ସେ ପରାମର୍ଶ ଦେଇଥିଲେ । ଏଥିରେ ପ୍ରତାପ ଚନ୍ଦ୍ର ସାହୁ, ପଣ୍ଡିତ ବିପ୍ର ଚରଣ ସାହୁ, ରଂଜିତ ଜେନା, ଏ.ଶଙ୍କର ନାରାୟଣ ପାତ୍ର, ବି.ରାମଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସୁରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଲଗୁଣ୍ଠା ସେବା ସମବାୟ ସମିତି ଲିଃ ରେ ଚାଷୀ ସଚେତନତା ଶିବିର ଅନୁଷ୍ଠିତ

ବେଲଗୁଣ୍ଠା, ୨୮/୧୧ (ନି.ପ୍ର): : ଆଜି ବେଲଗୁଣ୍ଠା ସେବା ସମବାୟ ସମିତି ଲିଃ ସଭାପତି ଚିନମ ସନ୍ତୋଷ କୁମାର ସୁବୁଦ୍ଧିଙ୍କ ସଭାପତିତ୍ୱରେ ସରକାରଙ୍କ ଦ୍ୱାରା ଖୋଲା ଯାଇଥିବା ଧାନ ମଣ୍ଡିର କିପରି ସଫଳ ରୂପାୟନ ହୋଇପାରିବ ତାହା ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ନୋଡାଲ ଅଫିସର ଭାବେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ନୋଡାଲ ଅଫିସର ବେଲଗୁଣ୍ଠା ଆରଆଇ ସନ୍ତୋଷ କୁମାର ବେହେରା, ଏରିଆ ଅଫିସର ତୁଳସୀରାଣୀ ପଣ୍ଡା, ସମବାୟ ସମିତିର ସମ୍ପାଦକ କ୍ରିଷ୍ଣଚନ୍ଦ୍ର ଡାକୁଆ ଏବଂ ଡାଇରେକ୍ଟର ଏ.ମନୋଜ କୁମାର ପାତ୍ର, ସୂର୍ଯ୍ୟନାରାୟଣ ତ୍ରୀପାଠୀ ଏବଂ ଜାନକୀ ନାଇକ ଉପସ୍ଥିତ ଥିଲେ । ଉକ୍ତ ସଚେତନତା ଶିବିରରେ ଧାନର ମାନ କିପରି ରହିବା ଆବଶ୍ୟକ ଏ୍ବଂ ଉଚିତ ମାନର ଧାନ ଦେଇ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ କିପରି ଚାଷୀ ପାଇବେ, ଚାଷୀ ଧାନ ମଣ୍ଡିରେ ଧାନ ଦେବାପରେ ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା କିପରି ଯିବ ଏହା ଉପରେ ବିସ୍ତୃତ ଆଲୋଚନା କରଯାଇଥିଲା । ଏଥିରେ ପ୍ରମୁଖ ଚାଷୀ ସର୍ବଶ୍ରୀ ଟି ଶ୍ରୀଧର ପାତ୍ର, ଟି ପୂର୍ଣ୍ଣ ପାତ୍ର, ତି ତ୍ରିପତି ପାତ୍ର, ପ୍ରମୋଦ ସାହାଣୀ, ସୀତାରାମ ସାହାଣୀ, ଜଗନ୍ନାଥ ନାଇକ, ନାରାୟଣ ବେହେରା ପ୍ରମୁଖ ପ୍ରାୟ ୪୦ ରୁ ଉର୍ଦ୍ଧ ଚାଷୀ ଯୋଗ ଦେଇଥିଲେ । ଶେଷରେ ସମିତିର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଟଣା ବ୍ଲକର ଉଚ୍ଚ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଅନୁଷ୍ଠିତ

ପାଟଣା, ୨୮/୧୧ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ୨୫ ତାରିଖ ଠାରୁ ଅନୁଷ୍ଠିତ ହେଉଥିବା ଉଚ୍ଚ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ୨୭ ତାରିଖ ଉଦଯାପିତ ହୋଇଛି । ଗୋଷ୍ଠି ଶିକ୍ଷାଧିକାରୀଙ୍କ ସୌଜନ୍ୟରୁ ଅନୁଷ୍ଠିତ ଏହି ତ୍ରିଦିବସୀୟ ଶିବିରରେ ପ୍ରଶିକ୍ଷକ ଭାବେ ଗୌରଚନ୍ଦ୍ର ମହାନ୍ତ, ଭାଗିରଥି ନାଏକ, ପ୍ରଶାନ୍ତ ବେହେରା ଓ ଶାନ୍ତନୁ ବେହେରା ପ୍ରମୁଖ ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ସେଠୀ, ବିଜୟ କୁମାର ଓଝା ଓ ପ୍ରକାଶ କୁମାର ରାୟ ପ୍ରମୁଖ ଶିବିର ପରିଦର୍ଶନ କରିଥିଲେ ।

# ଜାମଦା ଆଞ୍ଚଳିକ ଡିଗ୍ରୀ କଲେଜରେ ସମ୍ବିଧାନ ଦିବସ ପାଳନ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ

ମୟୂରଭଞ୍ଜ, ୨୮/୧୧ (ନି.ପ୍ର): ଆମ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ଅବସରରେ ଜାମଦା ବ୍ଲକ ଜାମଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ମଧ୍ୟରେ ପ୍ରବନ୍ଧ, ରଙ୍ଗୋଲି, ଚିତ୍ରାଙ୍କନ ଓ ଡିବେଟ୍ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟକ୍ଷ ଅଶୋକ ସୁରଙ୍କ ଅଧ୍ୟକ୍ଷତାରେ ବିଦ୍ୟାର୍ଥୀଙ୍କୁ ନେଇ ଏକ ସଭାର ଆୟୋଜନ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ପରିଚାଳନା କମିଟୀର ସଭାପତି ଲଳିତ କୁମାର ମହାନ୍ତ ଭୀମରାଓ ଆମ୍ବେଦକରଙ୍କ ମହତ୍ତ୍ୱ, ଗୁଣ, ଗାରିମା ବିଷୟରେ ଆଲୋକପାତ କରିବା ସହ ମୁଖ୍ୟବକ୍ତା ଅଧ୍ୟାପକ ସୂର୍ଯ୍ୟକାନ୍ତ ପ୍ରଧାନ ସମ୍ବିଧାନକୁ ସମ୍ମାନ, ସମ୍ବିଧାନର ଆଦର୍ଶ ଓ ଦର୍ଶନ ଉପରେ ଆଲୋଚନା କରିଥିଲେ । ଅଧ୍ୟାପକ ଡଃ ରାଜକିଶୋର ଜେନା, ଅଶୋକ କୁମାର ମହାନ୍ତ ସମ୍ବିଧାନ ଦିବସ ପାଳନର ଗୁରୁତ୍ୱାରୋପ କରିଥିଲେ । ଓଡ଼ିଆ ବିଭାଗର ଅଧ୍ୟାପକ ଭଗବାନ ଚନ୍ଦ୍ର ପାଲ ଅତିଥି ପରିଚୟ ଦେବା ସହ ସମ୍ବିଧାନର ଇତିହାସ ଏବଂ ମହତ୍ତ୍ୱ କଥା ଯଦି କହିବା ତାହାଲେ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଭୀମରାଓ ରାମଜୀ ଆମ୍ବେଦକର ୧୯୪୭ ମସିହାରେ ସମ୍ବିଧାନ ଡ୍ରାଫ୍ଟ କମିଟିର ସଭାପତି ଭାବରେ ନିଯୁକ୍ତି ହୋଇଥିଲେ ଏବଂ ତାଙ୍କୁ ଭାରତର ସମ୍ବିଧାନ ଲେଖିବାର ଦାୟିତ୍ୱ ଦିଆଯାଇଥିଲା । ଆମେରିକା ଇତିହାସକାର ଗ୍ରୀନବିଲେ ସେୱାର୍ଡ ଅଷ୍ଟିନ ଆମ୍ବେଦକରଙ୍କ ଦ୍ୱାରା ଲେଖଯାଇଥିବା ସମ୍ବିଧାନକୁ ସର୍ବପ୍ରଥମେ ଏକ ସମ୍ବିଧାନିକ ଡକ୍ୟୁମେଣ୍ଟ କହିଥିଲେ । ଦେଶରେ ଶାସନ ପାଇଁ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ, ଯାହା ସମସ୍ତଙ୍କ ଆଗ୍ରହ ଏବଂ ଆବଶ୍ୟକତା ଧ୍ୟାନରେ ରଖିବା ନିଶ୍ଚିତ କରିଥାଏ । ଭାରତ ଏକ ବିବିଧତାର ଦେଶ, କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବ୍ୟାପିଥିବା ଏହି ବିଶାଳ ଦେଶରେ ବିଭିନ୍ନ ପ୍ରକାର ଭାଷା, ଉପଭାଷା, ପୋଷାକ, ଖାଦ୍ୟ ପାନୀୟ ଏବଂ ଅନ୍ୟାନ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏପରି ସ୍ଥିତିରେ ସମ୍ବିଧାନ ହେଉଛି ଏମିତି ଏକ ବିଚାରଧାରା ଯାହା ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଏକତ୍ର କରି ରଖିଥାଏ । ସମ୍ବିଧାନ ଦ୍ୱାରା ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରେ ଏବଂ ସେମାନଙ୍କୁ ସମାନ ନିୟମରେ ବାନ୍ଧି ରଖିଥାଏ ବୋଲି କହିଥିଲେ ।ପ୍ରବନ୍ଧ, ରଙ୍ଗୋଲି, ଚିତ୍ରାଙ୍କନ ଓ ଡିବେଟରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀଙ୍କୁ ମୁଖ୍ୟ ଅତିଥୀ ପୁରସ୍କୃତ କରିଥିଲେ । ଅଧ୍ୟାପିକା ଭଗବତୀ ସାହୁ, ଲିଜାରାଣୀ ସାହୁ, ସାହାଜାନ ପାରଭଇନ୍, ଦୟାନିଧି ମଣ୍ଡଳ, ଘାସିରାମ ଗୋଇପାଇ ସହଯୋଗ କରିଥିଲା ବେଳେ ଗ୍ରନ୍ଥାକାରିକ ଭୂପତି ଚରଣ ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜେସିବି ମେସିନରେ ହେଉଛି ରାସ୍ତା ପାଶ୍ୱର ସଫେଇ

## କାର୍ଯ୍ୟ ତଦାରଖ ବେଳେ ଦେଖା ନାହାଁନ୍ତି ବିଭାଗୀୟ କର୍ମଚାରୀ ଓ ଅଧିକାରୀ



ନିଶ୍ଚିନ୍ତକୋଇଲି, ୨୮/୧୧ (ନି.ପ୍ର):ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତାର ଉଭୟ ପାଶ୍ୱର୍ର ସଫେଇ କାର୍ଯ୍ୟ ଚାଲୁ ରହିଛି । ସାଲେପୁର ପୂର୍ତ୍ତ ବିଭାଗ ଅଧିନରେ ଚାଲୁଥିବା ଏହି ସଫେଇ କାର୍ଯ୍ୟ ଜେସିବି (ମାଟି ଖୋଳାଯନ୍ତ୍ର) ସାହାଯ୍ୟରେ ସଫେଇ କରାଯାଉଥିବାରୁ ଉକ୍ତ ଯନ୍ତ୍ରର ଦାନ୍ତିରେ ସଫେଇ କରାଯାଉଥିବା ରାସ୍ତା ପାଶ୍ୱର୍ ଗୁଡିକ ଆବଡାଖାବଡା ହୋଇ ରହୁଥିବା ବେଳେ ରାଜ୍ୟ ରାଜପଥର ପିଚୁ ରାସ୍ତାକୁ ମଧ୍ୟ ଅନେକ ଜାଗାରେ ତାଡି ଗୋଡି ଉଠାଇ ନେଉଛି । ସଫେଇ କାର୍ଯ୍ୟ ଚାଲୁଥିବା ବେଳେ ତଦାରଖ କରିବା ପାଇଁ ନା କୌଣସି ବିଭାଗୀୟ କର୍ମଚାରୀ ନା ଅଧିକାରୀ ଉପସ୍ଥିତ ରହୁଛନ୍ତି । କେବଳ ନା କୁ ମାତ୍ର ଏଠି ସେଠି ସଫେଇ କରି ରାଜ୍ୟ ରାଜକୋଷରୁ ଅର୍ଥ ବିର୍ନିବୟ କରାଯାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଜେସିବି ସାହାଯ୍ୟରେ ସଫେଇ କରାନଯାଇ ଶ୍ରମିକମାନଙ୍କୁ ଲଗାଇ ସଫେଇ କାର୍ଯ୍ୟ କରାଗଲେ ସଠିକ୍ ? ସଫେଇ ହେବା ସହ ରାସ୍ତା ପାଶ୍ୱର୍ ଓ ସଡକର ପିଚୁ ଅଂଶ ଆବଡା ଖାବଡା ହୁଅନ୍ତା ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏଠାରେ ସୂଚନା ଥାଉ କି ପୂର୍ତ୍ତ ବିଭାଗ ଅଧିନରେ ହେଉଥିବା ଉକ୍ତ ସଫେଇ କାର୍ଯ୍ୟକୁ କୌଣସି ବିଭାଗୀୟ କର୍ମଚାରୀ ଓ ଅଧିକାରୀ ସଠିକ୍ ? ତଦାରଖ କରୁନଥିବା ବେଳେ ଯେଉଁ ବ୍ୟକ୍ତିଜଣକ ଏହି କାର୍ଯ୍ୟର ତଦାରଖ କରୁଛନ୍ତି ସଂପୃକ୍ତ ବ୍ୟକ୍ତି ଜଣକ କଟକ ସଦର ପୂର୍ବତନ ବିଧାୟକଙ୍କ ଜଣେ ପାଖ ଲୋକ ଓ ବିଜୁ ଜନତା ଦଳର ଜଣେ ଦୃଢ ସମର୍ଥକ ବୋଲି ସାଧାରଣରେ ଆଲୋଚନା ହେଉଛି । ନିଶ୍ଚିନ୍ତକୋଇଲି ଅଂଚଳରେ ପୂର୍ତ୍ତ ବିଭାଗ ଅଧିନରେ ଯେଉଁଠି ଉଭୟ ପାଶ୍ୱର୍ ରାସ୍ତାକୁ ସଫେଇ କରାଯାଉଛି ତାହା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନରେ ଯାଉଥିବା ବେଳେ ମାହାଙ୍ଗା ସ୍ୱାଧୀନ ବିଧାୟକଙ୍କ ସମର୍ଥକଙ୍କୁ ଉକ୍ତ କାର୍ଯ୍ୟର ତଦାରଖ ଦାୟିତ୍ୱ ନଦିଆଯାଇ କଟକ ସଦର ନିର୍ବାଚନ ମଣ୍ଡଳୀର ଜନୈକ ବିଜେଡି ସମର୍ଥକଙ୍କୁ ତଦାରଖ ଦାୟିତ୍ୱ ଦେବାରେ କାହାର ପ୍ରଚ୍ଛନ୍ନ ହାତ ରହିଛି ତାହା ସାଧାରଣରେ ଚର୍ଚ୍ଚା ଯୋର ହେଉଛି । ପୂର୍ତ୍ତ ବିଭାଗ ଅଧିକାରୀ ସଂପୃକ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟ ତଦାରଖ କରିବା ପାଇଁ ନିୟୋଜନ କରିଛନ୍ତି ନା ଏହା ଭିତରେ ଆଉ କିଛି ଲୁକାୟିତ ତଥ୍ୟ ଲୁଚି ରହିଛି । ସଂପୃକ୍ତ ବ୍ୟକ୍ତି ଜଣଙ୍କ ରାସ୍ତା ସଫେଇ କାର୍ଯ୍ୟ ତଦାରଖ କରୁଥିବାରୁ ମାହାଙ୍ଗା ବିଧାୟକଙ୍କ କିଛି ସମର୍ଥକଙ୍କ ମନରେ ଅସନ୍ତୋଷ ଦେଖାଦେଉଛି । ସବୁପରେ ରାସ୍ତା ସଫେଇ କାର୍ଯ୍ୟ ସଠିକ୍ ? ଢଙ୍ଗରେ ହେଉନଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ମା' ଭଗବତୀ ନାଟ୍ୟ ସଂସଦ ଦ୍ୱାରା ପରିବେଷିତ ସାମାଜିକ ନାଟକରେ ବିଭୋର ହେଲେ ଦର୍ଶକ

ବାଣପୁର, ୨୮/୧୧ (ନି.ପ୍ର): ବାଣପୁର ଭଗବତୀ ସାହିରେ ସାମାଜିକ ନାଟକ ପରିବେଷଣ ହୋଇଯାଇଛି । ମା' ଭଗବତୀ ନାଟ୍ୟ ସଂସଦର ପଞ୍ଚମ ଅବଦାନରେ ନାଟ୍ୟ ନିର୍ଦ୍ଦେଶନା ଅଶୋକ ପାତ୍ର, ସହ ନିର୍ଦ୍ଦେଶକ ଆଶୁତୋଷ କାଣ୍ଡୀ ଓ ଗ୍ରାମ୍ୟ କଳାକାରଙ୍କ ପ୍ରଚେଷ୍ଟାରେ 'କେମିତି କରିବି ଏମିତି ପାପ' ସାମାଜିକ ନାଟକ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷ, ନାଟ୍ୟ ନିର୍ଦ୍ଦେଶକ ଅଶୋକ ପାତ୍ର, ସହ ନିର୍ଦ୍ଦେଶକ ଉପସ୍ଥିତ ରହି ମା' ଭଗବତୀ ନାଟ୍ୟ ସଂସଦ ପକ୍ଷରୁ ସ୍ଥାନୀୟ କଳାକାରମାନଙ୍କ ଆପ୍ରାଣ ଉଦ୍ୟମ ବଳରେ ସାମାଜିକ ନାଟକ ପରିବେଷଣ କରିଥିବାରୁ କଳାକାରଙ୍କ ସମେତ ଅଞ୍ଚଳବାସୀଙ୍କୁ ଭୂୟସି ପ୍ରଶଂସା କରିଥିଲେ । ଶାନ୍ତିଶୃଙ୍ଖଳାର ସହ ନାଟକ ଦେଖିବା ପାଇଁ ଆଶାତୀତ ଭାବେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଭିଡକୁ ନିୟନ୍ତ୍ରଣ କରିବା ପାଇଁ ଯାତ୍ରା କମିଟି ଏବଂ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ପରିଶେଷରେ ଆସନ୍ତା ବର୍ଷ ଷଷ୍ଠ ଅବଦାନ 'କାନ୍ଦେନାରେ ଲୋକ ହସିବେ' ସାମାଜିକ ନାଟକ ପରିବେଷଣ କରିବା ପାଇଁ କମିଟି ପକ୍ଷରୁ ଘୋଷଣା କରାଯାଇଛି ।

# ମୋବାଇଲ ଟାୱାର କାର୍ଯ୍ୟକ୍ଷମ ପାଇଁ ଉପ-ଜିଲ୍ଲାପାଳ ଓ କନ୍ଧମାଳ ସାଂସଦଙ୍କୁ ଦାବୀପତ୍ର ପ୍ରଦାନ

ବାଲିଗୁଡା, ୨୮/୧୧ (ନି.ପ୍ର):ଜିଓ ଟାୱାର ତିନି ବର୍ଷ ହେଲା ଚାଲିଛି କିନ୍ତୁ ଡାଟା କାର୍ଯ୍ୟକ୍ଷମ ହେଉନି ଫଳରେ ପିଲାଙ୍କ ପାଠପଢ଼ା ସହ ସରକାରୀ କାର୍ଯ୍ୟ ବ୍ୟାହତ ହେଉଛି । ଏହିଭଳି ନେଟୱାର୍କ ସମସ୍ୟାର କରୁଣ ଚିତ୍ର ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକର ଲେତିଙ୍ଗିଆ ଗ୍ରାମପଂଚାୟତରେ ଦେଖିବାକୁ ମିଳିଛି । ଟାୱାର ଧରୁନି, ପାଠପଢା ସହ ସମସ୍ତ ସରକାରୀ କାମ ବ୍ୟାଘାତ ସୃଷ୍ଟି ହେଉଛି । ପିଲାମାନେ ଅନଲାଇନ ପାଠପଢ଼ା କଣ ଜାଣନ୍ତି ନାହିଁ, ଗତ ସରକାର ଅମଳରେ ପ୍ରତ୍ୟେକ ଗ୍ରାମପଂଚାୟତରେ ସ୍ମାର୍ଟ ସ୍କୁଲ ନିର୍ମାଣ ହୋଇଛି, ଇ-ଲାଇବ୍ରେରୀ ପାଇଁ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି ସତ କିନ୍ତୁ ଏହା ଧର୍ମକୁ ଆଖିଠାର । ଗାଁକୁ ନେଟୱାର୍କ ଆସୁନଥିବାରୁ ସ୍ମାର୍ଟ ସ୍କୁଲର ଯନ୍ତ୍ରଂଶ ସବୁ ନଷ୍ଟ ହେବାକୁ ବସିଲାଣି ଏବଂ ନେଟୱାର୍କ ଆସୁନଥିବାରୁ ସରକାରୀ କାମ ମଧ୍ୟ ହୋଇ ପାରୁନି । ରୋଗୀ ଓ ପ୍ରସୂତୀ ମହିଳାଙ୍କୁ ଜରୁରୀକାଳୀନ ସେବା ଯୋଗାଇ ଦେବାରେ ଅସୁବିଧା ହେଉଛି ଓ ଆସନ୍ନ ପ୍ରସବା ମହିଳା ଓ ରୋଗୀ ଚିକିତ୍ସା ସେବା ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ନେଇ ଲେତିଙ୍ଗିଆ ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମବାସୀ ବାଲିଗୁଡା ଉପ-ଜିଲ୍ଲାପାଳ ଡ଼ଃ ରୀନା ପ୍ରଧାନ ଓ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କୁ ଦାବୀପତ୍ର ଦେଇଛନ୍ତି । ଗତ ସରକାର ସମୟରେ ଟାୱାର କାର୍ଯ୍ୟକ୍ଷମ କରିବା ପାଇଁ ଗ୍ରାମବାସୀ ବହୁବାର କ.ନୂଆଗାଁ ବିଡ଼ିଓ, କନ୍ଧମାଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଫଳଶୁନ । ବର୍ତ୍ତମାନର ସରକାର ଲୋକଙ୍କ ସରକାର ମୋହନ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ରହିଛି । କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ପ୍ରତି ମଧ୍ୟ ଲୋକେ ଆସ୍ଥା ପ୍ରକଟ କରିଛନ୍ତି ଏବଂ ଖୁବ ଶୀଘ୍ର ଜିଓ ନେଟୱାର୍କ ସମସ୍ୟା ଆଉ ରହିବ ନାହିଁ ବୋଲି ଗ୍ରାମପଂଚାୟତ ବାସୀ ଆଶାବାଦୀ ଅଛନ୍ତି ।



# ସ୍ୱର୍ଗତ ଭରତ ଚନ୍ଦ୍ର ଘଡାଇଙ୍କ ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗଦେଲେ ବହୁ ବିଶିଷ୍ଟ ବ୍ୟକ୍ତି





ନିଶ୍ଚିନ୍ତକୋଇଲି, ୨୮/୧୧ (ନି.ପ୍ର): ଜିଗ୍ନିପୁର ପଂଚାୟତ ବସୁପଦା(ଜିଗ୍ନିପୁର)ର ପୂର୍ବତନ ସମିତିସଭ୍ୟ ତଥା କେନ୍ଦ୍ରାପଡା ସାଂସଦଙ୍କ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ପ୍ରତିନିଧି ମଳୟ କୁମାର ଘଡାଇଙ୍କ ପିତା ଏକାଦଶାହ ତିଥିରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ମାହାଙ୍ଗା ବିଜେପି ନେତା ତଥା ମାହାଙ୍ଗା ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ କୁମାର ଘଡେଇ, ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ସମୀର କୁମାର ସାମଲ, ବିଜେପି ଯୁବନେତା ଶ୍ରୀନିବାସ ନାୟକ, ତ୍ରିବିକ୍ରମ ସ୍ୱାଇଁ, ଦିନବନ୍ଧୁ ନାୟକ, ୨୬ ନଂ ମଣ୍ଡଳ ବିଜେପି ସଭାପତି ପ୍ରଣବ ବେହେରା, ଆଶିଷ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଘଡାଇଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେହିପରି ସ୍ୱର୍ଗତ ଭରତ ଚନ୍ଦ୍ର ଘଡାଇଙ୍କ ଦ୍ୱାଦଶାହ ତିଥିରେ ସ୍ଥାନୀୟ ମଣ୍ଡପ (ଆପଣଙ୍କ ମଣ୍ଡପ) ପରିସରରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଂଚାୟତ ସମିତିଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଗିରିଶ ରଂଜନ ମହାପାତ୍ର, ବଡଖିର ପଂଚାୟତ ସମିତିସଭ୍ୟ ପ୍ରଦୋଷ କୁମାର ସାହୁ, ବାଲିଆପଦା ସମିତି ସଭ୍ୟ ରାକେଶ ମଲିକ, ସାପ୍ତାହିକ ଖବର କାଗଜ ପଲ୍ଲୀଠାରୁ ଦିଲ୍ଲୀର ସଂପାଦକ ଉମାଶଙ୍କର ସାହୁ, ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ଲକ୍ଷ୍ମଣ ଦାସ, ପ୍ରଫୁଲ୍ଲ କୁମାର ମହାପାତ୍ର, ରଂଜନ କୁମାର ଦାସ, ପ୍ରକାଶ ଚନ୍ଦ୍ର ରାଉଳ, ଜାନକୀ ବଲ୍ଲଭ ମହାନ୍ତି, ପ୍ରଶାନ୍ତ ନାୟକ, ପ୍ରସନ୍ନ କୁମାର ମହାପାତ୍ର, ଆଇନଜୀବୀ ସୁଶାନ୍ତ କୁମାର ମହାନ୍ତି, ବିଜେପି କାର୍ଯ୍ୟକର୍ତ୍ତା ମୀନକେତନ ଦାସ, ପ୍ରମୋଦ ଦାଶ, ଶାରଦା ପ୍ରସାଦ ମିଶ୍ର, କୁଳମଣି ରାଉତ, ମଦନମୋହନ ପରିଡା, ସନ୍ତୋଷ ସ୍ୱାଇଁ, କମଳାକ୍ଷ ଦାସ ଓ ସ୍ୱର୍ଗତ ଘଡାଇଙ୍କୁ ଭଲ ପାଉଥିବା ପଡିଶା ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଫୁଲ୍ଲ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଘଡାଇଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ୱର୍ଗତ ଘଡାଇଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ । ସ୍ୱର୍ଗତ ଘଡାଇଙ୍କ ବିଧବା ପତ୍ନୀ, ପୁତ୍ରବଧୂ, ଝିଅ,ଜ୍ୱାଇଁ ଓ ନାତି ନାତୁଣୀଙ୍କ ତତ୍ୱାବଧାନରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ସରୁନି ନିର୍ମାଣ କାର୍ଯ୍ୟ, ଲୋକେ ଭୋଗୁଛନ୍ତି ସମସ୍ୟା



ମାହାଙ୍ଗା, ୨୮/୧୧ (ନି.ପ୍ର): ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅଧିନରେ ଗ୍ରାମ୍ୟ ଉନ୍ନୟନ ରାସ୍ତା ୮ ନମ୍ବର କେନାଲ ବନ୍ଧ ଆପିଲ ଜହ୍ନିଆଠାରୁ ବାହାରିଥିବା ୮ଜି କେନାଲ ବନ୍ଧ ରାସ୍ତା ଝାଡେଶ୍ୱରପୁର ଦେଇ ସାହାନିଆଜପୁରକୁ ସଂଯୋଗ କରୁଛି । ଉକ୍ତ କେନାଲ ବନ୍ଧ ରାସ୍ତା କାର୍ଯ୍ୟରେ ଗୋଡି ପକା କାର୍ଯ୍ୟ ଆରମ୍ଭ ୨ମାସ ପୂର୍ବରୁ ହୋଇଥିଲେ ମଧ୍ୟ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଶେଷ ହୋଇ ନାହିଁ । ରାସ୍ତାରେ ଅନେକ ସ୍ଥାନରେ ଗୋଡି ଉଠିଛି ଓ ରାସ୍ତାରେ ପାଣି ସିଞ୍ଚନ କରାଯାଉନଥିବାରୁ ଗାଡି ମୋଟର ଯିବାଆସିବା ସମୟରେ କ୍ରସର ଗୁଣ୍ଡ ଉଡି ଗାଡି ଚାଳକଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକ ଓ ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ଅଣନିଶ୍ୱାସୀ କରିଦେଉଛି । ଲୋକେ ସମସ୍ୟା ଭୋଗୁଥିଲା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ନୀରବଦ୍ରଷ୍ଟା ସାଜିଛି । ଠିକାଦାରଙ୍କ ଇଚ୍ଛା ଅନୁସାରେ କାର୍ଯ୍ୟ ଚାଲିଛି । କାର୍ଯ୍ୟ ନିର୍ମାଣ କୌଣସି ସ୍ଥାନରେ ଫଳକ ମରାଯାଇନାହିଁ । ଫଳରେ ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି । ତା.୦୬.୦୧.୨୦୨୪ ରିଖରେ ମାନ୍ୟବର ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଜେନା ଏହି କାର୍ଯ୍ୟର ଶୁଭଶିଳାନ୍ୟାସ କରିଥିଲେ ।

# ଭିଜିଲାନ୍ସ ଦ୍ୱାରା ଗିରଫ ହେଲେ ବେଗୁନିଆପଡ଼ା ବ୍ଲକ ସିଡିପିଓ

## ଦରମା କରାଇଦେବା ପାଇଁ ଅଙ୍ଗନୱାଡି ସହାୟିକଙ୍କ ଠାରୁ ୧୨ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ମାଡିବସିଲା ଭିଜିଲାନ୍ସ



କୋଦଳା, ୨୮/୧୧ (ନି.ପ୍ର):ଦୀର୍ଘ ବର୍ଷ ଧରି ଗୋଟିଏ ଅଫିସରେ ରହି ମାସକୁ ଲକ୍ଷାଧିକ ଟଙ୍କା ଲାଞ୍ଚ ଟକାଂ ଆଦାୟ କରୁଥିଲେ । ଦୀର୍ଘ ୮ ବର୍ଷ ଧରି ବେଆଇନ ଭାବେ ବେଗୁନିଆପଡ଼ା ବ୍ଲକରେ କାର୍ଯ୍ୟରତ ସିଡିପିଓ ସଂଧାରାଣୀ ପାଣିଗ୍ରାହୀ ଶେଷରେ ଭିଜିଲାନ୍ସ ଜାଲରେ ପଡିଛନ୍ତି । ବୁଧବାର ପୂର୍ବାହ୍ନରେ ବେଗୁନିଆପଡ଼ା ବ୍ଲକ ପରିସରରେ ଥିବା ନିଜ କାର୍ଯ୍ୟାଳୟରେ ୧୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡି ବସିଥିଲା ଭିଜିଲାନ୍ସ ଟିମ୍ । ଅଭିଯୋଗ ଅନୁଯାୟୀ, ବେଗୁନିଆପଡ଼ା ବ୍ଲକ କୁମ୍ଭାର ଗାଁ ପଞ୍ଚାୟତ ଅନ୍ତର୍ଗତ ମାଳ ବେଲପଡା ଅଙ୍ଗନୱାଡି ସହାୟିକଙ୍କ ୧୮ ମାସର ବକେୟା ଦରମା ପ୍ରଦାନ କରିବା ପାଇଁ ମ୍ୟାଡମ ୧୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ, ପରେ ଅଭିଯୋଗକାରୀଣୀ ସହାୟିକା ତ୍ରିବେଣୀ ବେହେରା ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଏନେଇ ରେଡ୍ କରିବାକୁ ପ୍ରସ୍ତୁତି ହୋଇଥିଲା । ସିଡିପିଓ ନିଜ କାର୍ଯ୍ୟାଳୟରେ ୧୨ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଧରିଲା ପରେ ସିଡିପିଓଙ୍କ ଅଫିସ ଏବଂ ସରକାରୀ କ୍ୱାଟର ଛାନଭିନ କରାଯାଇଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ରହିଛି ଓ ସେହି କ୍ରମରେ ସିଡିପିଓଙ୍କ ଜିଲ୍ଲା ବାହାରେ ରହିଥିବା ଏକାଧିକ ସ୍ଥାନରେ ଥିବା ଘର ଉପରେ ମଧ୍ୟ ଚଢାଉ କରାଯାଉଛି । ଭିଜିଲାନ୍ସ ପକ୍ଷରୁ ୨୦/୨୦୨୪ ରେ ମାମଲା ରୁଜୁ କରି ଅଧିକ ତଦନ୍ତ ପାଇଁ ବ୍ରହ୍ମପୁର ସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି । ଘଟଣାକୁ ନେଇ ବେଗୁନିଆପଡ଼ା ବ୍ଲକରେ ହଇଚଇ ସୃଷ୍ଟି ହୋଇଛି । ପୂର୍ବ ସରକାର ଅମଳରେ ସିଡିପିଓଙ୍କ ବିରୁଦ୍ଧରେ ଅନେକ ଦୁର୍ନୀତି ନେଇ ଅଭିଯୋଗ ଦିଆଯାଇଥିଲେ ମଧ୍ୟ କୌଣସି ଆକ୍ସନ ହୋଇ ନ ଥିବା ବେଳେ ଏବେକାର ସରକାରଙ୍କ ପଦକ୍ଷେପକୁ ସ୍ୱାଗତ ବୋଲି କହିଛନ୍ତି ସାମ୍ବାଦିକ ସୁଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି । ଶ୍ରୀ ପଟ୍ଟନାୟକ ସିଡିପିଓଙ୍କ ଦୁର୍ନୀତିକୁ ନେଇ ସୂଚନା ତଥ୍ୟ ଆବେଦନ କରିଥିବା ବେଳେ ତାଙ୍କୁ ସିଡିପିଓ ବେଆଇନ ଭାବେ ୧୩ ଲକ୍ଷ ଟଙ୍କା ଖର୍ଚ୍ଚ ଦାବି କରିଥିଲେ । ଏନେଇ ସୂଚନା କମିଶନରଙ୍କ ନିକଟରେ ଅଭିଯୋଗ ହୋଇଥିବା କହିଛନ୍ତି ଶ୍ରୀ ପଟ୍ଟନାୟକ । ଏପରିକି ଦୁର୍ନୀତି ଖବର ପ୍ରକାଶ କରିବା ଯୋଗୁଁ ସିଡିପିଓ ସଂଧାରାଣୀ ପାଣିଗ୍ରାହୀ ବେଗୁନିଆପଡ଼ା ବ୍ଲକ ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ସୁଶାନ୍ତ କୁମାର ପଟ୍ଟନାୟକ ଓ କୃଷ୍ଣ ଚନ୍ଦ୍ର ପଲେଇଙ୍କ ନାମରେ ମିଥ୍ୟା ମାମଲା ଦେଇଥିଲେ । ବିଳମ୍ବରେ ହେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ନେଇ ଭିଜିଲାନ୍ସକୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପଟ୍ଟନାୟକ । ଗତ କିଛି ଦିନ ତଳେ ପଞ୍ଚାୟତ ସମିତି ବୈଠକରେ ସିଡିପିଓଙ୍କ ଦୁର୍ନୀତିକୁ ନେଇ ମଧ୍ୟ ବହୁ ଜନପ୍ରତିନିଧି ଅଭିଯୋଗ କରିଥିଲେ, ତେବେ ସିଡିପିଓଙ୍କ ଦୁର୍ନୀତିର ପୁରା କାରନାମାକୁ ଭିଜିଲାନ୍ସ ବିଭାଗ ପଦାକୁ ଆଣିବା ସହ ଆଇନଗତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

# କଳା ଓ କ୍ରୀଡା ଶିକ୍ଷକ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାରିପଦା,୨୮/୧୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଜୋଟ ପରିବାର ତଥା କଳା ଓ କ୍ରୀଡା ଶିକ୍ଷକ ମହାସଂଘ ତରଫରୁ ଆଜି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ମହୋଦୟଙ୍କୁ ପ୍ରଦାନ କରାଯାଇଛି । ଏହି ସାମୟିକ କଳା ଓ କ୍ରୀଡା ଶିକ୍ଷକ ମାନେ ଗତ ୨୦୧୩ ମସିହାରୁ ଆଜି ପର୍ଯ୍ୟନ୍ତ ସ୍ୱଳ୍ପ ଦରମା ଓ ଚାକିରୀ ସର୍ତ୍ତାବଳି ନଥିବା ସତ୍ୱେ କାର୍ଯ୍ୟ କରି ଆସୁଛନ୍ତି । ବିଭିନ୍ନ ସମୟରେ ଏମାନଙ୍କୁ ସରକାର ଓ ସ୍କୁଲର ପ୍ରଧାନ ଶିକ୍ଷକ ମାନେ ମଧ୍ୟାହ୍ନ ଭୋଜନ, ଜନ ଗଣନା, ନିର୍ବାଚନ ଡିଉଟି, କୋଭିଡ -୧୯, ସୁରଭି, ନାଚ, ଗୀତ, ଖେଳକୁଦ, ଯୋଗ ଇତ୍ୟାଦି ଅନେକ କାର୍ଯ୍ୟରେ ଏମାନଙ୍କୁ ନିୟୋଜିତ କରିଥାନ୍ତି । କିନ୍ତୁ ଏମାନଙ୍କର ଚାକିରୀର ସ୍ଥାୟିତ୍ୱ ବା ଅସ୍ତିତ୍ୱ ବିଷୟରେ ଅଣଦେଖା କରାଯାଏ । ଦୀର୍ଘ ବାରବର୍ଷରୁ ଉର୍ଦ୍ଧ ହେବ ଏମାନେ କାର୍ଯ୍ୟ କରିଆସୁଥିବା ବେଳେ ନିଜ ନ୍ୟାର୍ଯ୍ୟ ଅଧିକାର ଯୋଗାଇ ଦେବାକୁ ସରକାରଙ୍କ ପାଖରେ ବାରମ୍ବାର ଦାବି ରଖି ଆସୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି । ଏହା କେନ୍ଦ୍ର ସରକାରଙ୍କ ଯୋଜନା କହି ବାରମ୍ବାର ସମସ୍ତ



ଦାବିକୁ ପ୍ରତ୍ୟଖାନ କରାଯାଇ ଆସୁଛି. ତେବେ ଆଜିର ମହଙ୍ଗା ଯୁଗରେ ଜଣେ ଦିନ ମଜୁରିଆ ଠାରୁ ବି କମ ଦରମାରେ ଏମାନେ ଚଳିବେ କିପରି ସେ ଦିଗରେ ସରକାର ଚିନ୍ତା କରୁନଥିବାରୁ ପାର୍ଟ ଟାଇମ ଭଳି ଘୃର୍ଣ୍ୟ ଓ କୁତ୍ସିତ ପରମ୍ପରା କୁ ଉଛେଦ କରି ପୂର୍ଣ୍ଣ ଶିକ୍ଷକ ର ମାନ୍ୟତା ପ୍ରଦାନ କରାଯିବା କୁ ଦାବୀ କରି ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ସରକାର ସେମାନଙ୍କ ଦାବି ନଶୁଣନ୍ତି, ତାହାଲେ ରାଜରାସ୍ତା କୁ ଓଲ୍ହାଇ ଆନ୍ଦୋଳନ କରିବେ ବୋଲି ରାଜ୍ୟ ମହାସଂଘ ର ସମ୍ପାଦିକା ସ୍ମିତାଞ୍ଜଳି ମହାପାତ୍ର, ଜିଲ୍ଲା ସଭାପତି ସଂଜିତ କୁମାର ଦାସ, ଜିଲ୍ଲା ସମ୍ପାଦକ ଧର୍ମେନ୍ଦ୍ର ପଣ୍ଡା, କ୍ରୀଡା ଶିକ୍ଷିକା ସସ୍ମିତା ଦାସ, ଚିନ୍ମୟୀ ମହାନ୍ତି, କ୍ରୀଡା ପ୍ରଶିକ୍ଷକ ସଂଜିତ ଦାସ, ପ୍ରମୋଦ ବେହେରା, ସଦାନନ୍ଦ ଦତ୍ତ, ଜ୍ଞାନରଞ୍ଜନ ଲେଙ୍କା, ମନୋଜ ରାମ, ଉଗ୍ରସେନ ବେହେରା, କାର୍ତ୍ତିକ ମହାନ୍ତ, ସଞ୍ଜୟ କୁମାର ଦେ ଓ କଳା ପ୍ରଶିକ୍ଷିକା ସୁଜ୍ୟୋସ୍ନା ମହାନ୍ତ ପ୍ରମୁଖ କହିଛନ୍ତି ।

# କେସିଙ୍ଗାରେ ଟ୍ରାଫିକ ସମସ୍ୟାର ସୁଧାର ପାଇଁ ପ୍ରଶାସନର ପ୍ରୟାସ ଆରମ୍ଭ

## ପ୍ରଥମ ପର୍ଯ୍ୟାୟରେ ସ୍ଥାନାନ୍ତର ହେବେ ଫଳ ଦୋକାନୀ ଓ ପରିବା ଦୋକାନୀ

କେସିଙ୍ଗା,୨୮/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଜଟିଳ ହେଉଥିବା ବେଳେ ଟ୍ରାଫିକ ସମସ୍ୟାର ସୁଧାର ପାଇଁ ଅଣ୍ଟା ଭିଡ଼ିଛି ସ୍ଥାନୀୟ ପ୍ରଶାସନ ପ୍ରଥମ ପର୍ଯ୍ୟାୟରେ ସ୍ଥାନାନ୍ତର ହେବେ ଜାତୀୟ ରାଜପଥ କଡ଼ରେ ବିକ୍ରୟ କରୁଥିବା ପନିପରିବା ଦୋକାନୀ ଓ ଫଳ ଦୋକାନୀ, ଏନେଇ ଆଜି ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବ ଙ୍କ ଅଧ୍ୟକ୍ଷତା ରେ ଏକ ସମ୍ମନ୍ୟୟ ବୈଠକ ଏନଏସି ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି । କେସିଙ୍ଗା ଏନଏସି ଦ୍ୱାରା ନିର୍ମାଣ ହୋଇଥିବା ଡେଲି ମାର୍କେଟ ୟାଡ଼ ତ୍ରୁଟି ପୂର୍ଣ୍ଣ ନିର୍ମାଣ ଯୋଗୁଁ ପନିପରିବା ଦୋକାନୀ ଓ ଫଳ ଦୋକାନୀ ସେଠାରେ ବସିବା ପାଇଁ ଅସନ୍ତୋଷ ପ୍ରକାଶ କରି ଅନେକ ସମୟରେ ଜାତୀୟ କଡ଼ରେ ବସି ଆସୁଥିଲେ ଯାହାଦ୍ୱାରା ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ଲୋକେ ପ୍ରାଣ ହରାଉଛନ୍ତି କିନ୍ତୁ କରୋନା ମହାମାରୀ ଯୋଗୁଁ ନିୟମ କୁ ଆଖି ଆଗରେ ରଖି ତାଙ୍କୁ କେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ଜାତୀୟ ରାଜପଥ କଡରେ ଥଇଥାନ କରାଯାଇଥିଲା ତେବେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ରାଜରାସ୍ତା ଅବରୋଧ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ଦୋକାନୀଙ୍କୁ ଉଛେଦ କରି ଟ୍ରାଫିକ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ରହିଛି ସେହି କ୍ରମରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ କେସିଙ୍ଗା ଏନଏସି ଓ ପୁଲିସ ପ୍ରଶାସନ ତରଫରୁ ପ୍ରଥମ ପର୍ଯ୍ୟାୟରେ ପନିପରିବା



ଦୋକାନୀ ଓ ଫଳ ଦୋକାନୀ ଙ୍କୁ ଜାତୀୟ ରାଜପଥ କେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ କଡ଼ରେ ବିକ୍ରୟ କରୁଥିବା ପରିବା ଦୋକାନୀ ଙ୍କୁ ଏନଏସି ଦ୍ୱାରା ନିର୍ମାଣ ହୋଇଥିବା ଡେଲି ମାର୍କେଟ ୟାଡ଼ ଭିତରେ ୪୩ ଜଣ ପରିବା ବିକାଳୀଙ୍କୁ ଥଇଥାନ କରାଯିବ ଓ କେସିଙ୍ଗା ଅମ୍ବାଜୀ ମନ୍ଦିର ସମ୍ମୁଖରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସରେ ସମସ୍ତ ଫଳ ଦୋକାନୀଙ୍କୁ ଥଇଥାନ କରାଯିବ ଓ ବାହାରୁ ଆସୁଥିବା ପରିବା ବିକ୍ରେତା ଙ୍କୁ ହସ୍ପିଟାଲ ଗଳି ରାସ୍ତାରେ ଥଇଥାନ କରାଯିବ ବୋଲି କେସିଙ୍ଗା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଣବ ପ୍ରକାଶ ଚାନ୍ଦ ସୂଚନା ଦେଇଛନ୍ତି । ପରେ ଦ୍ୱିତୀୟ ପର୍ଯ୍ୟାୟରେ ରାଜରାସ୍ତା କଡରେ ଠିଆ ହେଉଥିବା ଟ୍ରକ ଓ ଅନ୍ୟାନ୍ୟ ଯାନବାହାନକୁ ପ୍ରଥମେ କେସିଙ୍ଗା ନୂଆଁ ବସଷ୍ଟାଣ୍ଡ ରେ ଅସ୍ଥାୟୀ ଭାବେ ରଖିବା ପାଇଁ ଅନୁମତି ଦିଆଯିବ ଓ ପରେ ତାଙ୍କର ମଧ୍ୟ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି । ଧୀରେ ଧୀରେ ଧୀରେ ସମସ୍ତ ମାଛ, ମାଂସ ଦୋକାନୀଙ୍କୁ ସ୍ଲଟର ହାଉସରେ ଥଇଥାନ କରାଯିବ । ଜାତୀୟ ରାଜପଥକୁ ଅବରୋଧ କରୁଥିବା ଉଠା ଦୋକାନୀ ଓ ଅନ୍ୟାନ୍ୟ ଦୋକାନୀ ନିୟମ ବିରୋଧ କଲେ ନିୟମ ଅନୁଯାଇ ତାଙ୍କୁ ଦଣ୍ଡିତ କରାଯିବ ବୋଲି ମଧ୍ୟ ସୂଚନା ଦିଆଯାଇଛି । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ କେସିଙ୍ଗା ଆଦର୍ଶ ଥାନା ଆଇ ଆଇ ସି ପ୍ରଦ୍ୟୁମ୍ନ ମହାପାତ୍ର, ବାର ଏସୋସିଏସନ ସଭାପତି ଚିତ୍ତ ରଞ୍ଜନ ଭୋଇ, ସଚେତନ ନାଗରିକ ମଞ୍ଚ ସଭାପତି ଉତ୍ତର ମହଲା, ପୂର୍ବତନ ଏନଏସି ଅଧ୍ୟକ୍ଷ ରାମଜୀ ମାତଖଣ୍ଡିଆ, ସରିତା ସିନ୍ଧୁର,ଚନ୍ଦ୍ରଶେଖର ଆଚରି,ରମେଶ ପଟ୍ଟନାୟକ, ଟିକେମନ ଦୀପ, ପ୍ରମୁଖ ଙ୍କ ସହ ଅନେକ ଗଣମାଧ୍ୟମ ପ୍ରତିନିଧି, କେସିଙ୍ଗା ଏନଏସି କାଉନସିଲର ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରି ଅନେକ ପ୍ରସ୍ତାବ ଓ ପରାମର୍ଶ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ତେବେ ଆଗରୁ ମଧ୍ୟ ପ୍ରଶାସନ ତରଫରୁ ଅନେକ ପ୍ରୟାସ କରାଯାଇଛି କିନ୍ତୁ ପ୍ରୟାସ ବିଫଳ ହୋଇଛି । ହେଲେ ଲୋକେ ପ୍ରଶାସନର ନିର୍ଦ୍ଦେଶକୁ କେତେ ଗ୍ରହଣ କରୁଛନ୍ତି ଓ ପ୍ରଶାସନ ଏହାର ସମାଧାନ କିପରି କରୁଛି ତାହା ଏବେ ଦେଖିବାକୁ ବାକି ରହିଲା ।

# ବ୍ୟାସନଗର ମୁନିସିପାଲିଟି ରାସ୍ତା କାମରେ ଦୁର୍ନୀତି: ତଦନ୍ତ ଦାବି

## ପୂର୍ତ୍ତ ବିଭାଗ ଓ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି

ଯାଜପୁର,୨୮/୧୧ (ନି.ପ୍ର): ଯାଜପୁର ଜିଲ୍ଲାରେ ଥିବା ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ଠିକାଦାର ମାନଙ୍କ ମଧ୍ୟରେ ବହୁତ ସମନ୍ୱୟ ରହିଛି। ଯାହା ଫଳରେ ଲକ୍ଷ ଲକ୍ଷ ଟଙ୍କାର ବହୁ ରାସ୍ତା କାମ ହେଉଥିବା ବେଳେ ତାହା କାର୍ଯ୍ୟ ସରିବା ପୂର୍ବରୁ ନଷ୍ଟ ହୋଇଯାଇଛି। ତେଣୁ ଆଗକୁ ଆହୁରି ଅନେକେ ପ୍ରକଳ୍ପ ରେ ମଧ୍ୟ ସମାନ ଅବସ୍ଥା ଯାହା କି ବ୍ୟାସନଗରରେ ଦେଖିବାକୁ ମିଳିଛି। ୱାର୍ଡ ନମ୍ବର ୨୧ ରେ ଥିବା ଖାତା ନମ୍ବର ୨୦୩ ପ୍ଲଟ ନମ୍ବର ୨୫୧ ରୁ ଆରମ୍ଭ କରି ୱାର୍ଡ ନମ୍ବର ୨୧,୨୨ଓ ୧୯ ରେ ?ଯାଇଥିବା ରାସ୍ତା ଟିର କାର୍ଯ୍ୟ କରିନଥିବା ବେଳେ ବହୁ ସ୍ଥାନରେ ପିଚୁ ଉଠି ଗଲାଣି ରାସ୍ତା ନିର୍ମାଣ ର ଅଢେଇ ଦିନ ପରେ ରାସ୍ତା କାମ କୁ ଦେଖିଲେ ସାଧାରଣ ଲୋକ ବି କହିବା ଆରମ୍ଭ କଲେଣି କି ଠିକାଦାର ଯନ୍ତ୍ରୀ ମିଳିମିଶି ବାଲି,ଗୋଡି ଓ ପିଚୁ କୁ ପାଇଗଲେ ଏପରି କାର୍ଯ୍ୟ ହୋଇଛି କି ଦୁର୍ନୀତି କରିଛନ୍ତି ବୋଲି ଜଳ ଜଳ ଦିଶୁଛି ।ଏହି ରାସ୍ତା ନିର୍ମାଣରେ ଘୋଟାଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ କରି ଠିକାଦାରଙ୍କ ଉପରେ କାର୍ଯ୍ୟନୁଷ୍ଠାନ ନେବାକୁ ବ୍ୟାସନଗର ବାସୀ ଦାବୀ କରିଛନ୍ତି। ପୂର୍ବରୁ ବ୍ୟାସନଗର ସଦାସର୍ବଦା ଚର୍ଚ୍ଚା ରହୁଥିବା ପ୍ରାୟସମୟ ଦେଖିବାକୁ ମିଳିଛି। କେତେବେଳେ ପ୍ରସାସନିକ ଅଧିକାରୀ ଙ୍କୁ ନେଇ ତ କେତେବେଳେ ରାଜନୈତିକ ପରିସ୍ଥିତି କୁ ନେଇ ତାହା ସହିତ କେତେବେଳେ ଦୁର୍ନୀତି କୁ ନେଇ ଯାଆ ର



ଜଳନ୍ତ ଉଦାହରଣ ଏହି ରାସ୍ତା ନିର୍ମାଣରେ ହେଉଥିବା ଘୋଟାଲା ବ୍ୟାସନଗର ମୁନିସିପାଲିଟି ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ଠାରୁ ଗୋଶାଳା ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ନୂତନ ?ପିଚୁ ର କାମ ଟି ଅତ୍ୟନ୍ତ ନିମ୍ନ ମାନର ହୋଇଥିବା ଯୋଗୁଁ କାର୍ଯ୍ୟ କୁ ତଦାରଖ କରୁଥିବା ଅଧିକାରୀ ଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।ବ୍ୟାସନଗର ମୁନିସିପାଲିଟି ରେ ରାସ୍ତା କାମ ହେଇଛି ଅତ୍ୟନ୍ତ ନିମ୍ନମାନର, ସ୍ଥାୟୀତ୍ୱ ଉପରେ ଉଠିଛି ପ୍ରଶ୍ନ, ମାତ୍ର ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରା ରେ ଥିବା ବେଳେ କାର୍ଯ୍ୟ କରୁଥିବା ଠିକାଦାର ମନଇଚ୍ଛା କାର୍ଯ୍ୟ କରି ବିଲ୍ ପାରିତ କରିବା ପାଇଁ ମସୁଧା ଚଳାଇଛନ୍ତି । ରାସ୍ତା ନିର୍ମାଣରେ ବାଲି ବହୁତ କମ ଫିଲିଙ୍ଗ ହୋଇ ମାଟି ଉପରେ ଖାଲି ନାମକୁ ମାତ୍ର ପିଚୁ ପକାଇ ରାସ୍ତା ମରାମତି ହୋଇଛି, ସ୍ଥାନୀୟ ଅଞ୍ଚଳରେ ଥିବା ସାଧାରଣ ଲୋକ ଅଭିଯୋଗକୁ କୌଣସି ଅଧିକାରୀ ମାନେ ଧ୍ୟାନ ଦେଉନଥିବା ପରି ପରିଲକ୍ଷିତ ହୋଇଛି। ସେଇଥି ପାଇଁ କଥାରେ ଅଛି ସରକାର କା ମାଲ ଦରିଆ ମେ ଡ଼ାଲ ନୀତିରେ ବ୍ୟାସନଗର ରେ କାମ ହୋଇଥିବା ବେଳେ ସଦାବେଳେ ଦୁର୍ନୀତିରେ ବୁଡି ରହିଥିବା ବ୍ୟାସନଗର ମୁନିସିପାଲିଟି ରେ ଦୁର୍ନୀତି ହେଉଥିବା ଦେଖିବାକୁ ମିଳିଛି। ଏଥିରୁ ଜଣାପଡୁଛି ପିଚୁ ରାସ୍ତା ଏତେ ଅର୍ଥ ବରାଦ ହୋଇ ଯଦି ତାହା ଅଢେଇ ଦିନରେ ନଷ୍ଟ ହୋଇଯାଇଛି ତାହେଲେ ମାଟି କାମ ଗ୍ରାମାଞ୍ଚଳରେ କିପରି ହେଉଥିବ। ଉକ୍ତ କାର୍ଯ୍ୟକୁ ତଦାରଖ କରିବା ପାଇଁ ପୂର୍ତ୍ତ ବିଭାଗର ଇଞ୍ଜିନିୟର କି କୌଣସି ଅଧିକାରୀ ଆସି ନ ଥିବା ପରି ଜଣା ପଡୁଛି, ଠିକାଦାର ଯନ୍ତ୍ରୀ ମିଳିମିଶି ଏପରି ଦୁର୍ନୀତି କରିଥିବାର ଅଭିଯୋଗ ହୋଇଥିବା ବେଳେ ଦୁର୍ନୀତି ଜଳ ଜଳ ଦିଶୁଥିବାରୁ ଏହାର ତଦନ୍ତ କରି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଉପରେ ଦୃଢ କାର୍ଯ୍ୟନୁଷ୍ଠାନ ନେବାକୁ ବ୍ୟାସନଗର ବାସୀ ଦାବୀ କରିଛନ୍ତି।

# ବାଲିଶିରା ଗ୍ରାମରେ ବିଷକ୍ରିୟାରୁ ଜଣେ ମହିଳାଙ୍କ ମୃତ୍ୟୁ

ଆସିକା, ୨୮/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଆସିକା ଥାନା ବାଲିଶିରା ଗ୍ରାମ ବାଲିପାଟ ସାହିରେ ବିସ କ୍ରିୟା ଯୋଗୁଁ ଜଣେ ମହିଳା ଙ୍କ ମୃତ୍ୟୁ ହୋଇଛି । ମୃତ ମହିଳା ଭଗବାନ ଭୂୟାଁ ଙ୍କ ପତ୍ନୀ ରଞ୍ଜିତା ଭୂୟାଁ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ରଞ୍ଜିତା ଗତକାଲି ରାତିରେ କୌଣସି କାରଣକୁ ନେଇ ବିଷକ୍ରିୟା କରିଥିଲେ । ଫଳରେ ସେ ଗୁରୁତ୍ତର ହୋଇଥିବା ବେଳେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତି କରିଥିଲେ ପରେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିବା ବେଳେ ସ୍ୱାସ୍ଥ୍ୟ ବସ୍ଥାରେ ସୁଧାର ନଆସିବାରୁ ବ୍ରହ୍ମପୁର ସ୍ଥାନାନ୍ତର ବେଳେ ହିଞ୍ଜିଳିକାଟୁ ଠାରେ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବା କାରଣରୁ ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ଏଠାରେ ଡାକ୍ତର ରଞ୍ଜିତା ଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଘଟଣା ନେଇ ପୋଲିସ ନିଜ ପକ୍ଷରୁ ଥାନା କେସ ନଂ ୨୬/ ୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ଆସିକା ମେଡିକାଲ ଅଧିନ ବ୍ୟବଛେଦ ଗୃହ ରେ ଶବ ବ୍ୟବଛେଦ କରାଯାଇଛି ।

# ସତ୍ୟ ସେବା ଫାଉଣ୍ଡେସନ ପକ୍ଷରୁ ବିବାହ କାର୍ଯ୍ୟ ସମ୍ପର୍ଣ୍ଣ

ବାରିପଦା,୨୮/୧୧ (ନି.ପ୍ର): ସତ୍ୟ ସେବା ଫାଉଣ୍ଡେସନ ତରଫରୁ ସୁନାମୁହିଁ ଠାରେ ଥିବା ମାଆ ଭଗବତୀ ମନ୍ଦିରରେ ଏକ ସ୍ୱେଚ୍ଛାକୃତ ବିବାହ କାର୍ଯ୍ୟ ସମ୍ପର୍ଣ୍ଣ କରାଯାଇଛି । ବର ଶୁକଦେବ ଗିରି ଏବଂ କନ୍ୟା ପୂର୍ଣ୍ଣିମା ମହାକୁଡ଼ ଙ୍କ ମଧ୍ୟରେ ବୈଦିକ ରୀତିରେ ଉଭୟ ବର କନ୍ୟାଙ୍କ ପରିବାର ବର୍ଗଙ୍କ ଉପସ୍ଥିତିରେ ବିବାହ କାର୍ଯ୍ୟ ସମ୍ପାଦନ କରାଯାଇଥିବାର ଜଣାଯାଇଛି । ସତ୍ୟ ସେବା ଫାଉଣ୍ଡେସନ ର ଟ୍ରଷ୍ଟି ତଥା ଯୁବ ସମାଜସେବୀ ରଜତ କୁମାର ପଣ୍ଡା କନ୍ୟା ଦାନ କରିଥିବା ବେଳେ,ମନ୍ଦିର ର ପୂଜକ ପଣ୍ଡିତ ବାସୁଦେବ ମିଶ୍ର ବିବାହ କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ । ବାରିପଦା କୋର୍ଟର ଓକିଲ ପ୍ରଦୀପ କୁମାର



ଦାସ, ସତ୍ୟ ଇ-ବାଇକ ର ପ୍ରପାଇଟର ରଶ୍ମିତା ପାତ୍ର , ଗୁରା ମହାକୁଡ଼, ନବ୍ୟା ନବନିତା ପଣ୍ଡା, ସୁବାଶିଷ ସାହୁ, ଦେବାଶିଷ ସାହୁ, ଦେବାଶିଷ ଗିରି, ବିନୟ ଭୂଷଣ, ସଂଜୀତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ନବ ଦମ୍ପତ୍ତି ଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ତେବେ ବାରିପଦାର ସୁକଦେବ ଏବଂ ପୂର୍ଣ୍ଣିମା ସାତବର୍ଷ ତଳୁ ପରସ୍ପରକୁ ଭଲ ପାଉଥିଲେ । ମାତ୍ର କିଛି ମାସ ତଳେ ପାରିବାରିକ ଅସନ୍ତୋଷ ଯୋଗୁଁ ସୁକଦେବ ଆଉ ଧରା ଛୁଆଁ ଦେଇ ନଥିଲେ ପୂର୍ଣ୍ଣିମାଙ୍କୁ । କଥା ଯାଇ ପହଞ୍ଚିଥିଲା ଥାନାରେ ଏବଂ କୋର୍ଟରେ. ଶେଷରେ ଶୁକଦେବ ଗିରଫ ହୋଇ ଜେଲ ଯିବା ପରେ ପଶ୍ଚାତାପ କରି କୋର୍ଟରେ ପ୍ରସ୍ପରକୁ ବିବାହ କରିବାର ନିଷ୍ପତି ନେବା ପରେ ଦୁଇ ପରିବାର ଆପସ ବୁଝାମଣାରେ ଦୁହେଁ ଅଗ୍ନିକୁ ସାକ୍ଷୀ ରଖି ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଜଣାଯାଇଛି ।

# ପଞ୍ଚମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ

- ■ସାଂସଦ ଓ ବିଧାୟକଙ୍କ ଉପସ୍ଥିତରେ ଦୀର୍ଘ ସମୟ ଧରି ବୈଠକ
- ■ସାଂସଦଙ୍କ ପ୍ରଶ୍ନରେ ଘାଇଲା ହେଲେ ବିଭାଗୀୟ ଅଧିକାରୀ
- ■ଅଧିକାରୀଙ୍କୁ ତାଗିଦ୍ କରିବା ସହିତ ଠିକ୍ ଭାବରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

ବାସୁଦେବପୁର, ୨୮/୧୧ (ନି.ପ୍ର): - ବାସୁଦେବପୁର ପଞ୍ଚାୟତ ସମିତି ପକ୍ଷରୁ ସ୍ଥାନୀୟ ନୀଳମଣି ଟାଉନ ହଲ ପରିସରରେ ପଞ୍ଚମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଅଶୋକ କୁମାର ଦାସ,ପଞ୍ଚାୟତ ସମିତି ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଓ ବିଡିଓ ସଞ୍ଜୀବ ସାହୁଙ୍କ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉକ୍ତ ବୈଠକ ରେ ବାସୁଦେବପୁର ପଞ୍ଚାୟତ ସମିତି ର ସଦସ୍ୟ ମାନେ ଉପସ୍ଥିତ ରହି ବିଭିନ୍ନ ବିଭାଗ ର ସମସ୍ୟା ଉପରେ ଆଲୋକପାତ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ବନ ବିଭାଗ, କୃଷି, ସହ ଅନ୍ୟାନ୍ୟ ବହୁ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ରହି ଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ସରପଞ୍ଚ ସୁବାସ ସନ୍ଧି ବିଗ୍ରହ, ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ଚନ୍ଦ୍ର



କାନ୍ତ ମଲ୍ଲିକ, ଅରୁଣ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ମଲିକ, ଆଦିତ୍ୟ ଗିରି, ସଂଯୁକ୍ତା ଦାସ, ଅରୁଣ ମହାନ୍ତି ସହିତ ଉପସ୍ଥିତ ଅନ୍ୟ ସରପଞ୍ଚ , ସମିତି ସଭ୍ୟ ରମେଶ ଚନ୍ଦ୍ର ବଳ ଏବଂ ଉପସ୍ଥିତ ଅନ୍ୟ ସମିତି ସଭ୍ୟ ମାନେ ସାଂସଦ ଓ ବିଧାୟକ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନେକ ସମୟ ଧରି ପଞ୍ଚାୟତ ସମିତି ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଥିଲା। ସୂଚନା ଅନୁଯାୟୀ ରାଜାଘର ପୋଖରୀ ସମିତି ସଭ୍ୟ ରମେଶ ବଳ ପଞ୍ଚାୟତ ରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ସାମିଲ ନ କରିବା ଓ ସୂଚନା ନ ଦେବା ଭଳି ବିଷୟ ଆଲୋଚନା ହୋଇଥିଲା।

# ସ୍ପଞ୍ଜ କାରଖାନାର କଳା ଧୂଆଁରେ ଅତିଷ୍ଠ ବଣେଇବାସୀ

## ଧାନ ଦେବାକୁ ଗଲେ କଳା ଧାନ ଯୋଗୁ ମିଲମାଲିକ ରିଜେକ୍ଟ କରି ଦିଅନ୍ତି, ପ୍ରଶାସନ ନିରବ ଦ୍ରଷ୍ଟା

ବଣାଇଁ,୨୮/୧୧ (ନି.ପ୍ର):ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡର ବ୍ରାହ୍ମଣୀ ନଦୀର ଉଭୟ ପାଶ୍ୱର୍ରେ ଗଢି ଉଠିଥିବା ସ୍ପଞ୍ଜ ଆଇରନ କାରଖାନା ର କଳାଧୂଆଁ ଯୋଗୁଁ ଦିନକୁ ଦିନ ବଣାଇଁ ଅଞ୍ଚଳରେ ପ୍ରଦୂଷଣ ସୀମା ଟପିଲାଣି। କେବଳ ଲୋକଙ୍କୁ ଭୁଆଁ ବୁଲେଇବା ପାଇଁ ଦିନ ବେଳେ ଇଏସପି ଚଳାଉଥିବା ବେଳେ କିନ୍ତୁ ରାତି ସାରା ବିନା ଇଏସପି ରେ କାରଖାନା ଚାଲୁଥିବାରୁ ରାତି ସାରା କଳାଧୂଆଁ ସବୁ ମାଟି ,ପାଣି, ପବନ,ରେ ମିଶି ପ୍ରଦୂଷିତ ହୋଇ ସାରିଲାଣି। ବିଶେଷ ଭାବେ ବଣେଇ ଉପଖଣ୍ଡର କେନ୍ଦ୍ରିକଳା ପଞ୍ଚାୟତ ଓ ରାଜାମୁଣ୍ଡା ପଞ୍ଚାୟତରେ ଗଢିଉଠି ଥିବା ଅନେକ ସ୍ପଞ୍ଜ ଆଇରନ କାରଖାନାରୁ ନିର୍ଗତ ହେଉ ଥିବା କଳା ଧୂଆଁ ସ୍ଥାନୀୟ ଅଞ୍ଚଳକୁ ବିଷ ବଳୟରେ ପରିଣତ କରି ସାରିଲେଣି। ପ୍ରଦୂଷଣ ଯୋଗୁଁ ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳର ଲୋକେ କିଡନୀ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ରାତିରେ ମାତ୍ରାଧିକ ପ୍ରଦୂଷଣ ଯୋଗୁଁ ଲୋକେ ସ୍ୱାସ୍ଥ୍ୟ ସମସ୍ୟା ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି। କୀଡନୀ, ଯକ୍ଷ୍ମା ରୋଗ ସହ ଚର୍ମରୋଗ,ସ୍ୱାସ ଜନୀତ ସମସ୍ୟା ଦୀନକୁ ଦିନ ବଢ଼ିଚାଲିଛି। ସାମାଜିକ ଦାୟିତ୍ୱ ବୋଧ ପାଣ୍ଠିରେ ପ୍ରତ୍ୟେକ ତିନି ଚାରି ମାସରେ ଥରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ଯୋଗାଇ ବାକୁ କମ୍ପାନୀ କର୍ତ୍ତୃପକ୍ଷ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ ମଧ୍ୟ ସେ ସବୁ ପ୍ରତି କୌଣସି ସ୍ପଞ୍ଜ କାରଖାନା ଗୁରୁତ୍ୱ ଦେଉନାହାନ୍ତି। ପ୍ରଦୂଷଣ ବିଭାଗ ଓ ସ୍ଥାନୀୟ ପ୍ରଶାସନର ନିରବତା ଯୋଗୁଁ ପ୍ରାକୃତିକ ପରିବେଶ ଓ ଶସ୍ୟ ଶ୍ୟାମଳା ଥିବା ବଣାଇଁ ଅଞ୍ଚଳ ଏବେ ପ୍ରଦୂଷିତ ହୋଇ ସାରିଲାଣି। ଏଠାରେ ପ୍ରଦୂଷଣ ଆଇନର ଖୋଲା ଉଲ୍ଲଂଘନ କରା ଯାଉଥିଲେ ମଧ୍ୟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବର୍ଷ ବର୍ଷ ଧରି ହାତବାନ୍ଧି ବସିଛି। ଯାହା ଫଳରେ ନିକଟରେ ଥିବା ସ୍କୁଲ , ଅଙ୍ଗନବାଡ଼ି କେନ୍ଦ୍ରର ଶ୍ରେଣୀ କକ୍ଷରେ ମଧ୍ୟ କଳା ଗୁଣ୍ଡର ଆସ୍ତରଣ ପଡିଥିବା ବେଳେ ଛୋଟ ଛୋଟ ପିଲାମାନେ ହାତ ଗୋଡ ଚାରିପଟେ କଳା ଗୁଣ୍ଡର ସଂସ୍ପର୍ଶରେ ଆସି ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଛଲତା, ପନିପରିବା, କୂଅ, ପୋଖରୀ ଚାରିଆଡ଼େ ବିଷାକ୍ତ କଳାଗୁଣ୍ଡ ପଡ଼ି ପାଣିକୁ ପ୍ରଦୂଷିତ କରୁଛି। ଯାହା କୁ ପିଇ ଗୃହ ପାଳିତ ପଶୁ, ପକ୍ଷୀ ସମସ୍ତେ ରୋଗା ଗ୍ରସ୍ତ ହେଉଛନ୍ତି। ସେହିପରି ଭାବେ କାରଖାନାରୁ ନିର୍ଗତ ବିଷାକ୍ତ କଳା ପାଉଁଶ କୁ ନେଇ ବଣାଇଁ, କେନ୍ଦ୍ରିକଳା , କେନଡେଟା, ଗୋବିନ୍ଦପୁର ଇତ୍ୟାଦି ପଞ୍ଚାୟତ ର ରାସ୍ତା ଘାଟ ଏବଂ ଅନେକ ସରକାରୀ ଖାଲ ଜମିରେ ଫିଙ୍ଗି ଦିଆଯାଉଛି, ବର୍ଷ ବର୍ଷ ଧରି ଏଭଳି ବେଆଇନ କାର୍ଯ୍ୟ ଚାଲୁଥିଲେ ମଧ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉନାହିଁ। କେବଳ ଧର୍ମକୁ ଆଖିଠାର ଭଳି କିଛି ଟଙ୍କା ଫାଇନ କରି ବିଭାଗ ନିଜର କାର୍ଯ୍ୟ ସାରିଦେଉଛି। ମାଟିରେ କଳା ପାଉଁଶ ମିଶି ବିଷାକ୍ତ ହେବା ଯୋଗୁ ରୋପଣ ହୋଇଥିବା ଫଳ ଗଛ ଗୁଡିକ ମଧ୍ୟ ଏହାର ପ୍ରଭାବରେ ଶୁଖିଲା ହୋଇ ମରିଯାଉଛି। ବଣେଇ ଅଞ୍ଚଳ ଏକ ଚାଷ ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ଏଠାରେ ପ୍ରାୟ ଶତକଡା ୭୦ ଭାଗ ଲୋକ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି କିନ୍ତୁ ଧାନ ଗଛ ଉପରେ ସ୍ପଞ୍ଜ କାରଖାନାର କଳା ଡଷ୍ଟ୍ ପଡ଼ି ଧାନ ମଧ୍ୟ



କଳା ହୋଇ ଯାଉଚି ଯାହା ଫଳରେ ଜଣେ ଚାଷୀ ଧାନ ମଣ୍ଡିକୁ ନିଜ ଧାନ ବିକ୍ରି କରିବା ପାଇଁ ଗଲା ବେଳେ ଧାନ କଳା ହୋଇ ଥିବା ଯୋଗୁ ମିଲ ମାଲିକ ଧାନକୁ ରିଜେକ୍ଟ କରି ଦେଉଛନ୍ତି ଫଳରେ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛି ।ତେଣୁ ବେଆଇନ ଭାବେ ପ୍ରଦୂଷଣ କରି ଲୋକଙ୍କ ଜୀବନ ସହ ଖେଳୁଥିବା ଏସବୁ କାରଖାନା ପ୍ରତି ସ୍ଥାନୀୟ ପ୍ରଶାସନ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଗକୁ କଠୋର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ